R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୦୧
ତିଥି: ଏକାଦଶୀ
୧୪ ଜାନୁଆରୀ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 101
14 January 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ଇରାନ ବିକ୍ଷୋଭ : ଗଲାଣି ଦୁଇ ହଜାର ଜୀବନ

## ■ ବିକ୍ଷୋଭକାରୀଙ୍କୁ ଟ୍ରମ୍ପଙ୍କ ଅଭୟବାଣୀ
## ■ 'ବିକ୍ଷୋଭ ଜାରି ରଖ, ସାହାଯ୍ୟ କରିବି'




ନୂଆଦିଲ୍ଲୀ, ୧୩।୧ : ଇରାନରେ ଦେଖାଯାଇଥିବା ସରକାରୀ ବିରୋଧୀ ପ୍ରତିବାଦରେ ପ୍ରାୟ ୨ ହଜାର ଲୋକଙ୍କର ଜୀବନ ଗଲାଣି । ଏହା ମଧ୍ୟରେ ସୁରକ୍ଷା କର୍ମଚାରୀ ମଧ୍ୟ ଅଛନ୍ତି । ଇରାନ ସରକାରଙ୍କ ପକ୍ଷରୁ ପ୍ରଥମ ଥର ଲାଗି ଏହି ସୂଚନା ଦିଆଯାଇଛି । ପ୍ରାୟ ଦୁଇ ସପ୍ତାହ ଧରି ଦେଶ ବ୍ୟାପି ଏହି ପ୍ରତିବାଦ ଜାରି ରହିଛି । ତେବେ ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ପ୍ରତିବାଦକାରୀମାନଙ୍କୁ ବିକ୍ଷୋଭ ଜାରି ରଖିବାକୁ କହିବା ସହ ସେମାନଙ୍କୁ ଯେ କୌଣସି ବାଟରେ ସାହାଯ୍ୟ କରାଯିବ ବୋଲି କହିଛନ୍ତି । ଟ୍ରମ୍ପ କହିଛନ୍ତି ଯେ ଇରାନୀୟ ଦେଶପ୍ରେମୀମାନେ ପ୍ରତିବାଦ ଜାରି ରଖିବା ସହ ବିଭିନ୍ନ ସଂସ୍ଥାକୁ ନିଜ ଅକ୍ତିଆରକୁ ନିଅନ୍ତୁ । ଯେଉଁମାନେ ସେମାନଙ୍କୁ ମାରିଛନ୍ତି ସେମାନଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ । ସବୁ ଇରାନ ଅଧିକାରୀଙ୍କ ସହ ମୋର ବୈଠକ ବାତିଲ କରିଛି । ଯେ ପର୍ଯ୍ୟନ୍ତ ସେମାନେ ପ୍ରତିବାଦକାରୀଙ୍କୁ ହତ୍ୟା କରିବା ବନ୍ଦ ନ କରିବେ ସେ ପର୍ଯ୍ୟନ୍ତ କୌଣସି ବୈଠକ ହେବନାହିଁ ବୋଲି ଟ୍ରମ୍ପ କହିଛନ୍ତି ।

ଇରାନ ଅଧିକାରୀମାନେ କହିଛନ୍ତି ଯେ ଏହି ମୃତକଙ୍କ ମଧ୍ୟରେ ସୁରକ୍ଷାକର୍ମୀ ଓ ପ୍ରତିବାଦକାରୀ ଅଛନ୍ତି । ପ୍ରତିବାଦକାରୀଙ୍କୁ ଆତଙ୍କବାଦୀ ଭାବେ ଆମେ ଘୋଷଣା କରୁଛୁ । ଇରାନରେ ସୃଷ୍ଟି ହୋଇଥିବା ଆର୍ଥିକ ସ୍ଥିତିକୁ ନେଇ ଏହି ବିକ୍ଷୋଭ ଚାଲିଛି । ଇରାନ କର୍ତ୍ତୃପକ୍ଷଙ୍କ ପାଇଁ ଏହା ସବୁଠୁ ବଡ ଆଭ୍ୟନ୍ତରୀଣ ଆହ୍ୱାନ ହୋଇଛି । ଗତ ୩ ବର୍ଷ ମଧ୍ୟରେ ଏଭଳି ଆହ୍ୱାନର କେବେ ସମ୍ମୁଖୀନ ହୋଇନଥିଲେ । ଏବେ ଇସ୍ରାଏଲ ଓ ଆମେରିକାର ମଧ୍ୟ ଚାପ ପଡୁଛି । ୧୯୭୮ରେ ଇସ୍ଲାମିକ ବିପ୍ଳୋବ ହୋଇଥିଲା । ପ୍ରତିବାଦକାରୀଙ୍କୁ ମଧ୍ୟ ଦମନ କରାଯାଇଥିଲା । ସରକାରୀ ବିରୋଧୀ ଆନ୍ଦୋଳନକୁ ଦମନ କରିବା ପାଇଁ ସୁରକ୍ଷାକର୍ମୀମାନେ ଗୁଳି ମାଡ କରିବାରୁ ବିକ୍ଷୋଭକାରୀଙ୍କ ମୃତ୍ୟୁ ହୋଇଛି । ଗତବର୍ଷ (୯ ପୃଷ୍ଠାରେ)

# ଭଙ୍ଗାହେବ ରାଜୀବ ଭବନ

ଭୁବନେଶ୍ୱର, ୧୩।୧ : ନୂଆ ବିଧାନସଭା ଓ ଲୋକସେବା ଭବନ ନିର୍ମାଣ କରାଯିବ । ଏଥିପାଇଁ ୯ ତାଲା ରାଜୀବ ଭବନ ଓ ସେଚ ସଦନକୁ ଭଙ୍ଗାଯିବ । ଏସବୁ କଥାକୁ ବିପଦ ଶଙ୍କୁଳ ବୋଲି ଘୋଷଣା କରାଯାଇଛି । ବର୍ତ୍ତମାନର ବିଧାନସଭା କୋଠାକୁ ଭଙ୍ଗାଯିବ ନାହିଁ । ଏହାକୁ ସନ୍ତକ ଭାବେ ରଖାଯିବ । ଭବିଷ୍ୟତରେ ଏହାକୁ ସଂଗ୍ରହାଳୟ ଭାବେ ବ୍ୟବହାର କରାଯିବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ ତିନୋଟି ପର୍ଯ୍ୟାୟରେ ଲୋକସେବା ଭବନ ନିର୍ମାଣ କରାଯିବ । ପ୍ରଥମ ପର୍ଯ୍ୟାୟରେ ଲୋକସେବା ଭବନର ମୁଖ୍ୟ ଅଫିସଟି ଖାରବେଳ ଭବନ ନିକଟରେ ହେବ । ଏହା ପରେ ପାୱାର ହାଉସ ନିକଟକୁ ଲାଗି ଥିବା ଏଡିଏମ୍ ଅଫିସ ପାଖରେ ନୂତନ ଲୋକସେବା ଭବନ ନିର୍ମାଣ କରାଯିବ । ତେବେ (୯ ପୃଷ୍ଠାରେ)

# କେନ୍ଦୁଝରରେ ୧୯୦୦ କୋଟିର ୭୧ ପ୍ରକଳ୍ପ



ଭୁବନେଶ୍ୱର, ୧୩।୧ (ସବ୍ୟ) : ଏହି ସମୟ କେନ୍ଦୁଝର ବିକାଶ ପାଇଁ ଠିକ ସମୟ । ଯହି ସମୟ ହେ, କେନ୍ଦୁଝର ବିକାଶ କେଲିଏ, ବିଲକୁଲ ସହି ସମୟ ହେ। ଆଜି କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଇଁ ୧୯୦୦ କୋଟିରୁ ଊର୍ଦ୍ଧ୍ୱ ୭୧ଟି ପ୍ରକଳ୍ପର ଶୁଭଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ସୂଚନାଯୋଗ୍ୟ, ଆଜି ସମୁଦାୟ ୧୭୦୮ କୋଟି ଟଙ୍କା ମୂଲ୍ୟର ୩୫ ଟି ପ୍ରକଳ୍ପର ଶିଳାନ୍ୟାସ କରାଗଲା ଏବଂ ପ୍ରାୟ ୧୯୪ କୋଟି ଟଙ୍କାର ପ୍ରକଳ୍ପର ଲୋକାର୍ପଣ କରାଗଲା । ଏଥିରେ କେନ୍ଦୁଝରର ସ୍କୁଲ, ହଷ୍ଟେଲ, ଇରିଗେସନ, ପାର୍କିଂ ଜୋନ, ରାସ୍ତା ନିର୍ମାଣ, ପୋଖରୀ ଉନ୍ନତିକରଣ, ପର୍ଯ୍ୟଟନ ପ୍ରକଳ୍ପ, ଲାଇବ୍ରେରୀ, କ୍ୟାରିଅର କାଉନ୍ସେଲିଂ ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନବାଡ଼ି ବିଲ୍ଡିଂ ଇତ୍ୟାଦି ରହିଛି ।

ପୂର୍ବରୁ ଘୋଷଣା ଅନୁଯାୟୀ କେନ୍ଦୁଝରରେ ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର ପାଇଁ ୫୦ କୋଟି ଟଙ୍କା ବିନିଯୋଗରେ ଶିଳାନ୍ୟାସ କରାଗଲା ଏବଂ ୩୮ କୋଟି ୨୨ ଲକ୍ଷ ଟଙ୍କାରେ ୧୪୭ଟି ମଡେଲ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ପାଇଁ ମଧ୍ୟ ଶିଳାନ୍ୟାସ କରାଗଲା । ୧୦୧ କୋଟି ଟଙ୍କା ବିନିଯୋଗରେ ୬ଟି ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ (୯ ପୃଷ୍ଠାରେ)

# ଚାରିଦିନ ଜାଡ଼ରୁ ନିସ୍ତାର ନାହିଁ

ଭୁବନେଶ୍ୱର, ୧୩।୧ (ସବ୍ୟ): ରାଜ୍ୟରେ ପୁଣି ହାଡ ଥରା ଜାଡ ଫେରିଛି । ଉପକୂଳଠୁ ଆଭ୍ୟନ୍ତରୀଣ ଯାଏଁ ସବୁଠି ରାତିର ତାପମାତ୍ରା ସ୍ୱାଭାବିକ ଠାରୁ ୨ ରୁ ୪ ଡିଗ୍ରୀ ଯାଏଁ କମ୍ ରହିଛି । ଦାରିଙ୍ଗବାଡି ଜିଲ୍ଲାର ଜି. ଉଦୟଗିରିରେ ରାତିର ପାରଦ ୪.୬ ଡିଗ୍ରୀ ରେକର୍ଡ ହୋଇଛି । ଆସନ୍ତା ସପ୍ତାହେ ଯାଏଁ ଶୀତ ପ୍ରକୋପରୁ ନିସ୍ତାର ମିଳିବ ନାହିଁ । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ।

ଶ୍ରୀ ଦାଶ ଏକ୍ସରେ କହିଛନ୍ତି, ରାଜ୍ୟରେ ୧୭ ତାରିଖ ଯାଏଁ ଜାରି ରହିବ ଶୀତ । ୧୭ ତାରିଖ (୯ ପୃଷ୍ଠାରେ)

# ୧୮ ସୁଦ୍ଧା ମିଳିବ 'ସୁଭଦ୍ରା' ଟଙ୍କା

ଭୁବନେଶ୍ୱର, ୧୩।୧ (ସବ୍ୟ): ଆଗାମୀ ୧୮ ତାରିଖ ଭିତରେ ମିଳିବ "ସୁଭଦ୍ରା' ଟଙ୍କା । ଆଜି(ମଙ୍ଗଳବାର) ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ମହିଳାଙ୍କୁ ଆତ୍ମନିର୍ଭର ସଶକ୍ତ କରିବା ପାଇଁ ଆରମ୍ଭ ହୋଇଛି "ସୁଭଦ୍ରା' ଯୋଜନା । ବର୍ଷକରେ ୫ହଜାର ଲେଖାଏଁ ଦୁଇଟି କିସ୍ତି ୧୦ ହଜାର ମିଳିବ । ଏଭଳି ୫ବର୍ଷରେ ୫୦ହଜାର ଟଙ୍କା ପାଇବେ । ଏହାରି ମଧ୍ୟରେ ମହିଳାମାନେ ତିନୋଟି କିସ୍ତି ପାଇ ସାରିଛନ୍ତି । (୯ ପୃଷ୍ଠାରେ)







# ମାଞ୍ଜାସୂତା ଲାଗି ଯୁବକ ଗୁରୁତର

ଭୁବନେଶ୍ୱର, ୧୩।୧ (ସବ୍ୟ) : ରାଜଧାନୀ ପୋଖରୀପୁଟ ଅଞ୍ଚଳରେ ମାଞ୍ଜାସୂତା ଲାଗି ଜଣେ ଯୁବକ ଗୁରୁତର ହୋଇଛନ୍ତି । ଅବସ୍ଥା ଭଲ ନଥିବାରୁ ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

ପୋଖରୀପୁଟ ଅଞ୍ଚଳ ରାସ୍ତାରେ ଯାଉଥିଲେ କଳ୍ପନା ଛକ ଅଞ୍ଚଳର ଜଣେ ଯୁବକ । ସେ ଦ୍ରୁତ ଗତିରେ ବାଇକ୍‌ରେ ଯାଉଥିବାରୁ ରାସ୍ତାର ଏକଡ ସେକଡ ହୋଇ ଲମ୍ବିଥିବା ଗୁଡିର ମାଞ୍ଜାସୂତା ତାଙ୍କ ବେକ ଓ ହାତରେ ଲାଗିବାରୁ ସେ ଛନ୍ଦି ହୋଇ ତଳେ ପଡିଯାଇଥିଲେ । (୯ପୃଷ୍ଠାରେ)

# ଅନଲାଇନ୍‌ରେ ହେବ ଖାତା ଦେଖା

ଭୁବନେଶ୍ୱର, ୧୩।୧ (ସବ୍ୟ): ରାଜ୍ୟରେ ଯୁକ୍ତ ୨ ଖାତା ଦେଖା ଅନଲାଇନରେ ମାଧ୍ୟମରେ ହେବ । ସ୍ୱଚ୍ଛ, ନିରପେକ୍ଷ, ସମୟାନୁବର୍ତ୍ତିତା ପାଇଁ ଏହି ବ୍ୟବସ୍ଥା କରାଯିବ । ଏନେଇ ପ୍ରସ୍ତାବ ଯାଇଛି, ଅନୁମତି ମିଳିଲେ ହିଁ କାର୍ଯ୍ୟକ୍ଷମ କରାଯିବ। ତେବେ ପୂର୍ବରୁ କେବଳ ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ଖାତା ଅନଲାଇନରେ ମୂଲ୍ୟାୟନ ହେଉଥିଲା । ହେଲେ ଏବେ ସମସ୍ତ ବିଭାଗର ଖାତା ଅନଲାଇନରେ ଦେଖାଯିବାକୁ ପ୍ରସ୍ତାବ ଦିଆଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଏନେଇ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ଯୁକ୍ତ ଦୁଇ ପ୍ରାକଟିକାଲ୍ ପରୀକ୍ଷା ଆରମ୍ଭ ହୋଇସାରିଛି । (୯ ପୃଷ୍ଠାରେ)

# ଓଡ଼ିଶାର ପର୍ବ ମକର



ସଂକ୍ରାନ୍ତି ହେଉଛି ସୂର୍ଯ୍ୟଙ୍କର ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଚଳନ କରିବାର ଦିନ । ପ୍ରତି ସଂକ୍ରାନ୍ତିରେ ସୂର୍ଯ୍ୟ ଗୋଟିଏ ଲେଖାଏଁ ରାଶିକୁ ଗମନ କରି ଉକ୍ତ ରାଶିରେ ଏକ ମାସ ଅବସ୍ଥାନ କରନ୍ତି । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଉତ୍ତରାୟଣ ହୋଇ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରିଥାନ୍ତି । ଏହି ଦିନ ସୂର୍ଯ୍ୟ ଉତ୍ତରଦିଗକୁ ଯାତ୍ରା କରି ଛଅମାସ ଅବସ୍ଥାନ କରୁଥିବା ବେଳେ ଏହି ସମୟରେ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ ଓ ମନ୍ଦିର ପ୍ରତିଷ୍ଠା ଆଦି ଶୁଭ କର୍ମ ପାଇଁ ପ୍ରକୃଷ୍ଟ ସମୟ ବୋଲି ଧରାଯାଏ। ସୂର୍ଯ୍ୟଙ୍କ ଉପାସନା ଦ୍ୱାରା ଶାରୀରିକ, ଭୌତିକ ଓ ମାନସିକ ସମସ୍ୟାରୁ ମୁକ୍ତି ମିଳିଥାଏବୋଲି ବିଶ୍ୱାସ ରହିଛି। ମକର ସଂକ୍ରାନ୍ତିକୁ ନେଇ ଭାରତୀୟ ସଂସ୍କୃତିରେ ଏକାଧିକ ବିଶ୍ୱାସ ରହିଛି । ଏହି ଦିନ ଗଙ୍ଗାମାତା ଭାଗୀରଥିଙ୍କ ପଛେପଛେ ଆସି ସାଗରରେ ମିଶିଥିଲେ ବୋଲି ବର୍ଣ୍ଣନା ରହିଛି । ଏହି ତିଥିରେ ମାତା ଯଶୋଦା ଶ୍ରୀକୃଷ୍ଣଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ । ଏହି ଦିନ ଚାଉଳ ଓ ଡାଲିରେ ତିଆରି ଖେଚେଡ଼ି ଖାଇବାର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ଚାଉଳ କୁ ଚଂଦ୍ରମା ଓ ଡାଲିକୁ ଶନିଙ୍କ ପ୍ରତୀକ ଭାବରେ ଗ୍ରହଣ କରାଯାଏ L ସେହିପରି ଅନ୍ୟ ସବୁଜ ପରିବା ଗୁଡ଼ିକୁ ବୁଧଙ୍କ ପ୍ରତୀକ କୁହାଯାଏ L ଏସବୁର ସମ୍ପର୍କ ମଙ୍ଗଳ ଓ ସୂର୍ଯ୍ୟଙ୍କ ସହ ରହିଥିବାରୁ ଏହି ସବୁର ଖେଚେଡ଼ି ସେବନ କଲେ ଏଥିସହ ସଂପର୍କିତ ଗ୍ରହଙ୍କ ସକରାତ୍ମକ ପ୍ରଭାବ ବ୍ୟକ୍ତିର ଜୀବନ ଉପରେ ପଡୁଥିବା ବିଶ୍ୱାସ କରାଯାଏ । ଏକ ପୌରାଣିକ କଥାବସ୍ତୁ ଅନୁଯାୟୀ ମକର ସଂକ୍ରାନ୍ତିରେ ରାଶି ଖାଇବାର ଅନ୍ୟ ପରମ୍ପରା ବହୁଦିନରୁ ଚାଲିଆସିଛି। ବୈଜ୍ଞାନିକ ଦୃଷ୍ଟି କୋଣରୁ ଯଦି ବିଚାର କରାଯାଏ ତେବେ ଏହି ସମୟରେ ଦେଶର ଅନେକ ସ୍ଥାନରେ ଶୀତ ଲହରୀ ଜାରି ରହିଥିବାରୁ ପ୍ରବଳ ଶୀତ ଅନୁଭୂତ ହେଉଥାଏ, ପୁନଶ୍ଚ ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ଗୋଟିଏ ରାଶିକୁ ଗତି କଲେ ପାଣିପାଗରେ ମଧ୍ୟ ପରିବର୍ତ୍ତନ ଆସିଥାଏ । ଫଳରେ ଏହି ସମୟରେ ନାନା ରୋଗର ଆଶଙ୍କା ରହିଥାଏ । ରାଶି ଓ ଖେଚୁଡ଼ିରେ ଅନେକ ପୋଷକ ତତ୍ତ୍ୱ ରହିଥିବାରୁ ଏହା ଶରୀରକୁ ଗରମ ରଖିବା ସହ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ । ମକର ସଂକ୍ରାନ୍ତିରେ ଶ୍ରୀମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତି ପରେ ଶ୍ରୀଜିଉ ମାନଙ୍କର ପଟା ପହରଣ କରାଯାଇ ମକର ଲାଗି କରାଯାଏ । ଏହା ପରେ କର୍ପୂର ଲାଗି ହୋଇ ଶ୍ରୀବିଗ୍ରହ ମାନଙ୍କୁ ବେଶ କରାଯାଇଥାଏ । ଓଡ଼ିଶା ସମେତ ଗୋଆ, ହରିଆଣା, ବିହାର, ଝାରଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ, ଆଦିରେ ମକର ସଂକ୍ରାନ୍ତି ଓ କର୍ଣ୍ଣାଟକ, କେରଳ, ଆନ୍ଧ୍ର ପ୍ରଦେଶରେ ସଂକ୍ରାନ୍ତି ପର୍ବ ଭାବରେ ପାଳନ କରାଯାଉଥିବା ବେଳେ ତାମିଲନାଡୁରେ ପୋଙ୍ଗଲ, ପଞ୍ଜାବରେ ଲୋହଡ଼ି, ହରିଆଣା ଓ ହିମାଚଳ ପ୍ରଦେଶରେ ମାଘି ଓ ଉତ୍ତର ପ୍ରଦେଶ ଓ ପଶ୍ଚିମ ବିହାରରେ ଏହାକୁ ଖିଚିଡ଼ି ସଂକ୍ରାନ୍ତି ଭାବରେ ପାଳନ କରାଯାଇଥାଏ। ସେହିପରି ବଙ୍ଗରେ ପୌଷ ସଂକ୍ରାନ୍ତି, କାଶ୍ମୀରରେ ଶିଶୁର୍ ସେକ୍ରାନ୍ତି ଏବଂ କର୍ଣ୍ଣାଟକରେ ମକର ସଂକ୍ରାନ୍ତି, ତିଲୁଡ୍ ପର୍ବ ଭାବେ ଜଣାଯାଏ ।

**ବୈଷ୍ଣବ ମେହେର**
**ସିନାପାଲି, ନୂଆପଡ଼ା**


**ମକର ସଂକ୍ରାନ୍ତିକୁ ନେଇ ଏଭଳି କିଛି ତଥ୍ୟ ରହିଛି ଯାହା ତାକୁ ପର୍ବମାନଙ୍କ ଭିତରେ ଅଲଗା କରିଥାଏ । ଆସନ୍ତୁ ପଢିବା ସେହିଭଳି କିଛି ଜଣା ଅଜଣା ତଥ୍ୟ ସମ୍ପର୍କରେ ।**

- କ୍ୟାଲେଣ୍ଡର ଅନୁଯାୟୀ ଏହି ସବୁବେଳେ ଗୋଟିଏ ଦିନରେ ପଡିଥାଏ । ହେଲେ ଅନ୍ୟ ପର୍ବଙ୍କର ମାସ ଓ ତାରିଖ ବଦଳିଥାଏ ।
- ଏହି ଦିନ ରାତି ଓ ଦିନର ଲମ୍ବ ସମାନ ଥାଏ ।
- ଏହି ଦିନ ଲୋକମାନଙ୍କୁ ବାହାରେ ବେଶି ସମୟ କାଟିବାର ସୂଚନା ଦେଇଥାଏ । କାରଣ ଏହି ଦିନ ଠାରୁ ବସନ୍ତ ଋତୁର ଆଗମନ ହୋଇଥାଏ ।
- ଏହି ପର୍ବରେ ରାଶି, ଗୁଡର ଲଡୁ ଖିଆଯାଇଥାଏ । ଏହା ଶୀତଦିନେ ଦେହ ପାଇଁ ଭଲ ହୋଇଥାଏ । ତେଣୁ ସ୍ୱାସ୍ଥ୍ୟକୁ ଆଖିରେ ରଖି ଏହି ପର୍ବକୁ ପାଳନ କରାଯାଇଥାଏ।
- ପ୍ରତି ସ୍ଥାନରେ ଭିନ୍ନଭିନ୍ନ ନାମରେ ଏହାକୁ ସମ୍ବୋଧନ କରାଯାଇଥାଏ ।
- ଏହି ଦିନ ଖିର ଉତୁରାଇବାର ନିୟମ ରହିଛି । କିଛି ସ୍ଥାନରେ ଖିରକୁ ଅଧିକ ସମୟ ଫୁଟାଯାଇଥାଏ ଯାହା ଫଳରେ ଏହା ପାତ୍ରର ବାହାରକୁ ଆସିବ । ଏହା ଶୁଭ ହୋଇଥାଏ।

**ଜଣା ଅଜଣା**



# ପୋଙ୍ଗଲ



ମକର ସଂକ୍ରାନ୍ତି ସମୟରେ ଦକ୍ଷିଣ ଭାରତରେ ପାଳନ କରାଯାଉଥିବା ପୋଙ୍ଗଲ ଏକ ପ୍ରମୁଖ କୃଷି ଭିତ୍ତିକ ପର୍ବ। ବିଶେଷ କରି ତାମିଲନାଡୁରେ ଏହାକୁ ଅତି ଉତ୍ସାହର ସହ ଚାରି ଦିନ ଧରି ପାଳନ କରାଯାଏ। ଏହି ପର୍ବ ପ୍ରକୃତି, ସୂର୍ଯ୍ୟ ଦେବତା ଏବଂ ଗୋମାତାଙ୍କୁ କୃତଜ୍ଞତା ଜଣାଇବା ପାଇଁ ଏକ ସୁନ୍ଦର ମାଧ୍ୟମ । ପୋଙ୍ଗଲର ଅର୍ଥ ହେଉଛି "ଉତୁରିବା" ବା "ଅଧିକ ହେବା" । ଏହି ଦିନ ନୂଆ ଚାଉଳ, ଗୁଡ଼ ଏବଂ କ୍ଷୀରକୁ ମାଟି ହାଣ୍ଡିରେ ରନ୍ଧାଯାଏ । ଯେତେବେଳେ ଏହି ମିଠା ଭାତ ହାଣ୍ଡିରୁ ଉତୁରି ପଡ଼େ, ସେତେବେଳେ ଲୋକମାନେ "ପୋଙ୍ଗଲୋ ପୋଙ୍ଗଲ" ବୋଲି ଆନନ୍ଦରେ କହିଥାଆନ୍ତି, ଯାହା ସମୃଦ୍ଧିର ପ୍ରତୀକ ଅଟେ । ଏହି ପର୍ବର ଚାରିଦିନ ଧରି ପାଳନ ହୋଇଥାଏ । ଯଥା ଭୋଗୀ, ସୂର୍ଯ୍ୟ ପୋଙ୍ଗଲ, ମାଟ୍ଟୁ ପୋଙ୍ଗଲ ଏବଂ କାନୁମ ପୋଙ୍ଗଲ । ପ୍ରଥମ ଦିନରେ ପୁରୁଣା ଜିନିଷକୁ ପୋଡ଼ି ନୂତନତାକୁ ସ୍ୱାଗତ କରାଯାଏ ଏବଂ ତୃତୀୟ ଦିନରେ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିବା ଗୋରୁଗାଈଙ୍କୁ ପୂଜା କରାଯାଏ। ଘର ଆଗରେ ରଙ୍ଗବେରଙ୍ଗର 'କୋଲମ' (ଝୋଟି) ପକାଯାଇ ପରିବେଶକୁ ଉତ୍ସବମୁଖର କରାଯାଏ । ପୋଙ୍ଗଲ କେବଳ ଏକ ପର୍ବ ନୁହେଁ, ବରଂ ଏହା ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ଏକ ପ୍ରତିଫଳନ ।

# ସ୍ୱତନ୍ତ୍ର ଖାଦ୍ୟ



## ସକ୍କରାଇ ପୋଙ୍ଗଲ



**ସାମଗ୍ରୀ:** ଅରୁଆ ଚାଉଳ,ମୁଗ ଡାଲି, ଗୁଣ୍ଡ ଗୁଡ଼, ଘିଅ, କାଜୁ ଓ କିସମିସ, ଅଳେଇଚ ଗୁଣ୍ଡ, କ୍ଷୀର ।

**ପ୍ରଣାଳୀ:** ପ୍ରଥମେ ଏକ କଡ଼େଇରେ ମୁଗ ଡାଲିକୁ ସାମାନ୍ୟ ଭାଜି ଦିଅନ୍ତୁ। ଏହାପରେ ଚାଉଳ ଏବଂ ଭଜା ଡାଲିକୁ ଭଲଭାବେ ଧୋଇ ଦିଅନ୍ତୁ । ଏଥିରେ ୪ କପ୍ ପାଣି ଏବଂ ଅଳ୍ପ କ୍ଷୀର ଦେଇ ପ୍ରେସର କୁକରରେ ୪-୫ଟି ସିଟି ଦେଇ ଭଲ ଭାବେ ସିଝାଇ ଦିଅନ୍ତୁ । ଅନ୍ୟ ଏକ ପାତ୍ରରେ ଗୁଡ଼ ସହିତ ଅଧ କପ୍ ପାଣି ମିଶାଇ ଗରମ କରନ୍ତୁ। ଗୁଡ଼ ମିଳେଇଗଲେ ଏହାକୁ ଛାଣି ଦିଅନ୍ତୁ । ବର୍ତ୍ତମାନ ସିଝା ହୋଇଥିବା ଚାଉଳ-ଡାଲିକୁ ସାମାନ୍ୟ ଚକଟି ଦିଅନ୍ତୁ ଏବଂ ସେଥିରେ ଗୁଡ଼ ପାଗ ମିଶାଇ ଧୀମା ଆଞ୍ଚରେ ୫ ମିନିଟ୍ ଫୁଟାନ୍ତୁ। ଏହାପରେ ଏକ ଛୋଟ ପାତ୍ରରେ ଘିଅ ଗରମ କରି କାଜୁ ଓ କିସମିସକୁ ସୁନେଲି ରଙ୍ଗ ହେବା ଯାଏଁ ଭାଜନ୍ତୁ । ଶେଷରେ ଏହି ଭଜା କାଜୁ, କିସମିସ ଏବଂ ଅଳେଇଚ ଗୁଣ୍ଡକୁ ପୋଙ୍ଗଲରେ ମିଶାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଯିବ ସୁଆଦିଆ ସକ୍କରାଇ ପୋଙ୍ଗଲ।

## ମକର ଚାଉଳ



**ସାମଗ୍ରୀ:** ବତୁରା ହୋଇଥିବା ଅରୁଆ ଚାଉଳ, କୋରା ନଡ଼ିଆ, ଗୁଡ଼, ଛେନା, ଖୀର ବା ଦହି, କଦଳୀ, କଟା ସେଓ, ଅଙ୍ଗୁର, ଡାଳିମ୍ବ , ଗୋଲମରିଚ ଗୁଣ୍ଡ , ଛେଚା ଅଦା, ଅଳେଇଚ ଗୁଣ୍ଡ , କାଜୁ, କିସମିସ।

**ପ୍ରସ୍ତୁତି** - ପ୍ରଥମେ ଭିଜା ଚାଉଳକୁ ଧୋଇ ଦିଅନ୍ତୁ । ଏହାକୁ ଅଧା-କୁଟା କରନ୍ତୁ କିମ୍ବା ଗୋଟା ମଧ୍ୟ ରଖିପାରିବେ। ଏହାପରେ ଏକ ବଡ଼ ପାତ୍ରରେ ଚାଉଳ, ପାଚିଲା କଦଳୀ, ଛେନା ଏବଂ ଗୁଡ଼ ପକାଇ ଭଲଭାବେ ହାତରେ ଚକଟି ଦିଅନ୍ତୁ । ଏବେ ଏଥିରେ କୋରା ନଡ଼ିଆ ଏବଂ କ୍ଷୀର ମିଶାନ୍ତୁ। ମିଶ୍ରଣଟି ଯେପରି ଅଧିକ ପତଳା ନହୁଏ, ସେଥିପ୍ରତି ଧ୍ୟାନ ଦେବେ।

ଶେଷରେ ଏଥିରେ ସ୍ୱାଦ ବଢ଼ାଇବା ପାଇଁ ଛେଚା ଅଦା, ଗୋଲମରିଚ ଗୁଣ୍ଡ, କଟା ସେଓ, ଅଙ୍ଗୁର ଏବଂ କାଜୁ-କିସମିସ , ଅଳେଇଚ ଗୁଣ୍ଡ ମିଶାନ୍ତୁ।

**ମାଘମାସ କୃଷ୍ଣପକ୍ଷ ଏକାଦଶୀ**
**୧୪.୧.୨୦୨୬ ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮ ୯୧୭୨୮ ୪୩୩୮

**ମେଷ:** ମନସ୍ତାପ, ଗୁରୁଜନେ ସମସ୍ୟା, ଅର୍ଥସମସ୍ୟା ରହିବ, ବନ୍ଧୁଅପମାନ, ଶରୀର ସୁସ୍ଥ, ଲୋକସମ୍ପର୍କ, ଗାଡ଼ିମୋଟର ଚାଳନାରେ ସାବଧାନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଲାଭ କମ୍ ଖର୍ଚ୍ଚ ଅଧିକ, ପାରିବାରିକ ସମସ୍ୟା, ବିଦ୍ୟାଲାଭ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୪, ଆରାଧନା- ମା ବଗଳାମୁଖୀ ।

**ବୃଷ-** ଗୃହେ ଉତ୍ସବ, ଲୋକସମ୍ପର୍କରେ ଉନ୍ନତି, ଆର୍ଥିକ ସମସ୍ୟା ସମାଧାନ, ସନ୍ତାନ ଖୁସି, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ବ୍ୟବସାୟରେ ଉନ୍ନତି, ସମସ୍ୟା ସମାଧାନ, କର୍ମକ୍ଷେତ୍ରରେ ପ୍ରଶଂସା, ସମ୍ମାନ ବୃଦ୍ଧି, ଦୂରଯାତ୍ରା, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନିଳ, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ-** ବନ୍ଧୁମିଳନ, ଉତ୍ସବ ପ୍ରତି ବିମୁଖ, ଅର୍ଥସମସ୍ୟା, ଉଚ୍ଚଆଶାରେ ବିଳମ୍ବ, ବିବାଦର ସମାଧାନ, ଶତ୍ରୁ ରହିବେ, ପାରିବାରିକ ଖୁସି, ଶୁଭଖବର ମିଳିବ, ଅଚାନକ ଦୂରଯାତ୍ରା, ଅନୁଚିତ କାର୍ଯ୍ୟ ପ୍ରତି ଆଶକ୍ତ, ବିଦ୍ୟାରେ ସଫଳତା, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ ।

**କର୍କଟ-** ସମ୍ମାନ ବୃଦ୍ଧି, ଶତ୍ରୁ ପରାଜିତ, କିଛି ବିବାଦିତ ରହିବେ, ଅର୍ଥଲାଭ, ଉଚ୍ଚଆଶାରେ ବିଳମ୍ବ, ବ୍ୟବସାୟରେ ଲାଭ, ଯାନ୍ତ୍ରିକ ତ୍ରୁଟି, ଗୃହେ ଉତ୍ସବ, ଦାମ୍ପତ୍ୟ ଖୁସି, ବିଦେଶ ଗସ୍ତ, ଶାରୀରିକ ସମସ୍ୟା ଦେଖାଦେବ, ସନ୍ତାନଲାଭ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

**ସିଂହ-** କ୍ଳେଶ ବୃଦ୍ଧି, ଅଣ୍ଡାଜନିତ ରୋଗରେ ଆକ୍ରାନ୍ତ, ଶତ୍ରୁ ସମସ୍ୟା ସମାଧାନ, ଦ୍ରବ୍ୟଲାଭ, ଗୃହେ ଅଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ସୁମିଷ୍ଟ ଭୋଜନ, ଧର୍ମକାର୍ଯ୍ୟରେ ସନ୍ତୁଷ୍ଟ, ଆର୍ଥିକ ସମସ୍ୟାରୁ ମୁକ୍ତି, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲଡ଼େନ, ସଂଖ୍ୟା-୯, ଆରାଧନା ଲକ୍ଷ୍ମୀନାରାୟଣ ।

**କନ୍ୟା-** କାର୍ଯ୍ୟରେ ସଫଳତା, ସମ୍ମାନଲାଭ, ଉଚ୍ଚପଦବୀ ପ୍ରାପ୍ତି, ବ୍ୟବସାୟରେ ଶତ୍ରୁ ସମସ୍ୟା, ଅର୍ଥ ସମସ୍ୟାର ସମାଧାନ, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ଗୃହରେ ଉତ୍ସବ, ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ, ଦୂରଯାତ୍ରା ଯୋଗ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନିଳ, ସଂଖ୍ୟା-୨, ଆରାଧନା- ମା କନକଲକ୍ଷ୍ମୀ ।

**ତୁଳା-** ପ୍ରସନ୍ନ ଚିତ, ଉତ୍ତମ ଭୋଜନ, ଦୂରଯାତ୍ରା ଯୋଗ, ନୂତନ ବ୍ୟବସାୟରେ ଲାଭ, ପାରିବାରିକ ଶାନ୍ତି, ଦାମ୍ପତ୍ୟ ସୁଖ, ବନ୍ଧୁ ସମସ୍ୟା, ଯାନବାହନରେ ସତର୍କ, ପୁରାତନ ଶତ୍ରୁ ଦେଖାଦେବେ, ବିଦ୍ୟାରେ ଅସଫଳ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା- ପ୍ରଭୁ ଶ୍ରୀ ରାଧାବଲ୍ଲଭ ।

**ବିଛା-** ସମ୍ମାନ ପ୍ରାପ୍ତି, ବିଭିନ୍ନ କାର୍ଯ୍ୟରେ ସଫଳତା, ବିବାଦ ସମାଧାନ, ବନ୍ଧୁଲାଭ, ଉଚ୍ଚଆଶା ପୂର୍ଣ୍ଣ, ଅର୍ଥପ୍ରାପ୍ତି, ଲୋକସମ୍ପର୍କ ବୃଦ୍ଧି, ମାନସିକ ଶାନ୍ତି, ଗୃହରେ ଉତ୍ସବ, ସୁଖନିଦ୍ରା, କର୍ମକ୍ଷେତ୍ରରେ ଶାନ୍ତି, ଜ୍ୟେଷ୍ଠାନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା- ୯ , ଆରାଧନା ଭଗବାନ ଶଙ୍କର ।

**ଧନୁ-** ଯାନବାହନରେ ସତର୍କ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅର୍ଥ ସମସ୍ୟା, ପାରିବାରିକ ଶାନ୍ତି, ଉଚ୍ଚଆଶାରେ ବିଳମ୍ବ, ବନ୍ଧୁଦର୍ଶନ, ଦେବକାର୍ଯ୍ୟରେ ଆନନ୍ଦ, ଦାମ୍ପତ୍ୟ ଖୁସି, ଶତ୍ରୁସମସ୍ୟା ଦେଖାଦେବ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୬, ଆରାଧାନା- ଗ୍ରାମଦେବତୀ ।

**ମକର-** ପଦୋନତି, କର୍ମକ୍ଷେତ୍ରେ ସମ୍ମାନିତ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ପରାଜିତ, ବ୍ୟବସାୟିକ ଖୁସି, ବିଦେଶ ଭ୍ରମଣ, ପାରିବାରିକ ଶାନ୍ତି, ଗୁରୁଜନଙ୍କ ଆଶୀର୍ବାଦ, ନୂତନ ଯୋଜନାରେ ଲାଭ, ଦାମ୍ପତ୍ୟ କଳହ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୩, ଆରାଧନା - ଭଗବାନ ନୃସିଂହ ।

**କୁମ୍ଭ-** କାର୍ଯ୍ୟ ସିଦ୍ଧି, ସ୍ୱାସ୍ଥ୍ୟ ସମସ୍ୟା, ଦ୍ରବ୍ୟ ପ୍ରାପ୍ତି, ଶତ୍ରୁରୁ ମୁକ୍ତି, ଯାନବାହନ ଲାଭ, ଭୂସମ୍ପତ୍ତି କ୍ରୟ, ଧାର୍ମିକ କାର୍ଯ୍ୟରେ ସନ୍ତୁଷ୍ଟ, ସମ୍ମାନହାନି, ଗାଡ଼ିମୋଟର ଚାଳନାରେ ସତର୍କ, ଭୋଜନନରେ ବିଳମ୍ବ, ସନ୍ତାନ ସମସ୍ୟା, ପାରିବାରିକ ବିରୋଧ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନିଳ, ସଂଖ୍ୟା ୧୦, ଆରାଧନା- ମା ଦକ୍ଷିଣକାଳୀ ।



**ମୀନ-** ଶତ୍ରୁରୁ ମୁକ୍ତି, ଉଚ୍ଚଆଶା ସଫଳ, ଦେବକାର୍ଯ୍ୟ ପ୍ରତି ଆଶକ୍ତ, ଲୋକସମ୍ପର୍କରେ ଉନ୍ନତି, ଦୂରଯାତ୍ରା, ବିବାଦର ସମାଧାନ, ଜମିଜମା ଗଣ୍ଡଗୋଳ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ଶତ୍ରୁତା, ଆର୍ଥିକ ସମସ୍ୟା, ପିଲାଙ୍କ ଚିନ୍ତା ରେବତି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୭, ଆରାଧନା-ମା ଗୌରୀ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୧୦୧

ତିଥି : ଏକାଦଶୀ

୧୪ ଜାନୁଆରୀ ୨୦୨୬, ବୁଧବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 101

14 Jan 2026, Wednesday

Bhubaneswar

Price: 5.00

Online Portal

www.odishasamaya.com


samayaepaper.com

odishasamaya

thesamayanews@gmail.com

www.samayalive.in

Bhubaneswar | Balasore | Angul | Berhampur | Sambalpur



## ନାବାଳିକାକୁ ଯୌନ ନିର୍ଯାତନା

# ଆସାମୀକୁ ୨୦ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଇନ୍ଫୋସିଟି ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ୨୦୨୧ ମସିହାରେ ଅପହରଣ କରିନେଇ ଯୌନ ନିର୍ଯାତନା ଦେଇଥିବା ଆସାମୀ ମନୋଜ ଶେଖର ମଲ୍ଲିକଙ୍କୁ ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍ସୋ) ବିଚାରପତି ସରୋଜ କୁମାର ସାହୁ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିବା ସହ ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୋକ୍ସୋ ଦଫା ୪ (୨) ଅନୁଯାୟୀ ୨୦ବର୍ଷ ଜେଲ୍‌ଦଣ୍ଡାଦେଶ ହୋଇଥିବା ବେଳେ ଅପହରଣ ୩୬୩ ଆଇପିସି ଧାରାରେ ଆସାମୀକୁ ୭ବର୍ଷ ଜେଲ୍‌ଦଣ୍ଡାଦେଶ ହୋଇଛି । ୨୦୨୧ ମସିହା ଡିସେମ୍ବର ୨୨ ତାରିଖରେ ଚିରଗତୋଳା ବସ୍ତିରେ ପରିବାର ସହ ରହୁଥିବା ୧୫ବର୍ଷର ନାବାଳିକା ଘରେ କିଛି ନଜଣାଇ କେଉଁଆଡେ ଚାଲିଯାଇଥିଲା । ଝିଅର ମା' ଓ ପରିବାର ଖୋଜାଖୋଜି କରି ଝିଅର କୌଣସି କୌଣସି ସନ୍ଧାନ ନପାଇବାରୁ ଇନ୍ଫୋସିଟି ଥାନାରେ ଅଭିଯୋଗ କରିଥିଲେ ।

## ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପକ୍ଷରୁ ଅଭିନୟ କର୍ମଶାଳା

# ନାଟକ ଆମ ଚିନ୍ତାଧାରାକୁ ପ୍ରଦର୍ଶିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): କଳା ଏବଂ ସଂସ୍କୃତି ଯେକୌଣସି ସମାଜର ଆତ୍ମା । ଏହା ଦ୍ୱାରା ଆମର ଚିନ୍ତାଧାରା, ଆମର ସଂଘର୍ଷ, ଆମର ଆଶା ଏବଂ ଆମର ସ୍ୱପ୍ନକୁ ପ୍ରତିଫଳିତ ହୋଇଥାଏ ବୋଲି ଆଜି ନୃତ୍ୟ ଅନୁଷ୍ଠାନ ସ୍ୱିରଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପକ୍ଷରୁ ଆୟୋଜିତ ଅଭିନୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କେନ୍ଦୁଝର ଜିଲ୍ଲା ଅଡିଟୋରିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ନ୍ୟାସନାଲ ସ୍କୁଲ ଅଫ ଡ୍ରାମାର ଶାଖା କେନ୍ଦୁଝରରେ ପ୍ରତିଷ୍ଠା ହେବ ଏବଂ ଏହାର ସମସ୍ତ ଆନୁସଙ୍ଗିକ ଉନ୍ନତି ପାଇଁ ରାଜ୍ୟ ସରକାର ସମସ୍ତ ସାହାଯ୍ୟ କରିବେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନାଟକ ଆମ ଚିନ୍ତାଧାରାକୁ ପ୍ରଦର୍ଶିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ । ଏହା କେବଳ ମନୋରଞ୍ଜନ କରେ ନାହିଁ ବରଂ ଶିକ୍ଷା ମଧ୍ୟ ଦିଏ । ଏହା ପ୍ରଶ୍ନ ପଚାରେ, ସଚେତନତା ବାଣ୍ଟେ ଆଉ ଦର୍ଶକଙ୍କୁ ଭାବ ସହିତ ସମାଜର ଭାବକୁ ଯୋଡ଼ିଥାଏ । ନାଟକ ମାଧ୍ୟମରେ, ଆମେ ସହାନୁଭୂତି, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ ଆତ୍ମ-ପ୍ରକାଶ ଶିଖୁ ବୋଲି ସେ କହିଥିଲେ । ସେ କହିଥିଲେଯେ , ଜାତୀୟ ନାଟ୍ୟ ବିଦ୍ୟାଳୟ ଭାରତୀୟ ନାଟ୍ୟଶାଳାକୁ ଗଠନ କରିବାରେ ଏବଂ କଳାକାରମାନଙ୍କୁ ପିଢ଼ି ପରେ ପିଢି ଅଭିନୟ କଳା ସହିତ ଯୋଡି ରଖିବାରେ ଏକ ଐତିହାସିକ ଭୂମିକା ଗ୍ରହଣ କରିଛି ।

କଳାକୁ ଏବଂ କଳାକାରକୁ ଉଚିତ ସମ୍ମାନ ଦେଖାଇ ଆମ ସରକାର କଳାକାରମାନଙ୍କ ଭତ୍ତା ବୃଦ୍ଧି କରିଛନ୍ତି । ଓଡିଆ ଭାଷା, ଓଡିଆ ସଂସ୍କୃତି, ଓଡିଆ ପରମ୍ପରା ଅନନ୍ୟ । ଏହାର ସୁରକ୍ଷା ସହିତ ଏହାର ପ୍ରଚାର-ପ୍ରସାର ପାଇଁ ଆମ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ନୃତ୍ୟ ଅନୁଷ୍ଠାନ ସ୍ୱିରଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପକ୍ଷରୁ ଆୟୋଜିତ ଏହି ସମାରୋହରେ ସାଂସଦ ଅନନ୍ତ ଚରଣ ନାୟକ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ, ତେଲକୋଇ ବିଧାୟକ ଡାକ୍ତର ଫକୀରମୋହନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିସହିତ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପାଳ ବିଶାଳ ସିଂହ, ଏନ୍‌ଏସଡ଼ିର ରେଜିଷ୍ଟ୍ରାର ପ୍ରଦୀପ ମହାନ୍ତି, ସ୍ୱିରିଜାର ପ୍ରତିଷ୍ଠାତା ପ୍ରଗତିକା ମହାନ୍ତି ପ୍ରମୁଖ ଉପସ୍ଥି ଥିଲେ ।

## ବିଜେଡି ବିଧାୟକଙ୍କ ସହ ନବୀନ ପଟ୍ଟନାୟକଙ୍କ ଆଲୋଚନା



ଭୁବନେଶ୍ୱର, (ସବ୍ୟୁ): ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସ ରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ବିଜୁ ଜନତା ଦଳ ର ୯ ଜଣ ବିଧାୟକ ମାନଙ୍କୁ ଭେଟି ସେମାନଙ୍କ ନିର୍ବାଚନ ମଣ୍ଡଳୀ ର ସମସ୍ୟା ଓ ଦଳୀୟ ସଂଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ତୃଣମୂଳ ସ୍ତରରେ ଦଳର ସଂଗଠନ କୁ ମଜବୂତ କରିବା ସହ ସାଧାରଣ ଲୋକଙ୍କ ସମସ୍ୟା ର ଅଗ୍ରାଧିକାର ଭିତ୍ତି ରେ ସମାଧାନ କରିବାକୁ ଶ୍ରୀ ପଟ୍ଟନାୟକ ବିଧାୟକ ମାନଙ୍କୁ ପରାମର୍ଶ ଦେଇଥିଲେ । ସେମାନଙ୍କ ନିର୍ବାଚନ ମଣ୍ଡଳୀ ର ବିକାଶ କାମ ବିଷୟ ରେ ମଧ ସେ ପଚାରି ବୁଝି ଥିଲେ । ବିଜୁ ଜନତା ଦଳ ର ଆଦର୍ଶ ରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ବିଧାୟକ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ବିଧାୟିକା ମନୋରମା ମହାନ୍ତି ,ବିଧାୟକ ନିରଞ୍ଜନ ପୂଜାରୀ,ଅଶ୍ୱିନୀ ପାତ୍ର,ବ୍ରଜକିଶୋର ପ୍ରଧାନ,ବ୍ୟୋମକେଶ ରାୟ,ସଂଜୀବ ମଲ୍ଲିକ,ଚକ୍ରମଣି କଂହର,ଗୌତମ ବୁଦ୍ଧ ଦାସ,ଓ ମାଧବ ଧଡ଼ା ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଭାଗ ନେଇଥିଲେ ।

## ଫିଟିବ କି ହ୍ୟୁମାନଙ୍କ ମୃତ୍ୟୁ ଘଟଣାର ରହସ୍ୟ

# ଅର୍ପିତା ଓ ସୋମେଶଙ୍କୁ ମାରାଥନ୍ ଜେରା

କଟକ,(ସବ୍ୟୁ): କଣ୍ଠଶିଳ୍ପୀ ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ସଂଗୀତ ନିର୍ଦ୍ଦେଶକ ସୋମେଶ ଶତପଥୀ ଓ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିବା ପରେ ଆକ୍ସନ୍-ମୋଡ୍‌କୁ ଆସିଛି କମିଶନରେଟ୍ ପୁଲିସ । ଆଜି ଜୋନ୍-୩ ଏସିପି ଅନନ୍ୟା ଅଗସ୍ତୀ ଉଭୟ ସୋମେଶ ଓ ଅର୍ପିତାଙ୍କୁ ମାରାଥନ୍ ଜେରା କରିଛନ୍ତି । ହ୍ୟୁମାନଙ୍କ ସ୍ଥାୟୀ ଜମା, ମ୍ୟୁଚୁଆଲ୍ ଫଣ୍ଡ, ଷ୍ଟକ୍ସ, ବୀମା, ଲୋନ୍, କିସ୍ତି ଆଦି ବିଷୟରେ ପଚରାଉଚରା କରାଯାଇଥିବା ବେଳେ ହ୍ୟୁମାନ୍ କରିଥିବା ଚୁକ୍ତି, ନେଇଥିବା ଅଗ୍ରୀମ, ଫେରା ଯାଇଥିବା ଅର୍ଥ ସହ ଷ୍ଟୁଡିଓ ଓ ପ୍ରଡକ୍ସନ ସଂସ୍ଥା ପାଉଣାକୁ ନେଇ ଅଢ଼େଇ ଘଣ୍ଟା ଧରି ମ୍ୟାନେଜର୍ ଦୀନେଶକୁ ପ୍ରଶ୍ନ କରାଯାଇଥିବା ଏସିପି ଅନନ୍ୟା ଅଗସ୍ତୀ ସୂଚନା ଦେଇଛନ୍ତି । ହ୍ୟୁମାନ୍‌ଙ୍କ ମୋବାଇଲ୍, ଲାପ୍‌ଟପ, ଟ୍ୟାବ୍ ଓ ସିମ୍‌ର ଫରେନ୍‌ସିକ ଯାଞ୍ଚ କରାଯାଇଛି । ଏପର୍ଯ୍ୟନ୍ତ ରିପୋର୍ଟ ପୁଲିସର ହସ୍ତଗତ ହୋଇନଥିବା ଜଣାପଡ଼ିଛି । ମୃତ ହ୍ୟୁମାନଙ୍କ ସମସ୍ତ କଲ୍ ରେକର୍ଡକୁ ପୁଲିସ ଅନୁଧ୍ୟାନ କରୁଥିବା ବେଳେ ହ୍ୱାଟ୍‌ସଆପ୍ ଚାଟ୍‌ରୁ ତଥ୍ୟ ରିଟ୍ରାଇଭ୍ ସହ ଇମେଲ୍‌କୁ ତଦନ୍ତ ପରିସରକୁ ଅଣାଯାଇଛି ।

## ୪୦ କେଜି ଗଞ୍ଜେଇ ସମେତ କାର ଜବତ : ବେପାରୀ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ମୁକୁନ୍ଦପ୍ରସାଦ ଜୋରଶଙ୍ଖ ନିକଟରୁ ଶିଳ୍ପାଂଚଳ ପୁଲିସ ଆଜି ଅପରାହ୍ନରେ ୪୦କେଜି ଗଞ୍ଜେଇ ସମେତ କାର କୁ ଜବତ କରିଛି । ଏହି ଘଟଣାରେ ପୁଲିସ ସମ୍ବଲପୁର ଜିଲ୍ଲା ଧାମ ଥାନା ଚକୁଳି ଗ୍ରାମର ସତ୍ୟମ ପଟ୍ଟନାୟକଙ୍କୁ ଗିରଫ କରିଛି । ନୟାଗଡ ଦିଗରୁ ଖୋର୍ଦ୍ଧା ଅଭିମୁଖେ ଗଞ୍ଜେଇ ଆସୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା । ସେମାନଙ୍କୁ ଧରିବାକୁ ଏସ୍‌ପି ବେକାନନ୍ଦ ଶର୍ମା ଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିହାର ପ୍ରଧାନ ଓ ଭାରପ୍ରାପ୍ତ ଥାନାଧିକାରୀ ସଞ୍ଜୟ ନାୟକ ତତ୍ତ୍ୱାବଧାନରେ ଏସ୍‌ଆଇ ସ୍ୱାଗିତକା ଦାସଙ୍କ ନେତୃତ୍ୱରେ ଏକ ଟିମ୍ ମୁକୁନ୍ଦପ୍ରସାଦ ଜୋରଶଙ୍ଖ ନିକଟରେ ଛପି ରହିଥିଲେ । ନୟାଗଡ ଦିଗରୁ ଆସୁଥିବା ଓଡି-୧୫କ୍ୟୁ-୧୬୫୮ ନମ୍ବର ବିଶିଷ୍ଟ କାର ଉପରେ ସନ୍ଦେହ ହେବାରୁ ଯାଂଚ କରିଥିଲେ । ଯାଂଚବେଳେ ଗାଡି ଭିତରୁ ୪୦.୨୫୦କେଜି ଗଞ୍ଜେଇ ଜବତ କରିଥିଲେ ।

## ଏସ୍‌ଆଇ ନିଯୁକ୍ତି ଘୋଟାଲା

# ୬ ଆଶାୟୀଙ୍କୁ ସିବିଆଇ ଜେରା

ଭୁବନେଶ୍ୱର, (ସବ୍ୟୁ) : ଏସ୍‌ଆଇ ନିଯୁକ୍ତି ଘୋଟାଲା ତଦନ୍ତ ଆଗକୁ ବଢୁଥିବା ବେଳେ ନୂଆ ନୂଆ କଥା ସାମ୍ନାକୁ ଆସୁଛି । ଦଲାଲ ଓ ଓପିଆର୍‌ବି ଅଫିସରଙ୍କୁ ସିବିଆଇ ଜେରା କରିବା ପରେ ପୁଣି ଆଶାୟୀଙ୍କୁ ଜେରା ଆରମ୍ଭ ହୋଇଛି । ୬ଜଣ ଆଶାୟୀଙ୍କୁ ନୋଟିସ୍ କରାଯାଇଥିଲା, ସେମାନେ ମଙ୍ଗଳବାର ହାଜର ହେବା ପରେ ତଦନ୍ତକାରୀ ଟିମ୍ ସେମାନଙ୍କୁ ଜେରା କରିଛି ।

ଏସ୍‌ଆଇ ନିଯୁକ୍ତି ଘୋଟାଲା ତଦନ୍ତ ବ୍ରହ୍ମପୁର ପୋଲିସ ଠାରୁ ଆରମ୍ଭ ହୋଇ କ୍ରାଇମ୍‌ବ୍ରାଞ୍ଚ ଦେଇ ସିବିଆଇରେ ପହଞ୍ଚିଛି । ପୋଲିସ ୧୧୪ ଆଶାୟୀଙ୍କୁ ଗିରଫ କରିଥିବା ବେଳେ କ୍ରାଇମ୍‌ବ୍ରାଞ୍ଚ ଓ ସିବିଆଇ ୧୪ଜଣ ଦଲାଲଙ୍କୁ ଗିରଫ କରିଥିଲା । ଦଲାଲଙ୍କୁ ବ୍ରହ୍ମପୁର ଜେଲ୍‌ରୁ ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାରକୁ ଅଣାଯାଇଛି । ସିବିଆଇ ଆଶାୟୀଙ୍କ ଜେରାରୁ ତଦନ୍ତ ଆରମ୍ଭ କରି ଦଲାଲଙ୍କୁ ରିମାଣ୍ଡରେ ଆଣି ଜେରା କରିଥିଲା । ଗିରଫ ହୋଇ ଜାମିନରେ ଆସିଥିବା ଆଶାୟୀଙ୍କୁ ପ୍ରଥମେ ନୋଟିସ୍ କରି ସିବିଆଇ ଜେରା କରିଥିଲା । ସେମାନଙ୍କ ଠାରୁ କିଛି ତଥ୍ୟ ହାସଲ କରିବା ପରେ ଦଲାଲଙ୍କୁ ଜେରା କରି ଗୁଜରାଟ, ବିହାର, କୋଲ୍‌କାତାରୁ ୫ଜଣଙ୍କୁ ଗିରଫ କଲା । ସେମାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଜେରା କରିବା ପରେ କୋର୍ଟଚାଲାଣ କରାଯାଇଥିଲା । ଆଶାୟୀଙ୍କୁ ଛାଡି ଦଲାଲ ର୍ୟାକେଟ୍‌ର ସମସ୍ତେ ଜେଲ୍‌ରେ ଅଛନ୍ତି । ଓପିଆର୍‌ବିର ଏସ୍‌ପି ଓ ଅନ୍ୟ ଜଣେ ଅଫିସରଙ୍କୁ ଜେରା କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଆବଶ୍ୟକ ଅନୁଯାୟୀ ଜେରା କରାଯିବ ବୋଲି ସୂଚନା ମିଳିଛି ।

ସିବିଆଇ ତଦନ୍ତକାରୀ ଟିମ୍ ୬୪ପୃଷ୍ଠାର ପ୍ରାଥମିକ ଚାର୍ଜସିଟ୍ କରିଥିଲେ ମଧ୍ୟ ପୁଣି ଆଶାୟୀଙ୍କୁ ନୋଟିସ୍ କରାଯାଇ ଜେରା ଆରମ୍ଭ ହୋଇଛି । ପ୍ରାଥମିକ ଚାର୍ଜସିଟ୍ ପରେ ୬ଜଣ ଆଶାୟୀଙ୍କୁ ନୋଟିସ୍ କରାଯାଇ ମଙ୍ଗଳବାର ତାଙ୍କୁ ଜେରା କରାଯାଇଥିଲା । ଜେରାବେଳେ ସେମାନଙ୍କ ବୟାନ ଭିଡିଓ ରେକର୍ଡ କରାଯାଇଛି । ଏହି ୬ଜଣଙ୍କ ପରେ ଆଉ କାହା ପାଳି ପଡୁଛି ସିବିଆଇ ସ୍ପଷ୍ଟ କରିନାହିଁ । ଓପିଆର୍‌ବିର ଅଫିସରଙ୍କୁ ଜେରା କରାଗଲେ ବହୁ ରହସ୍ୟ ଉନ୍ମୋଚନ ହେବ । ଓବିଆର୍‌ବିର ଯେଉଁ ଅଫିସରମାନେ ସିଲ୍‌କନଟେକ୍‌କୁ ଦାୟିତ୍ୱ ଦେଇଥିଲେ ସେମାନଙ୍କ ଉପରେ ସିବିଆଇ ନଜର ରଖିଛି । କାରଣ ଥରେ ପରୀକ୍ଷା ବାତିଲ ହେବା ପରେ ସେହି ପ୍ରଶ୍ନପତ୍ର ଅନୁଯାୟୀ ପୁଣି ଦ୍ୱିତୀୟବାର ପରୀକ୍ଷା ହୋଇଥିଲା । ସିଲିକନଟେକ୍ ନିର୍ଦ୍ଦେଶକଙ୍କ ହାତରେ ପ୍ରଶ୍ନପତ୍ର ଥିବାରୁ ତାହାକୁ ସେ କୋଲ୍‌କାତାରୁ ଛପାଇ ଆଣି ଆଶାୟୀଙ୍କ ମଧ୍ୟରେ ବାଣ୍ଟି ୨୫ଲକ୍ଷ ଲେଖାଏଁ ଟଙ୍କା ପାଇଁ ଚୁକ୍ତି କରୁଥିଲେ । ଦଲାଲମାନେ ରାଜ୍ୟ ତଥା ରାଜ୍ୟ ବାହାରେ ଏଜେଣ୍ଟଙ୍କୁ ନିଯୁକ୍ତ କରି ସେମାନଙ୍କ ମାଧ୍ୟମରେ ଅଗ୍ରୀମ ୧୦ଲକ୍ଷ ଓ ସାର୍ଟିଫିକେଟ୍ ପ୍ରଭୃତି ଆଦାୟ କରୁଥିଲେ । ଓପିଆର୍‌ବି ଅଫିସର ଓ ତାଙ୍କ ପଛରେ ଥିବା ନେତା ଓ ଆଇପିଏସ୍‌ଙ୍କ ଉପରେ ସିବିଆଇ କାର୍ଯ୍ୟାନୁଷ୍ଠାନ କ'ଣ ହେବ ତାହା ସାଧାରଣରେ ଚର୍ଚ୍ଚା ହେଉଛି ।

# ଧାନମଣ୍ଡି ପ୍ରସଙ୍ଗରେ ସରକାର ମିଛ କହୁଛନ୍ତି : କିଷାନ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଗତ ଜାନୁୟାରୀ ୦୬ ତାରିଖ ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରଦେଶ କିଷାନ କଂଗ୍ରେସର ଏକ ରାଜ୍ୟସ୍ତରୀୟ ଟିମ୍ ଅଧ୍ୟକ୍ଷ ଅଭୟ ସାହୁଙ୍କ ନେତୃତ୍ୱରେ ଦକ୍ଷିଣ ଓଡ଼ିଶା ଗସ୍ତ କରି ମଣ୍ଡିମାନଙ୍କରେ ଯେଉଁ ଭୟଙ୍କର ଅବ୍ୟବସ୍ଥା ଦେଖିଛନ୍ତି । ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଜପତି ଓ ଗଞ୍ଜାମ ଜିଲ୍ଲାମାନଙ୍କର ବିଭିନ୍ନ ମଣ୍ଡିରେ ୧୦ ହଜାର ରୁ ୧୫ ହଜାର ପର୍ଯ୍ୟନ୍ତ ଧାନବସ୍ତାମାନ ପାହାଡ ଭଳି ଗଦା ହୋଇ ପଡ଼ିରହିଛି । ଉଭୟ ପୁରୁଷ ଓ ମହିଳା ଚାଷୀମାନେ ୬ ଡିଗ୍ରୀ, ୭ ଡିଗ୍ରୀ ଥଣ୍ଡାରେ ଦିନ ରାତି ନିଜ ଅମଳକୁ ଜଗିରହିଛନ୍ତି । ଚାଷୀମାନେ ପ୍ରାୟ ୧୫ ଦିନରୁ ଅଧିକ ହେବ ଅପେକ୍ଷା କରି ବସିଛନ୍ତି ଧାନ କେତେବେଳେ ସରକାର ଉଠାଣ କରିବ । ଏହି ଅବ୍ୟବସ୍ଥା ଅତ୍ୟନ୍ତ ଦୁର୍ଦ୍ଦିନ ଭିତରକୁ ଚାଷୀଙ୍କୁ ଠେଲି ଦେଇଛି । ମଣ୍ଡିମାନଙ୍କର ଅବ୍ୟବସ୍ଥା ଦେଖିଲା ପରେ ସରକାର ଓ ମିଲର ମାନଙ୍କର ମଧୁଚନ୍ଦ୍ରିକା କଥା ପଦାକୁ ଆସିଛି । ଜାଣିଶୁଣି ସରକାର ମିଲରମାନଙ୍କର ଧର୍ମଘଟ କରି ଏଭଳି ଅଚଳାବସ୍ଥା ସୃଷ୍ଟି କରିଛି । ଫଳରେ ଚାଷୀ ଅଧିକ ଦିନ ଅପେକ୍ଷା ନ କରି ଅଭାବି ବିକ୍ରିର ଶିକାର ହେବ ।

କିଷାନ କଂଗ୍ରେସର ଧାଡିକିଆ ଦାବି ହେଲା - ପ୍ରତ୍ୟେକ ଚାଷୀର ସମସ୍ତ ବଳକା ଧାନକୁ ସରକାର ସିଧାସଳଖ କୌଣସି ତୃତୀୟ ପକ୍ଷ ଭୂମିକା ନ ଥାଇ ବିନା କଟଣୀ ଛଟଣୀରେ, ବିନା ମାନ ନିର୍ଦ୍ଧାରଣରେ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ଦେଇ କିଣିବା ସହିତ ଚାଷୀକୁ ଧାନ ଅଖାର ବଜାର ଦର ଓ ପରିବହନ ଖର୍ଚ୍ଚ ପ୍ରଦାନ କରନ୍ତୁ । ମଣ୍ଡିରେ ଲାଗିରହିଥିବା ଅବ୍ୟବସ୍ଥା ଓ ଚାଷୀର ହଇରାଣ ଓ ହରକତର ପ୍ରତିବାଦରେ ଆସନ୍ତା ୨୦ ଜାନୁୟାରୀରେ ରାଜ୍ୟର ଭାତ ହାଣ୍ଡି ବରଗଡ ଠାରେ କିଷାନ ମାନଙ୍କର ପ୍ରତିବାଦ ସମାବେଶ ଅନୁଷ୍ଠିତ ହେବ । ପୂର୍ବରୁ ଏମ୍‌ଏସପି ୨୩୦୦ ଟଙ୍କା ଥିଲାବେଳେ ଏବେ କେନ୍ଦ୍ର ସରକାର ୬୯ ଟଙ୍କା ବଢ଼ାଇଛନ୍ତି । ରାଜ୍ୟ ସରକାରଙ୍କ ୮୦୦ ଟଙ୍କା ଇନପୁଟ ସବସିଡି ମିଶାଇଲେ କ୍ୱିଣ୍ଟାଲ ପିଛା ଚାଷୀଙ୍କୁ ସରକାର ୩୧୬୯ ଟଙ୍କା ଦେବାକୁ ହେବ । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସହିତ କିଷାନ କଂଗ୍ରେସର ଅଧ୍ୟକ୍ଷ ଓ ଅନ୍ୟାନ୍ୟ କିଷାନ ନେତୃମଣ୍ଡଳୀ ଯୋଗଦେବେ । ବୈଠକରେ ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ, ବରିଷ୍ଠ କୃଷକ କଂଗ୍ରେସ ଉପସଭାପତି ଡଃ କାର୍ତ୍ତିକ ଚନ୍ଦ୍ର ବରାଳ, ଅରୁଣ ଜେନା, ଉପସଭାପତି ଶିତିକ= ମହାନ୍ତି, କୃଷକ କଂଗ୍ରେସ ମିଡ଼ିଆ ବିଭାଗ ମନୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।




## ବଗଲା ଧର୍ମଶାଳାରେ, ୧୬ରୁ ଇଣ୍ଡିଆ ଟ୍ରେଡ଼ ଏକ୍ସପୋ ୨୦୨୬

ପୁରୀ, (ସବ୍ୟୁ) ଆସନ୍ତା ଜାନୁଆରୀ ୧୬ରୁ ୨୫ତାରିଖ ପର୍ଯ୍ୟନ୍ତ ପୁରୀ ବଗଲା ଧର୍ମଶାଳା ପରିସରରେ ଇଣ୍ଡିଆ ଟ୍ରେଡ଼ ଏକ୍ସପୋ ୨୦୨୬ ଅନୁଷ୍ଠିତ ହେବ । ସାଡୋ ଅନୁଷ୍ଠାନ ପକ୍ଷରୁ ଏହା ୧୦ଦିନ ଧରି ଅନୁଷ୍ଠିତ ହେବା ଯାଉଅଛି । ଏନେଇ ମଙ୍ଗଳବାର ଅପରାହ୍ନରେ ବୃନ୍ଦାବତୀ ନିବାସ ଠାରେ ଆୟୋଜକଙ୍କ ପକ୍ଷରୁ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆୟୋଜକଙ୍କ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି ଯେ ବଗଲା ଧର୍ମଶାଳା ଠାରେ ସାଡୋ ଆଡଭରଟାଇଜିଂ ଆଣ୍ଡ କମ୍ୟୁନିକେସନ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ୧୬ ଜାନୁଆରୀରୁ ୨୫ ଜାନୁଆରୀ ପର୍ଯ୍ୟନ୍ତ ୧୦ଦିନ ଧରି ଟ୍ରେଡ଼ ଏକ୍ସପୋ ୨୦୨୬ ଅନୁଷ୍ଠିତ ହେବ । ଏହି ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରଦର୍ଶନୀରେ ଭାରତ, ଇରାନ, ଆଫଗାନିସ୍ତାନ ଏବଂ ଥାଇଲ୍ୟାଣ୍ଡ ସମେତ ବିଭିନ୍ନ ବିଦେଶୀ ରାଷ୍ଟ୍ରର ପ୍ରମୁଖ ଅଂଶଗ୍ରହଣ କରିବେ । ଏହି ପ୍ରଦର୍ଶନୀର ଲକ୍ଷ୍ୟ ବାଣିଜ୍ୟ ପ୍ରୋତ୍ସାହନ, ଅନ୍ତର୍ଜାତୀୟ ବ୍ୟବସାୟ ନେଟୱାର୍କିଂ, ସାଂସ୍କୃତିକ ଆଦାନପ୍ରଦାନ ଏବଂ ହସ୍ତଶିଳ୍ପ, ଜୀବନଶୈଳୀ ସାମଗ୍ରୀ, ଉପଭୋକ୍ତା ସାମଗ୍ରୀ, ଖାଦ୍ୟ ଉତ୍ପାଦ ଏବଂ ଅଭିନବ ସେବା ଭଳି ବିବିଧ ଉତ୍ପାଦନ ପ୍ରଦର୍ଶନୀ ହେବ । ପ୍ରତିଦିନ ହାରାହାରି ପ୍ରାୟ ୩ ଲକ୍ଷ ଦର୍ଶକଙ୍କ ଆଗମନ ହେବାର ସମ୍ଭାବନା ରହିଛି ।

## ଖଣି ଉତ୍ତୋଳନ ସଂକ୍ରାନ୍ତରେ ସରକାରଙ୍କ ସତ୍ୟପାଠ

# ଖିଲାପକାରିଙ୍କ ଉପରେ ୫ବର୍ଷରେ ୪୧ହଜାର ୯୧୯ କୋଟି ୭୨ଲକ୍ଷ ଜୋରିମାନା, ଆଦାୟ ମାତ୍ର ୩୫୧ କୋଟି

କଟକ,(ସବ୍ୟୁ): ବାର୍ଷିକ ଯେତିକି ପରିମାଣର ଖଣି ଉତ୍ତୋଳନ କରାଯିବା କଥା ଅନେକ ଖଣି ଉତ୍ତୋଳନକାରୀ କମ୍ପାନୀ ସେତିକି ପରିମାଣର ଉତ୍ତୋଳନ କରିନଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସେହିସବୁ ଖିଲାପକାରୀଙ୍କୁ ଡିମାଣ୍ଡ ନୋଟିସ୍ କରାଯାଇଛି । ଏହିସବୁ କମ୍ପାନୀ ଉପରେ ଚୁକ୍ତି ଖିଲାପ କରିବା ଅଭିଯୋଗରେ ମାତ୍ର ୫ବର୍ଷରେ ୪୧ହଜାର ୯୧୯ କୋଟି ୭୨ଲକ୍ଷ ୪୨ ହଜାର ୯୯୯ଟଙ୍କାର ଡିମାଣ୍ଡ ନୋଟିସ୍ କରାଯାଇଛି । ଏଥିରୁ ବିଭିନ୍ନ କମ୍ପାନୀମାନେ ମାତ୍ର ୩୫୧ କୋଟି ଟଙ୍କାର ଜରିମାନା ଅର୍ଥ ପ୍ରଦାନ କରିଛନ୍ତି । ବିଭିନ୍ନ କମ୍ପାନୀ ଉପରେ ଆହୁରି ୪୧ ହଜାର ୫୬୮କୋଟି ୧୨ଲକ୍ଷ ୬୨ ହଜାର ୪୭୪ ଟଙ୍କା ବକେୟା ରହିଛି । ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠରୁ ଏହି ତଥ୍ୟ ଜଣାପଡ଼ିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ଏହି ସତ୍ୟପାଠ ଦାଖଲ କରିବା ସହ ଡିମାଣ୍ଡ ନୋଟିସ୍ ସତ୍ତ୍ୱେ କିପରି ଖଣି ମାଲିକମାନେ ଅଦାଲତଙ୍କ ରହିତାଦେଶ ଆଳ ଦେଖାଇ ଏହି ଡିମାଣ୍ଡ ନୋଟିସ୍‌କୁ ବର୍ଷବର୍ଷ ଧରି ପାଙ୍କି ଆସୁଛନ୍ତି ସେ ସଂକ୍ରାନ୍ତରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଯଦି ଅଦାଲତଙ୍କ ରୋକ୍ ହଟିଯାଆନ୍ତା ତାହେଲେ ରାଜ୍ୟ ସରକାର ଏହିସବୁ ଖିଲାପକାରୀ ଖଣି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତେ । ବିଶେଷକରି ଏହି ଖଣିଗୁଡ଼ିକୁ ରାଜ୍ୟ ସରକାର ନିଜ ନିୟନ୍ତ୍ରଣକୁ ଆଣି ଚଲାଇପାରିବେ । ଏହି ଜବାବ ପରେ ହାଇକୋର୍ଟ ଏହି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି । ସିଟିଜେନ୍ ଆକ୍ସନ୍ ଫୋରମ୍ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ପ୍ରତ୍ୟେକ ଖଣିଲିଜ୍‌ଧାରୀଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ଖଣି ଉଠାଇବା ପାଇଁ ପରିବେଶ ମଞ୍ଜୁରି ଦିଆଯାଇଥାଏ । ସେମାନେ ରାଜ୍ୟ ସରକାରଙ୍କ ଠାରୁ ଗୋଟେ ଖଣି ନେବାବେଳେ ବାର୍ଷିକ କେତେ ପରିମାଣର ଖଣି ଉତ୍ତୋଳନ କରିବେ ତାହା ମଧ୍ୟ ସ୍ଥିର କରାଯାଇଥାଏ । ଜଣେ ଖଣି ଲିଜଧାରୀ ଅନୁମୋଦନ ପରିମାଣର ଖଣି ଉତ୍ତୋଳନ କଲେ ଏହାଦ୍ୱାରା ରାଜ୍ୟ ସରକାରଙ୍କୁ ଅଧିକ ଲାଭ ହୋଇଥାଏ ।

## ଡାଲମିଆ ଭାରତ ଫାଉଣ୍ଡେସନ୍ ପକ୍ଷରୁ

# ଟାଙ୍ଗିରେ ଭ୍ରାମ୍ୟମାଣ ଚିକିତ୍ସା ୟୁନିଟ୍ ପୁନଃପ୍ରଚଳନ

ଭୁବନେଶ୍ୱର, (ସବ୍ୟୁ): ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ୍), ୱକହାର୍ଟ ଫାଉଣ୍ଡେସନ ସହିତ ଅଂଶୀଦାର ବ୍ୟବସ୍ଥାରେ ଏହାର କାରଖାନା ପାରିପାର୍ଶ୍ୱିକ ଅଞ୍ଚଳରେ ଜନସମୁଦାୟଙ୍କୁ ଅତ୍ୟାବଶ୍ୟକ ପ୍ରାଥମିକ ଏବଂ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇଦେବାକୁ କଟକର ଟାଙ୍ଗିସ୍ଥିତ ଡାଲମିଆ ସିମେଣ୍ଟ କପିଳାସ ସିମେଣ୍ଟ ମାନୁଫାକ୍ଚରିଂ ୱାର୍କସ୍ (କେସିଡବ୍ଲ୍ୟୁ) କାରଖାନାରେ ଏହାର ଭ୍ରାମ୍ୟମାଣ ମେଡିକାଲ ୟୁନିଟ (ଏମଏମୟୁ)ର ପୁନଃ ପ୍ରଚଳନ କରିଛି । ୨୦୧୪ରୁ କାର୍ଯ୍ୟକ୍ଷମ ଥିବା ଏମଏମୟୁ ୨୦୨୪ ପର୍ଯ୍ୟନ୍ତ ମାସିକ ୧୮୦୦ରୁ ଅଧିକ ରୋଗୀଙ୍କ ନିକଟରେ ପହଞ୍ଚୁଥିବାବେଳେ ଏହାର ପୁନଃସ୍ଥାପନ ଜନସମୁଦାୟଙ୍କ ଦ୍ୱାରା ନିତାନ୍ତ ଆବଶ୍ୟକତା ପାଲଟିଛି । ଏହି ଏମଏମୟୁରେ ଜଣେ ଡାକ୍ତର, ନର୍ସ ଏବଂ ଫାର୍ମାସିଷ୍ଟଙ୍କୁ ନେଇ ଏକ ଯୋଗ୍ୟତାସମ୍ପନ୍ନ ଡାକ୍ତରୀ ଦଳ ରହିବେ, ଯେଉଁମାନେ ମୌଳିକ ରୋଗ ନିରୂପଣ, ପରାମର୍ଶ ଏବଂ ଚିକିତ୍ସା ସେବା ଯୋଗାଇଦେବେ । ଏହା ମଧ୍ୟ ଜଟିଳ ରୋଗ କ୍ଷେତ୍ରରେ ବୃହତ୍ତର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ ରୋଗୀଙ୍କୁ ପଠାଇବା କାର୍ଯ୍ୟ ସୁଗମ କରିବ ଏବଂ ବିଶେଷ ଭାବରେ ଋତୁଗତ ଅସୁସ୍ଥତା ଏବଂ ଯକ୍ଷ୍ମା ସମ୍ପର୍କିତ ସଚେତନତା ସୃଷ୍ଟି ଉପରେ ଦୃଷ୍ଟିନିବଦ୍ଧ କରି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମଗୁଡିକ ନିୟମିତ ଭାବରେ ପରିଚାଳନା କରିବ । ଏହି ପ୍ରୟାସ ଏହାର କାରଖାନା ଚତୁର୍ପାଶ୍ୱର୍ ଅଞ୍ଚଳଗୁଡିକରେ ଦୁର୍ଗମ ଏବଂ କମ୍ ସେବା ପହଞ୍ଚୁଥିବା ସ୍ଥାନଗୁଡିକରେ ସୁଲଭ ସ୍ୱାସ୍ଥ୍ୟସେବାର ଅଭାବ ଦିଗପ୍ରତି ସିଧାସଳଖ ଭାବରେ ଦୃଷ୍ଟିଦେବାକୁ ଲକ୍ଷ୍ୟ ରଖିଛି । ଏହାର ପୁନଃଆରମ୍ଭ ଅବସରରେ ପଙ୍କଜ ଗୁପ୍ତା, ୟୁନିଟ ହେଡ, କେସିଡବ୍ଲ୍ୟୁ, ସୁଧୀର ରଞ୍ଜନ ମହାନ୍ତି, ହେଡ୍ ଏଚଆର, କେସିଡବ୍ଲ୍ୟୁ ଏବଂ ଗୁଲଜାରିଲାଲ ବିଶ୍ୱାସ, ଷ୍ଟେଟ ହେଡ, ୱକହାର୍ଟ ଫାଉଣ୍ଡେସନଙ୍କ ସମେତ ଡିବିଏଫ୍ ଟିମ୍, ସରପଞ୍ଚ ଏବଂ ପଞ୍ଚାୟତ ପ୍ରତିନିଧିଗଣ ତଥା କାରଖାନାର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ଏହାର ପୁନଃଆରମ୍ଭ ସମ୍ପର୍କରେ ପ୍ରକାଶ କରି ପଙ୍କଜ ଗୁପ୍ତା, ୟୁନିଟ ହେଡ୍, କେସିଡବ୍ଲ୍ୟୁ କହିଥିଲେ, "ସମୟୋଚିତ ଏବଂ ମୌଳିକ ସ୍ୱାସ୍ଥ୍ୟସେବା ଲାଭ କରିବାର ସୁଯୋଗ ଅନେକ ଗ୍ରାମାଞ୍ଚଳ ସ୍ଥାନରେ ଚାଲେଞ୍ଜ ଭାବରେ ଲାଗିରହିଛି । କପିଳାସରେ ଭ୍ରାମ୍ୟମାଣ ମେଡିକାଲ ୟୁନିଟ ପୁନଃପ୍ରଚଳନ ଜନସମୁଦାୟଙ୍କ ଦ୍ୱାରଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସୁନିଶ୍ଚିତ କରିବାକୁ ଆମର ସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।




## ସଡ଼କ ଦୁର୍ଘଟଣାରେ ଆଇଆଇଟି ଛାତ୍ର ମୃତ

ଜଟଣୀ, (ସବ୍ୟୁ): ଆଇଆଇଟି ଭୁବନେଶ୍ୱରର କ୍ୟାମ୍ପସରେ ଗତକାଲି ଘଟିଯାଇଥିବା ସଡ଼କ ଦୁର୍ଘଟଣା ଘଟଣାରେ ଶଙ୍ଖସୁଭ୍ରା ଚକ୍ରବର୍ତ୍ତୀ (୨୭) ନାମକ ଜଣେ ଛାତ୍ରଙ୍କର ଚିକତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ପୁଲିସ ସୂତ୍ରରୁ ଜଣାପଡିଛି । ସୂଚନା ମୁତାବକ ଆଇଆଇଟି କ୍ୟାମ୍ପସରେ ଗତକାଲି ଶଙ୍ଖଶୁଭ୍ରା ଚକ୍ରବର୍ତ୍ତୀ (୨୭) ଏବଂଶକ୍ତି ସାଗର ଶ୍ରୀବାସ୍ତବ (୨୬) ୟୁପି ୬୫ ଡିଇ ୨୩୮୦ ନମ୍ବର ବିଶିଷ୍ଟ ଏକ ହୋଣ୍ଡା ଆକ୍ଟିଭା ସ୍କୁଟିରେ ଯାଉଥିବା ବେଳେ ଏମ.ହେଚ.ଆର ହଷ୍ଟେଲ ଏବଂ ଏଲ୍-ଗେଟ୍ ମଧ୍ୟରେ ରାସ୍ତା କଡ଼ରେ ଧକ୍କା ହୋଇଥିଲେ । ଯାହାଫଳରେ ଉଭୟେ ଗଭୀର ଭାବେ ଆହତ ହେବାରୁ ଆହତ ଛାତ୍ରଙ୍କୁ ପ୍ରାରମ୍ଭିକ ଚିକିତ୍ସା ପାଇଁ ସଞ୍ଜୀବନ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ପରେ ଆମ୍ବୁଲାନ୍ସ ଯୋଗେ ମଣିପାଲ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ମଣିପାଲ ହସ୍ପିଟାଲରେ ଚିକିତ୍ସା ଚାଲିଥିବା ସମୟରେ ଶଙ୍ଖସୁଭ୍ରା ଚକ୍ରବର୍ତ୍ତୀଙ୍କୁ ମୃତ ଘୋଷଣା କରାଯାଇଥିଲା କ୍ଷଅନ୍ୟ ଜଣେ ପିଏଚଡି ଛାତ୍ର ଶକ୍ତି ସାଗର ଶ୍ରୀବାସ୍ତବ ବର୍ତ୍ତମାନ ମଣିପାଲ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏ ନେଇ ଆଇଆଇଟିର ସୁରକ୍ଷା ଅଧିକାରୀ ରବିନନ୍ଦନ ବୈଷ ଲିଖିତ ଭାବେ ଜଟଣୀ ଥାନାରେ ଅଭିଯୋଗ ଦେବାପରେ ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଚାଲିଥିବା ଜାଣିବାକୁ ମିଳିଛି । ଅପରପକ୍ଷେ ଏହି ଘଟଣା ପରେ ସହପାଠୀ ମାନଙ୍କ ଗହଣରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଏନ୍‌ରଜିଆ

କଟକ,(ସବ୍ୟୁ)କଲେଜ ଛକସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଏନରଜିଆ ବେଲେଶ୍ୱର ସ୍ଥିତ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ଖେଳ ପଡିଆରେ ଆୟୋଜିତ ହୋଇଯାଇଛି । ଏହି ଉତ୍ସବ ଦୁଇଦିନ ଧରି ଚାଲିଥିଲା । ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଏ.ସି.ପି ସୁଧାଂଶୁ ଜେନା ଓ ଶିକ୍ଷା ଟ୍ରଷ୍ଟର ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ସ୍ୱାଇଁ ଓ ପଟିଆ ସ୍କୁଲ ଅଧକ୍ଷା ଡକ୍ଟର ପି. ଏସ୍ ପ୍ରିୟଦର୍ଶିନୀ ଯୋଗ ଦେଇ କ୍ରୀଡାର ପ୍ରଥମ ଦିବସକୁ ଉଦ୍‌ଘାଟିତ କରିଥିଲେ । କ୍ରୀଡାର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ସିଆରଆରଆଇ ଥାନା ଅଧିକାରୀ ପିଟି ଗଣେଶ ସାହୁ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ସ୍କୁଲର ଅଧକ୍ଷ ଡକ୍ଟର ପ୍ରଭୁ ଚରଣ ମହାନ୍ତି, ନିର୍ଦ୍ଦେଶକ ସମ୍ୟକ ମହାନ୍ତି, ସହ ନିର୍ଦ୍ଦେଶକ ସମର୍ଥ ମହାନ୍ତି ଏବଂ ଟ୍ରଷ୍ଟି ସ୍ନିଗ୍ଧା ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଏହି ଉତ୍ସବରେ ପୂର୍ବ ବର୍ଷ ବୋର୍ଡ଼ ଟପର ଓ ଚଳିତ ବର୍ଷ ପ୍ରିବୋର୍ଡ ଟପରଙ୍କୁ ପୁରସ୍କୃତ କରାଯାଇଥଲା । ଏହି ବାର୍ଷିକ କ୍ରୀଡା ଉତ୍ସବରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟ ଆକର୍ଷଣରେ ବିଦ୍ୟାଳୟର ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧକ୍ଷା ଡକ୍ଟର ନିକୋଲା ହ୍ୟାରୀ ଏବଂ ମୁଖ୍ୟ ପ୍ରଶାସନିକ ଅଧିକାରୀ ଡକ୍ଟର ଶମାମା ତାଜଦାର ପରିଚାଳନା କରିଥିଲେ ।



### କିଶୋରୀ ଗର୍ଭଧାରଣ ରୋକିବା ସମ୍ପର୍କିତ ବୈଠକ

# ବାଲ୍ୟବିବାହ ନିବାରଣ ପାଇଁ ମୟୂରଭଞ୍ଜ ପାଇଲଟ୍ ଜିଲ୍ଲା

ବାରିପଦା, (ସବ୍ୟୁ) : ଅଙ୍ଗନୱାଡ଼ିରେ ଶିଶୁମାନଙ୍କୁ ୨୧ଟି ଜନଜାତୀୟ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ ପାଇଁ ଆମେ ପଢ଼ିବା ଆମ ଭାଷାରେ ଯୋଜନାକୁ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି । ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ବାଲ୍ୟ ବିବାହ ନିବାରଣ ପାଇଁ ରାଜ୍ୟ ବ୍ୟାପୀ ୧୦୦ଦିନିଆ ଅଭିଯାନ ଓ କିଶୋରୀ ଗର୍ଭ ଧାରଣ ରୋକିବା ପଦକ୍ଷେପକୁ ଶୁଭାରମ୍ଭ କରିଛନ୍ତି । ଏହାର କାର୍ଯ୍ୟକାରିତା ପାଇଁ ମୟୂରଭଞ୍ଜ ଜିଲ୍ଲାକୁ ପାଇଲଟ ଜିଲ୍ଲା ଭାବେ ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଓସ୍ୱାନ ହଲ ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଲ୍ୟ ବିବାହ ରୋକିବା ଉଦ୍ଦେଶ୍ୟରେ ୧୦୦-ଦିନିଆ ରାଜ୍ୟସ୍ତରୀୟ ଯେଉଁ ଅଭିଯାନ ଆରମ୍ଭ କରାଯାଇଛି ସେହି ଅଭିଯାନରେ ସମୁଦାୟ, ଯୁବ ନେତୃତ୍ୱ, ଆଶା, ଅଙ୍ଗନୱାଡି କର୍ମୀ ଓ ସଂସ୍ଥାଗତ ମଞ୍ଚ ଗୁଡ଼ିକର ସକ୍ରିୟ ସଂପୃକ୍ତି ମାଧ୍ୟମରେ କନ୍ୟା ଶିକ୍ଷା, ସଚେତନତା ଓ ସୁରକ୍ଷାକୁ ମଜବୁତ କରାଯିବ । ସାଇକେଲ ରାଲି, ଯୁବ ସମ୍ମିଳନୀ, ମାନବ ଶୃଙ୍ଖଳ, ସ୍କୁଲ୍-କଲେଜ ଭିତ୍ତିକ ପ୍ରାରମ୍ଭିକ ସତର୍କତା ବ୍ୟବସ୍ଥା ଓ ଡିଜିଟାଲ ସଚେତନତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏହାକୁ ସଫଳ କରାଇବା ଉପରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଗୁରୁତ୍ୱ ଦେଇଥିବା ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସୟ୍ ମତବ୍ୟକ୍ତ କରିଛନ୍ତି । ଏହାସହ ମୟୂରଭଞ୍ଜ ଜିଲ୍ଲାରେୟୁନିସେଫ ସହଯୋଗରେ କିଶୋରୀ ମାଆ ସହାୟତା ଓ କିଶୋରୀ ଗର୍ଭଧାରଣ ରୋକିବା ପାଇଁ ପାଇଲଟ୍ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ଏହା ମାଧ୍ୟମରେ ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା, ସାମାଜିକ ସୁରକ୍ଷା, ପୁନଃ ଶିକ୍ଷା ଓ କୌଶଳ ମାର୍ଗ ସହ ସମନ୍ୱିତ ସହାୟତା ପ୍ରଦାନ କରାଯିବ । ଏହି ପ୍ରକଳ୍ପ ଭବିଷ୍ୟତରେ ରାଜ୍ୟସ୍ତରୀୟ ମଡେଲ୍ ଭାବେ କାମ କରିବ ବୋଲି ଜିଲ୍ଲାପାଳ ଶ୍ରୀ ସୟ୍ ସୂଚନା ଦେଇଛନ୍ତି । ଜିଲ୍ଲାରେ ଏହି ଅଭିଯାନକୁ ସଫଳ କରିବା ପାଇଁ ନିଜ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ସୁରକ୍ଷା ଓ କାର୍ଯ୍ୟକ୍ରମ ଅଧିକାରିଣୀ ସସ୍ମିତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ମିଶନ ଶକ୍ତି ଡିପିଏମ ନିରଞ୍ଜନ ପଣ୍ଡା, ଡିପିସି ପ୍ରଦ୍ୟୁମ୍ନ ଘୋଷ ସମେତୟୁନିସେଫର ନେହା ସିଂ ଓ ଘାସିରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ରୋଟାରୀ କ୍ଲବ ମାଙ୍କିଡିଆ ସମ୍ପ୍ରଦାୟ ମଧ୍ୟରେ ଶୀତ ବସ୍ତ୍ର ଓ ସାନିଟାରୀ ନାପକିନ୍ ବଣ୍ଟନ

ବାରିପଦା, (ସବ୍ୟୁ) : ବାରିପଦା ରୋଟାରୀ କ୍ଲବ ତରଫରୁ ବଣିଆବସା ଗ୍ରାମର ମଙ୍କିଡିଆ ସମ୍ପ୍ରଦାୟଙ୍କ ମଧ୍ୟରେ "ମାଆ ଓ କିଶୋରୀ କନ୍ୟାଙ୍କ ସ୍ୱାସ୍ଥ୍ୟ କଲ୍ୟାଣ ପ୍ରକଳ୍ପ ଆନୁକୁଲ୍ୟରେ ଏକ ଦିବସୀୟ ଶିବିର ସଭାପତି ଭବାନୀଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇ ଯାଇଛି । ଏହି ଅବସରରେ ଗ୍ରାମ ଅଭ୍ୟନ୍ତରରେ ରହୁଥିବା ମାଙ୍କିଡିଆ ଅଧିବାସୀଙ୍କ ଗହଣରେ ଏକ ମକର ଅଭିନନ୍ଦନ କାର୍ଯ୍ୟକ୍ରମ



ସହ ରୋଟାରିଆନ ମାନେ ଗ୍ରାମର କିଶୋରୀ କନ୍ୟା ଓ ମହିଳା ମାନଙ୍କୁ ସାନିଟାରୀ ନାପକିନର ବ୍ୟବହାର ଓ ତାର କିଶୋରୀ ମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁଣାତ୍ମକ ପ୍ରଭାବ ସମ୍ପର୍କରେ ସଚେତନ କରି ସାରିବା ପରେ ପ୍ରାୟ ଏକହଜାର ସଂଖ୍ୟକ ନାପକିନ ବଣ୍ଟନ କରାଯାଇଥିଲା । ପରେ ପରେ ଗ୍ରାମର ବୃଦ୍ଧ,ବୃଦ୍ଧା ଓ ଶିଶୁଙ୍କୁ ସମେତ ପ୍ରାୟ ୨୫୦ସଂଖ୍ୟକ ଗ୍ରାମବାସୀଙ୍କୁ କମ୍ବଳ ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମଟିର ସୁଚାରୁ ପରିଚାଳନାରେ ସହଯୋଗ କରିଥିବା ସଦସ୍ୟ ସଦସ୍ୟା ମାନଙ୍କୁ ପ୍ରକଳ୍ପ ଅଧ୍ୟକ୍ଷ ରୋଟାରିଆନ୍ ରାକେଶ ସିଂ କୃତଜ୍ଞତା ପୂର୍ବକ ଧନ୍ୟବାଦ୍ ଅର୍ପଣ କରିଥିଲେ । କ୍ଲବର ବରିଷ୍ଠ ସଦସ୍ୟ ସଦସ୍ୟା ରୋଟରିଆନ ପ୍ରଶାନ୍ତ ଜେନା, ରୋଟାରିଆନ ଅରୁଣ କୁମାର ଦାଶ,ରୋଟାରିଆନ ଗଣେଶ ଦାସ,ପ୍ରାକ୍ତନ ସଭାପତି ଜ୍ୟୋତି ରଞ୍ଜନ ସାହୁ, ଡ.ପୁଷ୍ପା ପାତ୍ର ଓ ପ୍ରାକ୍ତନ ସମ୍ପାଦିକା ବୀଣାପାଣି ଦାଶ ଆଦି କାର୍ଯ୍ୟକ୍ରମ ସମ୍ପାଦନରେ ଗ୍ରାମବାସୀଙ୍କ ଶୃଙ୍ଖଳିତ ଆଚରଣ ହେତୁ ଗ୍ରାମବସୀଙ୍କୁ କୃତଜ୍ଞତା ଜଣାଇବା ପରେ ଶିବିର ଉଦଯାପିତ ହୋଇଥିଲା ।

# ଡା. ମୃତ୍ୟୁଞ୍ଜୟ ମହାପାତ୍ର ଆଇଏମଏ ର ରାଜ୍ୟ ସମ୍ପାଦକ

 କଟକ, (ସ୍ୱପ୍ର) : ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ବିଭାଗର ସୁନାମଧନ୍ୟ ଅବସରପ୍ରାପ୍ତ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ (ଆଇଏମଏ) ଓଡ଼ିଶା ଶାଖାର ସମ୍ପାଦକ ଭାବେ ଆସନ୍ତା୨ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ସେ ଏହି ପଦବୀରେ ନିର୍ବାଚିତ ହୋଇ ଆସୋସିଏସନର ବହୁବିଧ ଉନ୍ନତି ସାଧନ କରିଥିଲେ । ସମ୍ପ୍ରତି ଅନୁଷ୍ଠିତ ଆଇଏମଏ ରାଜ୍ୟସ୍ତରୀୟ ନିର୍ବାଚନରେ ସେ ସଂଖ୍ୟାଧିକ ସଦସ୍ୟଙ୍କ ସମର୍ଥନ ଓ ଭରସା ସହିତ



ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଧିକାର କରିଛନ୍ତି । ଡା. ମହାପାତ୍ର ଏକ ଅନୁଭବୀ ଚିକିତ୍ସକ ହେବା ସହିତ ଆଇଏମଏର ସଙ୍ଗଠନରେ ଦୀର୍ଘଦିନ ଧରି ସକ୍ରିୟ ଭୂମିକା ନିଭାଇ ଆସୁଛନ୍ତି । ସେ ଏହି ପଦରେ ନିର୍ବାଚିତ ହେବା ପରେ ରାଜ୍ୟ ଚିକିତ୍ସକ ମହଲରେ ଆନନ୍ଦ ପ୍ରକାଶ ପାଇଛି । ନୂତନ କାର୍ଯ୍ୟକାଳରେ ଡା. ମହାପାତ୍ର ଆଇଏମଏର ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ସହିତ ଚିକିତ୍ସକଙ୍କ ସମସ୍ୟା ଓ ସ୍ୱାର୍ଥ ସୁରକ୍ଷା ରକ୍ଷା ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

### ୬ ବର୍ଷର ଝିଅକୁ ପିଟିପିଟି ହତ୍ୟା ମାମଲା

# ବାପା-ସାବତ ମା' କୁ ୧୦ ବର୍ଷ ଲେଖାଏଁ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଜଣେ ୬ ବର୍ଷର ଶିଶୁ କନ୍ୟାକୁ ପିଟି ପିଟି ହତ୍ୟା ମାମଲାର ବିଚାର କରି ଅତିରିକ୍ତ ଜିଲା ଜଜ୍-୩ ବିଭଶତ୍ରୁ ଗୌତମ ୨ ଜଣ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀ ହେଲେ ମୃତ ଶିଶୁକନ୍ୟାର ବାପା ଦିଗପହଣ୍ଡି ଅଞ୍ଚଳର ଏ. ଦିବାକର(୩୬) ଓ ସାବତ ମାଆ ଏସ. ତପେୟା(୩୨)। ଉପଯୁକ୍ତ ତଥ୍ୟ ପ୍ରମାଣ ଓ ୨୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜଜ ଆଜି ଉପରୋକ୍ତ ରାୟ ଶୁଣାଇଥିବା ଏପିପି ରଜତ କୁମାର ଦାଶ ସୂଚନା ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶଯେ, ୨୦୨୨ ଫେବୃଆରୀ ୨୮ ତାରିଖରେ ଏ. ଦିବାକରଙ୍କ ପ୍ରଥମ ପନିଙ୍କ ଝିଅ ଏ. ତପସ୍ୟା(୬)ଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ତପସ୍ୟାଙ୍କ ଅଜା ଏ. ଭୀମ ଜାଣିବାକୁ ପାଇଥିଲେ। ସେ ଦିବାକରଙ୍କ ଘରେ ପହଞ୍ଚିବା ପରେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖି ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରିବା ସହ ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ହତ୍ୟା ମାମଲା(୯୨/୨୨) ରୁଜ୍ଜୁ କରି ତଦନ୍ତ କରିଥିଲା। ପୁଲିସ ମୃତ ତପସ୍ୟାଙ୍କ ବାପା ଏ. ଦିବାକର ଏବଂ ସାବତ ମାଆ ଏସ. ତପେୟାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୋଗକାରୀ ଭୀମଙ୍କ ଝିଅ କେ. ଶଶିଙ୍କୁ ୨୦୧୫ରେ ଦିବାକର ବିବାହ କରିଥିଲେ। ଉଭୟଙ୍କ ଏକ କନ୍ୟା ସନ୍ତାନ ତପସ୍ୟା ଜନ୍ମ ହୋଇଥିଲା। ଏହାର କିଛି ବର୍ଷ ପରେ ଶଶିଙ୍କ ମୃତ୍ୟୁ ହୋଇଯାଇଥିଲା। ଶଶିଙ୍କ ମୃତ୍ୟୁ ପରେ ଦିବାକର ତପେୟାଙ୍କୁ ବିବାହ କରିଥିଲେ। ହେଲେ ଦିବାକରଙ୍କ ପୂର୍ବ ପନିଙ୍କ ଝିଅ ତପସ୍ୟା ତାଙ୍କ ନିକଟରେ ରହୁଥିଲା। କିନ୍ତୁ ତପସ୍ୟାକୁ ନେଇ ଦିବାକରଙ୍କ ଦ୍ୱିତୀୟ ପନୀ ତଥା ଆସାମୀ ତପେୟା ଖୁସି ନଥିଲେ। ଯାହାକୁ ନେଇ ଦିବାକର ଓ ତପେୟାଙ୍କ ମଧ୍ୟରେ ଝଗଡା ଲାଗି ରହୁଥିଲା। ୨୮ ତାରିଖ ରାତିରେ ଉଭୟ ତପସ୍ୟାଙ୍କୁ ଏକ ବାଡିରେ ପିଟି ପିଟି ଘର ଭିତରେ ହତ୍ୟା କରି ଦେଇଥିଲେ ବୋଲି ପୁଲିସ ତଦନ୍ତରୁ ଜଣାପଡିଥିଲା। ମାମଲାର ତଦନ୍ତ ଅଧିକାରୀ ଦିପତିରଞ୍ଜନ ବେହେରା ଚାର୍ଜସିଟ ଦାଖଲ କରିଥିଲେ। ଏପଟେ ଗିରଫ ପରଠାରୁ ଉଭୟ ସ୍ୱାମୀ-ସ୍ତ୍ରୀ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହି ଆସୁଥିଲେ। ଆଜି ରାୟ ପ୍ରକାଶ ବେଳେ ଉଭୟଙ୍କୁ କୋର୍ଟରେ ହଜାର କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏପିପି ଶ୍ରୀ ଦାଶ ମକଦ୍ଦମା ପରିଚାଳନା କରୁଥିଲେ।

# ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଞ୍ଜନଗର, (ସବ୍ୟୁ): ବିଭିନ୍ନ ଗ୍ରାମରୁ ଆସିଥିବା ଛାତ୍ରଛାତ୍ରୀ ପରସ୍ପରକୁ ବୁଝିବାର ବିଚାରଧାରା ମଧ୍ୟରେ ଯେଉଁ ଶିକ୍ଷା ଲାଭ ହୁଏ ତାକୁ ଗୁରୁକୂଳ ଶିକ୍ଷା କୁହାଯାଏ । ଦାସିଆ ବାଉରୀ ଉପାଖ୍ୟାନ ବାଖ୍ୟା କରି ଗୁରୁଜନଙ୍କ ପ୍ରତି ଭକ୍ତିଭାବ ପ୍ରଦର୍ଶନ ହିଁ ଜଗନ୍ନାଥଙ୍କ କଲ୍ୟାଣ ବୋଲି ସାଇ ଗୁରୁକୂଳ ଆବାସିକ ବିଦ୍ୟାଳୟର ୧୪ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଘୁମୁସର ମହମଣ୍ଡଳେଶ୍ୱର ତଥା କରଚୁଲି ଆଶ୍ରମର ସନ୍ୟାସୀ ସତ୍ୟାନନ୍ଦ ଗିରି କହିଛନ୍ତି । ମୁଖ୍ୟବକ୍ତା ବ୍ରହ୍ମପୁର ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବନବିହାରୀ ପାଣିଗ୍ରାହୀ ଶିକ୍ଷା ହିଁ ଏକ ପ୍ରଗତିଶୀଳ ରାଷ୍ଟ୍ରର ଭିତ୍ତିଭୂମି ବୋଲି କହିଥିଲେ । ତନରଡା ଆର୍ଯ୍ୟକନ୍ୟା ଗୁରୁକୂଳ ଆଶ୍ରମର ଆଚାର୍ଯ୍ୟ ସ୍ମୃତିପ୍ରାୟ, ଅବସରପ୍ରାପ୍ତ ଅତିରିକ୍ତ ତହସିଲଦାର ରଜନୀକାନ୍ତ ମହାପାତ୍ର, ଲେମ୍ଭେଇ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ପାତ୍ର, ସମାଜସେବୀ ଶୂଳପାଣି ଶତପଥୀ, ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ରମାକାନ୍ତ ପାଢ଼ୀ, ସୂର୍ଯ୍ୟ ନାରାୟଣ ପାତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅନୁଷ୍ଠାନର ପ୍ରଧାନଶିକ୍ଷକ ପଞ୍ଚାନନ ସାହୁ ସଭା କାର୍ଯ୍ୟର ସଂଯୋଜନା କରି ବିଦ୍ୟାଳୟର ବିବରଣୀ ପାଠ କରିଥିଲେ । ପ୍ରତିଷ୍ଠାତା-ସମ୍ପାଦକ ଅଜିତ କୁମାର ଶତପଥୀ ୨୦୧୨ ମସିହାରେ ଆରମ୍ଭ ହୋଇଥିବା ସାଇ ଗୁରୁକୂଳ ଆବାସିକ ବିଦ୍ୟାଳୟ ଦକ୍ଷିଣ ଓଡ଼ିଶାର ଏକ ଗାରିମାମୟ ସଂସ୍କାର ଶିକ୍ଷା ଅନୁଷ୍ଠାନରେ ପହଞ୍ଚିଛି ବୋଲି କହିଥିଲେ । ପୂର୍ବତନ ସଭାପତି ତଥା ଉପଦେଷ୍ଟା ସନ୍ତୋଷ କୁମାର ଜେନାଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା । ସଂସ୍କୃତ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ପ୍ରଶଂସାପତ୍ର ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସଭାରେ ବହୁ ମାନ୍ୟଗଣ ବ୍ୟକ୍ତି ଓ ଅଭିଭାବକ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ରାଧାରାଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଷ୍ଣୁ ପ୍ରିୟା ନାୟକ, ମାମି ବେହେରା, ଗଣେଶ ପ୍ରଧାନ, ରୋସନ ଗୌଡ଼, ସ୍ୱପ୍ନ ନାୟକ ଏଥିରେ ସହଯୋଗ କରିଥିଲେ ।

# ଜାତୀୟସ୍ତରରେ କମାଲ କଲେ ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ରୋହିତ

ବାରିପଦା, (ସବ୍ୟୁ) : କଠୋର ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତାର ଚାବିକାଠି ବୋଲି ପ୍ରମାଣ କରିଛନ୍ତି ବାରିପଦା ବ୍ଲକ ଅନ୍ତର୍ଗତ କୈଳାଶ ଚନ୍ଦ୍ର ପୁର ଗ୍ରାମ ନିବାସୀ ଲୁସ ମାର୍ଣ୍ଡି ଓ ଚୁମକି ମାର୍ଣ୍ଡିଙ୍କ ପୁଅ ରୋହିତ କୁମାର ମାର୍ଣ୍ଡି ଓ ସାଧାରଣ ଚାଷୀ ପରିବାରର ରୋହିତ ଗାଁ ସ୍କୁଲରେ ପଢ଼ୁଥିବା ବେଳେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପର୍ବପର୍ବାଣୀରେ ଆୟୋଜିତ ତୀରନ୍ଦାଜ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲେ। ତାର ପ୍ରତିଭାର ବିକାଶ ପାଇଁ ବାରିପଦାର ତକତପୁର ସ୍ଥିତ ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ନିଜ ହଷ୍ଟେଲରେ ରଖି ନିକଟସ୍ଥଯୁଜି ପ୍ରାକଫିସିଂ ଉଚ୍ଚ ବିଦ୍ୟାଳୟରେ ୯ମ ଶ୍ରେଣୀରେ ନାମ ଲେଖାଇଥିଲେ। ଏକାଡେମୀର କୋଚ ତରଣୀସେନ ନାୟକ ଓ ଫୁଲମଣୀ ପାଲ୍ୟୋଙ୍କ ଠାରୁ ପ୍ରଶିକ୍ଷଣ ପାଇ ଚଳିତ ବର୍ଷ ୧୦ମ ଶ୍ରେଣୀରେ ପଢ଼ୁଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ସ୍କୁଲ ଆର୍ଚେରୀ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ରାଞ୍ଚିଠାରେ ଅନୁଷ୍ଠିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ବର୍ଷରୁ କମ ତୀରନ୍ଦାଜ



ପ୍ରତିଯୋଗିତାରେ ଓଡିଶା ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଏହି ପ୍ରତିଯୋଗିତାରେ ସେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରି ନିଜ ଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଆଣିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଓ ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ, ଉଭୟ କୋଚ ତଥା ବିଦ୍ୟାଳୟ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ ରୋହିତର ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ପ୍ରକାଶ ଥାଉକି ଏହି ଏକାଡେମୀ ବହୁ ଗରିବ ଛାତ୍ରଛାତ୍ରୀଙ୍କୁ ନିଜ ପ୍ରଚେଷ୍ଟାରେ ପାଠ ପଢେଇବା ସହ ତାଙ୍କ ଭିତରେ ଥିବା ପ୍ରତିଭାର ବିକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି। ଉପଯୁକ୍ତ ପ୍ରଶିକ୍ଷଣ ପାଇ ବହୁ ରଗବୀ ଖେଳାଳି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରିପାରିଛନ୍ତି।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆନ୍ତଃ ଗ୍ରାମୀଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଛତ୍ରପୁର, (ସବ୍ୟୁ): ଗ୍ରାମାଞ୍ଚଳରେ ଯୁବପିଢ଼ିଙ୍କ ମଧ୍ୟରେ କ୍ରିଡାର ପ୍ରତିଭାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଗୋପାଳପୁର ବନ୍ଦରର ପ୍ରାଶ୍ୱର୍ବର୍ତ୍ତୀ ଗ୍ରାମଗୁଡିକର ଯୁବକମାନଙ୍କୁ ନେଇ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏକ ଆନ୍ତଃଗ୍ରାମ କ୍ରିକେଟ ଟୁର୍ଣ୍ଣାମେଣ୍ଟ କାଳିପଲ୍ଲି ପଞ୍ଚାୟତସ୍ଥିତ ବନ୍ଦରଗାଁ ଖେଳ ପଡିଆଠାରେ ଆୟୋଜନ କରାଯାଇଛି । ଆଜିର ଉଦଘାଟନୀ ମ୍ୟାଚରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫିତା କାଟିବା ସହ ନଡ଼ିଆ ଭାଙ୍ଗି ପାରମ୍ପରିକ ଶୈଳୀରେ



ଏହି ଟୁର୍ଣ୍ଣାମେଣ୍ଟକୁ ଔପଚାରିକ ଭାବେ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଗୋପାଳପୁର ବନ୍ଦରର ବ୍ୟବସାୟ ମୁଖ୍ୟ, ପ୍ରଶାନ୍ତ ପାତ୍ର, ଶିଳ୍ପ ସମ୍ପର୍କ ମୁଖ୍ୟ ଭକ୍ତବନ୍ଧୁ ଶତପଥୀ ଓ ସିଏସଆର୍ ମୁଖ୍ୟ ଦେବଦତ୍ତ ମିଶ୍ରଙ୍କ ସହ ସ୍ଥାନୀୟ ଅଞ୍ଚଳର ବହୁ ଯୁବପିଢି, ଛାତ୍ରଛାତ୍ରୀ ଓ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ । ଗୋପାଳପୁର ବନ୍ଦରର ପାଶ୍ୱର୍ବର୍ତ୍ତୀ ମୋଟ ଛଅଗୋଟି ପଞ୍ଚାୟତ ଯଥା ଆର୍ଯ୍ୟପଲ୍ଲୀ, କଣମଣା, ଶ୍ରୀରାମଚନ୍ଦ୍ରପୁର, କାଳିପଲ୍ଲି, ଚମାଖଣ୍ଡି ଓ ଅଗସ୍ତି ନୂଆଗାଁର ମୋଟ ଆଠଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଛନ୍ତି । ସମସ୍ତ ମ୍ୟାଚ୍ ୧୨ ଓଭର ବିଶିଷ୍ଟ ଖେଳାଯିବ । ଫାଇନାଲ୍ ସହିତ ସମୁଦାୟ ସାତଟି ମ୍ୟାଚ୍ ଆୟୋଜିତ ହେବ । ଆଜି ପ୍ରଥମ ମ୍ୟାଚ୍ ଆର୍ଯ୍ୟପଲ୍ଲୀ ଏବଂ କାଳିପଲ୍ଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୧୬ ତାରିଖ ଦିନ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଆଦାନୀ ଫାଉଣ୍ଡେସନର ଏହି କ୍ରୀଡାଭିତିକ ପଦକ୍ଷେପକୁ ସ୍ଥାନୀୟ କ୍ରୀଡାପ୍ରେମୀ ଓ ଭଦ୍ର ବ୍ୟକ୍ତି ସ୍ୱାଗତ କରି କହିଛନ୍ତି ଯେ, ଏହିପରି ଟୁର୍ଣ୍ଣାମେଣ୍ଟ ଆୟୋଜନ ଦ୍ୱାରା ଗ୍ରାମାଞ୍ଚଳର ଯୁବକମାନେ କ୍ରୀଡା ପ୍ରତି ଅଧିକ ଆଗ୍ରହୀ ହେବା ସହ ତାଙ୍କର ପ୍ରତିଭା ପ୍ରଦର୍ଶନ ପାଇଁ ଏକ ମଞ୍ଚ ପ୍ରଦାନ କରିବାରେ ସହାୟକ ହେବ । ଆଦାନୀ ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି ଯେ ସ୍ଥାନୀୟ ଯୁବ ଖେଳାଳିମାନଙ୍କୁ କ୍ରୀଡାରେ ସକ୍ରିୟ ଭାବେ ଯୋଗଦାନ ପାଇଁ ଉତ୍ସାହିତ କରିବା ସହ ଗୋପାଳପୁର ବନ୍ଦରର ପାଶ୍ୱର୍ବର୍ତ୍ତୀ ଅଞ୍ଚଳର ଉଦୀୟମାନ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନର ମୁଖ୍ୟ ଲକ୍ଷ୍ୟ ଅଟେ ।


# ଟୋକେନ ନାହିଁ କି ଟାର୍ଗେଟ ନାହିଁ, ଧାନ ବିକିବେ କାହାକୁ

## ବାହାରପୁର ପଞ୍ଚାୟତରେ ଚାଷୀ ହତାଶ

ଧରାକୋଟ, (ସବ୍ୟୁ): ମୁଣ୍ଡ ଝାଳକୁ ତୁଣ୍ଡରେ ମାରି ଉତ୍ପାଦିତ କରିଥିବା ଧାନ ଫସଲ ମଣ୍ଡିରେ ଦେଇପାରୁ ନାହାନ୍ତି ଚାଷୀ । ବାରମ୍ବାର ପାକ୍ସକୁ ଦୌଡୁଥିଲେ ମଧ୍ୟ ଟୋକେନ ମିଳୁନି । ସମବାୟ ସମିତି ସମ୍ପାଦକ ଅସହାୟ ଭାବରେ ସଂକ୍ଷିପ୍ତ ଉତ୍ତର ଦେଉଛନ୍ତି ଟାର୍ଗେଟ ନାହିଁ । ଚାଷୀ ମହଲରେ ଭାଳେଣି ପଡ଼ିଲାଣି ସେମାନଙ୍କ ଧାନ କିଣିବ କିଏ ଓ କେବେ । ସାହୁକାର ଠାରୁ ଧାର କରଜ କରି ବିହନ, ସାର, ମଜୁରୀ ଦେଇ ଧାନ ଫସଲ କରିଥିବା ଚାଷୀ ନିଜ କ୍ଷେତକୁ ଦେଖି ବେଶ ଖୁସି ସଂଚାର କରିଥିଲା ମନରେ । ଧାର କରଜ ଶୁଝିବା ପରେ ବଳକା ହେବାର ମନରେ ଯେଉଁ ଆଶା ରହିଥିଲା ତାହା ଧୀରେ ଧୀରେ ମଉଳିବାକୁ ବସିଲାଣି । କାରଣ ଧରାକୋଟ ବ୍ଲକର ସମସ୍ତ ପାକ୍ସ ରେ ଚାଷୀଙ୍କୁ ମେସେଜ ଆସି ଟୋକେନ ମଧ୍ୟ ମିଳିଲାଣି । କେବଳ ବାହାର ପୁର ପାକ୍ସ ପଛରେ ରହିଛି । କାହିଁକି ଟୋକେନ ଚାଷୀଙ୍କୁ ଦିଆଯାଉନି ଓ ଏହି ସମିତି ପାଇଁ ଟାର୍ଗେଟ ଆସୁନି ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଉତ୍ତର ସଂପୃକ୍ତ ବଡ଼ ଅଧିକାରୀ ମାନଙ୍କ ପାଖରେ ନାହିଁ । ଏହା ମଧ୍ୟରେ ବାହାରପୁର ପଞ୍ଚାୟତରେ ଦଳଗୋବିନ୍ଦ ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ କିଣିବା ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି । ବାହରପୁର ସମବାୟ ସମିତିରେ ୫୮୭ ଜଣ ଚାଷୀ ଧାନ ବିକ୍ରି ପାଇଁ ନିଜର ନାମ ପଞ୍ଜିକରଣ କରିଛନ୍ତି । ଦୀର୍ଘ ତିରିଶି ଦିନ ଆଗରୁ ଧାନ ଫସଲ ଅମଳ କରି ଘରେ, ଜମିରେ ଓ ଖଳାରେ ରଖିଛନ୍ତି । ସରକାରି ଘୋଷଣା ଅନୁଯାୟୀ ଗତ ଡ଼ିସେମ୍ବର ମାସ ୨୩ ତାରିଖ ଦିନ ଧାନ ମଣ୍ଡି ଖୋଲିଛି । ବିଳମ୍ବରେ ହେଲେ ମଧ୍ୟ ବାହାରପୁର ପାକ୍ସକୁ ବାଦ ଦେଇ ଅନ୍ୟ ପାକ୍ସରେ ଧାନ କିଣା ଆରମ୍ଭ ହେଲାଣି । ବ୍ଲକର ୧୫ ପାକ୍ସ ଓ ୯ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ପାଇଁ



ଅନୁମତି ପାଇଛନ୍ତି । ହେଲେ ବାହାର ପୁର ପଞ୍ଚାୟତର ଚାଷୀଙ୍କ ଠାରୁ ଧାନ ସଂଗ୍ରହ ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇନଥିବାରୁ ଚାଷୀ ମାନେ ଶାଗ ମାଛ ମୂଲରେ ୧୮୦୦/୨୦୦୦ ଟଙ୍କାରେ ଦଲାଲ ଓ ଆନ୍ଧ୍ର ବେପାରୀଙ୍କୁ ଧାନ ବିକ୍ରି କରୁଛନ୍ତି । ଆଜି ଏହି ପଞ୍ଚାୟତ ର ଶହେରୁ ଅଧିକ ଚାଷୀ ଧରାକୋଟ ତହସିଲ କାର୍ଯ୍ୟାଳୟକୁ ଅଭିଯୋଗ କରିବା ପାଇଁ ଆସିଥିଲେ ମଧ୍ୟ ତହସିଲଦାର ଅନୁପସ୍ଥିତ ଥିବାରୁ ନିରାଶାରେ ଏବଂ କ୍ଷୋଭରେ ଫେରିଥିଲେ । ତୁରନ୍ତ ଟୋକେନ ପ୍ରଦାନ ପାଇଁ ସରକାର ବିଧି ବ୍ୟବସ୍ଥା ନକଲେ ଆନ୍ଦୋଳନର ଚେତାବନୀ ମଧ୍ୟ ଦେଇଥିଲେ । ଘଟଣା ସମ୍ପର୍କରେ ବ୍ଲକ ଯୋଗାଣ ନୀରିକ୍ଷକଙ୍କ ସହ ଯୋଗାଯୋଗ ବେଳେ ବାହାର ପୁର ପଞ୍ଚାୟତ ର ଚାଷୀଙ୍କ ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ସେ ଜଣାଇଛନ୍ତି, ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ନିର୍ଭର ଯୋଗ୍ୟ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଗଞ୍ଜାମ ଜିଲ୍ଲାର ୪୧ ଗୋଟି ପାକ୍ସର ଚାଷୀଙ୍କୁ ଟୋକେନ ପ୍ରଦାନ କରାଯାଇନାହିଁ କି ଟାର୍ଗେଟ ମଧ୍ୟ ନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ବାହାରପୁର ପଞ୍ଚାୟତର ଚାଷୀ କଣ ସରକାରଙ୍କ ସାବତ ପୁଅ କି ? କେବେ ଆସିବ ଟାର୍ଗେଟ କେବେ ମିଳିବ ଟୋକେନ ଚିନ୍ତାରେ ପଡ଼ିଛନ୍ତି ଚାଷୀ ।

# ଅବକାରୀ ବିଭାଗ ପଞ୍ଝାରେ ୨ ନିଶାବେପାରୀ

- ୯୮ ଗ୍ରାମର ହେରୋଇନ ଜବତ
- ମହିଳାଙ୍କ ସମେତ ଦୁଇ ଗିରଫ

ପାରାଦୀପ,( ଜି.ପ୍ର ): ସମଗ୍ର ରାଜ୍ୟରେ ଅବକାରୀ ବିଭାଗର ସ୍ପେଶାଲ ଡ୍ରାଇଭ ଚାଲିଥିବାବେଳେ ମଙ୍ଗଳବାର ଦିନ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରି ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ। ଜଗତସିଂହପୁର ଥାନା ଅନ୍ତର୍ଗତ ମାର୍କଣ୍ଡପୁର ଗ୍ରାମରେ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକଫର ପ୍ରଭାସ ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ ମାର୍କଣ୍ଡେଶ୍ୱର ମନ୍ଦିର ନିକଟରେ ଜଗି ରହିଥିଲେ। ଅଭିଯୁକ୍ତ ମହିଳା ଜଣଙ୍କ ଗ୍ରାହକଙ୍କୁ ହେରୋଇନ ବିକ୍ରି କରିବା ପାଇଁ ଆସିଥିବା ବେଳେ ପୂର୍ବରୁ ଛକି ରହିଥିବା ଟିମ୍ ତାଙ୍କୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୮୨ ଗ୍ରାମର ବେଆଇନ ହେରୋଇନ ଏବଂ ଏକ ଆଣ୍ଡ୍ରଏଡ ଫୋନ ଜବତ କରାଯାଇଥିଲା ଯାହାର ଆନୁମାନିକ ମୂଲ୍ୟ ୮,୨୦,୦୦୦ ଟଙ୍କା ହେବ। ଗିରଫ ଅଭିଯୁକ୍ତ ଜଣକ ହେଲେ କଣ୍ଟାବଲ୍ଲଭପୁର ଗ୍ରାମର ରବିନ୍ଦ୍ରନାଥ ଭୋଇଙ୍କ ପତ୍ନୀ ଟୁନି ଭୋଇ(୫୦)। ସେହିପରି ଅନ୍ୟ ଏକ ଘଟଣାକ୍ରମ ଜଗତସିଂହପୁର ଅବକାରୀ ରେଞ୍ଜ ର ଇନ୍ସପେକଫର ଶ୍ରୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ବଜାରରେ ଚଢାଉ କରି ୧୬ ଗ୍ରାମର ହେରୋଇନ ଜବତ କରିବା ସହ ହେରୋଇନ ବ୍ୟବସାୟରେ ଜଡିତ ଥିବା ସିଙ୍ଗିତାଲିଆ ଗ୍ରାମର ସ୍ୱର୍ଗତ ଗୁରୁଚରଣ ନାୟକ ଙ୍କ ପୁଅ ସୂର୍ଯ୍ୟକାନ୍ତ ନାୟକ(୨୯) ଙ୍କୁ ଗିରଫ କରିଛି। ଜବତ ହେରୋଇନ ର ଆନୁମାନିକ ମୂଲ୍ୟ ୧,୬୦,୦୦୦ ଟଙ୍କା ହେବ।

ଆଜିର ଏହି ଚଢାଉ ରେ ଜଗତସିଂହପୁର ଅବକାରୀ ରେଞ୍ଜ ର କନଷ୍ଟେବଲ ଜୟଦେବ ପାତ୍ର, ଶୁଭଶ୍ରୀ ବିଶ୍ୱାଳ, ଦୀନବନ୍ଧୁ ସେଠୀ, ଅନୁରାଗ ସୂର୍ଯ୍ୟବଂଶୀ, ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକଫର ବନ୍ଦନା ପଟ୍ଟନାୟକ, ଏସ୍ ଆଇ ସନ୍ତୋଷ ନାୟକ, ଏ ଏସ୍ ଆଇ ପିନାକୀ ରଞ୍ଜନ ରାଉତରାୟ, କନଷ୍ଟେବଲ ସବିତା ନାୟକ, ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ ପ୍ରମୁଖ ସାମିଲ ଥିଲେ। ପ୍ରକାଶ ଥାଉ କି ଗିରଫ ଅଭିଯୁକ୍ତ ଟୁନି ଭୋଇ ଜଣେ ପେଶାଦାର ହେରୋଇନ ବ୍ୟବସାୟୀ ଓ ତାଙ୍କ ନାମରେ ପୂର୍ବ ରୁ ଅନେକ ମାମଲା ରହିଛି। ଗିରଫ ଦୁଇ ଅଭିଯୁକ୍ତ ଙ୍କୁ ଦୁଇଟି ଅଲଗା ଅଲଗା ମାମଲାରେ କୋର୍ଟ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢାଉକୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ସମସ୍ତ ଅଭିଯୁକ୍ତଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ ପ୍ରକାଶ କରିଛନ୍ତି।

# ୧୫ ରୁ ଜଗତସିଂହପୁର ପୁସ୍ତକ ମେଳା-୨୦୨୬

ଜଗତସିଂହପୁର, (ସବ୍ୟୁ):ଜଗତସିଂହପୁର ସାଂସ୍କୃତିକ ପରିଷଦର ଆନୁକୁଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ୨୭ ତମ ଜଗତସିଂହପୁର ପୁସ୍ତକମେଳା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆସନ୍ତା ଜାନୁଆରୀ ୧୫ ରୁ ୨୧ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୨୭ ତମ ଜଗତସିଂହପୁର ପୁସ୍ତକମେଳାର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରିବା ସହ ସାମ୍ବାଦିକ ବନ୍ଧୁ ମାନଙ୍କ ସହଯୋଗ ପାଇଁ ପୁସ୍ତକମେଳା ସଫଳ ହୋଇ ପାରୁଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ।ଆସନ୍ତା ପୁସ୍ତକ ମେଳାରେ ମୋଟ ୭୪ ଟି ପୁସ୍ତକ ପ୍ରକାଶନ ସଂସ୍ଥା,୫୪ ଟି ଷ୍ଟଲ(ଜାତୀୟ ବାଣିଜ୍ୟ ମେଳା)ସହ ୧୦ ଟି ଖାଦ୍ୟ ଷ୍ଟଲ ରହିଥିବା ବେଳେ ଆଦିକବି ସାରଳା ଦାସଙ୍କ ସ୍ମୃତିରେ ଏକ ସ୍ୱତନ୍ତ୍ର ଷ୍ଟଲ୍ କରାଯିବାର ସୂଚନା ପ୍ରଦାନ କରିଥିଲେ ।ପରିଷଦର ସଦସ୍ୟ ତଥା ପୂର୍ବତନ ସମ୍ପାଦକ ଗୋପାଳ କୃଷ୍ଣ ମିଶ୍ର ସାମ୍ବାଦିକ ମାନଙ୍କ ସହଯୋଗ ପାଇଁ ପ୍ରଶଂସା କରିବା ସହ ସମସ୍ତଙ୍କୁ ପୁସ୍ତକ ମେଳା ରୁ ବହିଟିଏ କିଣି ଏହି ମେଳାକୁ ସଫଳ କରିବା ପାଇଁ ଅନୁରୋଧ କରିଥିଲେ ।ପରିଷଦର ସମ୍ପାଦକ ସାରଦା ପ୍ରସାଦ ଦାସ ଏହି ସାତଦିନ ବ୍ୟାପି କାର୍ଯ୍ୟକ୍ରମ ବାବଦରେ ସୂଚନା ଦେବା ସହିତ ଉ଼ଦ୍ଘାଟନୀ ଏବଂ ଉଦଯାପନୀ ଉତ୍ସବରେ ଜିଲ୍ଲାର ସମସ୍ତ ମାନ୍ୟବର ବିଧାୟକ,ମନ୍ତ୍ରୀ ଏବଂ ସାଂସଦ ଓ ଲୋକ ପ୍ରତିନିଧି ମାନଙ୍କ ଯୋଗ ଦେବା ସହ ଅନ୍ୟ ଦିନ ମାନଙ୍କରେ ରାଜ୍ୟର



ପ୍ରତିଷ୍ଠିତ ସାହିତ୍ୟିକ ମାନଙ୍କୁ ନେଇ ସାହିତ୍ୟ ଚର୍ଚ୍ଚା,ଓପନ କୁଇଜ ପ୍ରତିଯୋଗିତା, ବିଦ୍ୟାଳୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ରାଜ୍ୟର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ,କବିତା ପାଠୋତ୍ସବ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ବିଜୟ କୁମାର ରାଉତ ଏହିବର୍ଷ ପୁସ୍ତକମେଳା ମଞ୍ଚ ଆଦିକବି ସାରଳା ଦାସ ମଞ୍ଚ ନାମରେ ନାମିତ କରାଯାଇଛି ବୋଲି ସୂଚନା ପ୍ରଦାନ କରିଥିଲେ।ଶେଷରେ ଅନ୍ୟତମ ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ ଧନ୍ୟବାଦ୍ ଅର୍ପଣ କରିଥିଲେ ।ଏହି ସାମ୍ବାଦିକ ସମ୍ମିଳନୀରେ ପରିଷଦର ଯୁଗ୍ମ ସମ୍ପାଦକ ସୁଧୀର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ନରେଶ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଡ଼ ଜ୍ୟୋତିର୍ମୟୀ ମହାନ୍ତି, ପ୍ରଭାତ କୁମାର ଦାଶ,କୈଳାସ ମଲ୍ଲିକ,ପ୍ରଜ୍ଞା ପାରମିତା ଚୌଧୁରୀ, ସୁଷମା ପ୍ରଧାନ, ବିଜୟଲକ୍ଷ୍ମୀ ମହାପାତ୍ର, ସତ୍ୟବ୍ରତ ବିଶ୍ୱାଳ, ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଷ୍ଠାର ସହ ଅଧ୍ୟୟନ କଲେ ସଠିକ ନ୍ୟାୟ ପ୍ରଦାନ କରିପାରିବେ

ସାଲେପୁର, (ସବ୍ୟୁ) : କଟକ ଜିଲ୍ଲା ସାଲେପୁରସ୍ଥିତ ମଧୁମଣ୍ଡପ ପରିସରରେ କଟକ ଜିଲ୍ଲା ଅଧିବକ୍ତା ପରିଷଦ ଓ ସାଲେପୁର ବାର ଆସୋସିଏସନ ମିଳିତ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଜିଲ୍ଲା ସ୍ତରୀୟ ଯୁବ ଆଇନଜୀବୀ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନ୍ୟାୟମୂର୍ତ୍ତି ଆନନ୍ଦ ଚନ୍ଦ୍ର ବେହେରା ଓଡିଶା ଉଚ୍ଚ ନ୍ୟାୟାଳୟ , ଅଜିତ ପଟ୍ଟନାୟକ ସଭାପତି ଓଡିଶା ଅଧିବକ୍ତା ପରିଷଦ, କଟକ ଅଧିବକ୍ତା ସଭାପତି ସରୋଜ କୁମାର ଜୀ , ସମ୍ପାଦକ ଜଟେଶ୍ୱର ନାୟକ, ସାଲେପୁର ବାର ଆସୋସିଏସନ ସଭାପତି ବିକ୍ରମ ବଳ ଓ ସମ୍ପାଦକ ଭାସ୍କର ବେହେରାଙ୍କ ସହ ସାଲେପୁର କୋର୍ଟର ମାଜିଷ୍ଟ୍ରେଟ ପ୍ରମୁଖ ଯୋଗ ଦେଇଥିଲେ । ବିବେକାନନ୍ଦଙ୍କ ଜୀବନାଦର୍ଶନ ଉପରେ ଆଲୋକପାତ କରିବା ସହ




ନିଷ୍ଠାର ସହ ଅଧ୍ୟୟନ କଲେ ସଠିକ ନ୍ୟାୟ ପ୍ରଦାନ କରିପାରିବେ ବୋଲି ଅତିଥିମାନେ କହିଥିଲେ। ଆଜିର ସମାଜ ପାଇଁ ଆଇନ ବ୍ୟବସ୍ଥା , ସମାଜ ରାଷ୍ଟ୍ର ପାଇଁ ଓକିଲଙ୍କ କର୍ତ୍ତବ୍ୟ, ସାଧାରଣ ଲୋକଙ୍କ ପାଖରେ କିଭଳି ନ୍ୟାୟ ପହଂଚି ପାରିବ ସେ ସବୁର ପୁଙ୍ଖାନୁପୁଙ୍ଖ ଭାବେ ଅତିଥିମାନେ ମଞ୍ଚରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଇନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛଅ ଜଣ ଯୁବ ଅଧିବକ୍ତାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।କାର୍ଯ୍ୟକ୍ରମରେ ସାଲେପୁର କୋର୍ଟର ସମସ୍ତ ଓକିଲ ମାନେ ଉପସ୍ଥିତ ରହିଥିଲେ।

# କନିଷ୍ଠ ଖଣି ଅଧିକାରୀଙ୍କୁ ଘେରିଲେ ଲୋକେ

ନାଉଗାଁ, (ସବ୍ୟୁ): ନାଉଗାଁ ଥାନା ଅନ୍ତର୍ଗତ ଗଳଦାରିରେ କନିଷ୍ଠ ଖଣି ଅଧିକାରୀଙ୍କୁ ଘେରିଗଲେ ଶତାଧିକ ଗ୍ରାମବାସୀ ନାଉଗାଁ ତହସିଲ ଅଧୀନ ଏକ ଚାଷ ଜମିରେ ବେଆଇନ୍ ଭାବରେ ମାଟି ଖୋଳ ଯାଉଥିବା ଖବର ପାଇ କନିଷ୍ଠ ଖଣି ଅଧିକାରୀ ଘଟଣା ସ୍ଥଳକୁ ଯାଇଥିଲେ । ମାଟିଖୋଳା କାର୍ଯ୍ୟରେ ନିୟୋଜିତ ଥିବା ଏକ ଟ୍ରାକ୍ଟର, ଯେସିବି ମେସିନ ଉପରେ ଜରିମାନା କରାଯିବ ବୋଲି କହିଥିଲେ । ଅନ୍ୟପଟେ ନିଜ ଜମିରୁ ମାଟି ଉଠାଇ ପାଖ ଖାଲ ଜମି ପୋତାଯାଉଥିବା ଦର୍ଶାଇ ଜମୀ ମାଲିକ ବିରୋଧ କରିଥିଲେ । କଥା ପ୍ରଘଟ ହେବା ପରେ ଆଖ ପାଖ ଲୋକେ ରୁଣ୍ଡ ହେବା ସହ ଖଣି ଅଧିକାରୀଙ୍କ ନିଷ୍ପତିକୁ ବିରୋଧ କରିଥିଲେ । ଯାହା ଫଳରେ ଘଟଣା ସ୍ଥଳରେ ଉତେଜନା ପ୍ରକାଶ ପାଇଥିଲା । କନିଷ୍ଠ ଖଣି ଅଧିକାରୀ ଉପ ଜିଲ୍ଲାପାଳ ଓ ନାଉଗାଁ ତହସିଲ ଅଧିକାରୀ ଙ୍କୁ ଜଣାଇବା ପରେ ସ୍ଥାନୀୟ ପୋଲିସ ସାହାଯ୍ୟରେ ତାଙ୍କୁ ଉଦ୍ଧାର କରାଯାଇଥିଲା । ଆଜି କନିଷ୍ଠ ଖଣି ଅଧିକାରୀ ଜୀତେନ୍ଦ୍ର କୁମାର ଦାସ ସଂପୃକ୍ତ ଘଟଣାକୁ ନେଇ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କୁ ଅନେକ ଲୋକେ ଘେରି ଯିବା ସହିତ ଖରାପ ଭାଷାରେ ଗାଳି ଗୁଲଜ ଓ ଧମକ ଦେଇଥିବା ଅଭିଯୋଗ ରେ ଦର୍ଶାଇଛନ୍ତି । ନାଉଗାଁ ପୋଲିସ ଘଟଣାର ତଦନ୍ତ କରୁଛି ।

# କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, (ସବ୍ୟୁ) : ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ା ତାର ତୃତୀୟ ବାର୍ଷିକ ଜନ୍ମଦିନ ପାଳନ କରିଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ମନୋରଞ୍ଜନ ରାଉତ,ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସଚ୍ଚିଦାନନ୍ଦ ମିଶ୍ର, ଡ଼. ଶ୍ୟାମସୁନ୍ଦର ଟୁଡ୍ଡୁ,ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା ପ୍ରୋଗ୍ରାମ ପରିଚାଳକ ଡ଼. ମନୋରଞ୍ଜନ ସାହୁ,ଆକାଉଣ୍ଟସ ମ୍ୟାନେଜର ବିଷ୍ଣୁ ପ୍ରସାଦ ସାହୁ, ଫାଇନାସିଆଲ ଅଧିକାରୀ ଆଶୁତୋଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚିକିତ୍ସାଳୟର ବିଭିନ୍ନୟୁନିଟ ଯଥା ସ୍ତ୍ରୀ ଓ ପ୍ରସୂତି ବିଭାଗ, ଅସ୍ତ୍ରୋପ୍ରଚାର, ପରୀକ୍ଷାଗାର, ମେଡ଼ିସିନ, ଏସଏନସିଉ, ପୁଷ୍ଟି ପୁନର୍ବାସ କେନ୍ଦ୍ର, ସିକ୍ୟୁରିଟି, ସଫେଇ ଆଦି ବିଭାଗକୁ କାୟାକଳ୍ପ ସମ୍ମାନ ପାଇଁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଡି.ଇ.ଆ.ଇସି ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। ବିଶେଷ ଭାବରେ ସିନିୟର କନସଲଟାଣ୍ଟ ଡ଼. କିଶୋର ଚନ୍ଦ୍ର ମିଶ୍ର, ଶିଶୁ ବିଭାଗ, ସର୍ଜରୀ ସ୍ପେସାଲିଷ୍ଟ. କେ ଦାସ, ହସ୍ପିଟାଲ ମ୍ୟାନେଜର ପ୍ରଭାତ କୁମାର ନାୟକ, ପୂର୍ବତନ ହସ୍ପିଟାଲ ମ୍ୟାନେଜର ସୁନିତା ପ୍ରଧାନ, ଅନ୍ୟତମ ହସ୍ପିଟାଲ ମ୍ୟାନେଜର ସୁଭାଶିଷ ସାଠୁଆ,ଆକାଉଟାଣ୍ଟ କୁମରେଶ ନାୟକ, ଏନ. ଆର ସି କାଉସିଲର ଅମ୍ରିତା ଜେନା,କାଉସିଲର ସୁସ୍ମିତା ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମକୁ ଡେପୁଟି ମ୍ୟାନେଜର ଡ଼. ସୁକାନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ।

# ପୂର୍ତ୍ତ ବିଭାଗ ରାସ୍ତାରୁ ଉଠିଲାଣି ଗୋଡି : ହୀନସ୍ତା ପଥଚାରୀ

ମାହାଙ୍ଗା, (ସବ୍ୟୁ) : ମାହାଙ୍ଗା ବ୍ଲକରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କିଭଳି ଭାବରେ ନିମ୍ନମାନର କରାଯାଉଛି ତାହାର ଉଦାହରଣ ପାଲଟିଛି ନିଶ୍ଚିନ୍ତକୋଇଲି-ଲଳିତଗିରି ପୂର୍ତ୍ତବିଭାଗ ରାସ୍ତା । ଏହି ରାସ୍ତାର କାର୍ଯ୍ୟ ଆରମ୍ଭ ସମୟରେ ବି ପିଚୁରୁ ଗୋଡି ଉଠିଯାଇଥିଲା । ଉମର ମେଣ୍ଢେଇ ଠାରୁ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ୧୨୦୦ମିଟର ରାସ୍ତାର ପିଚୁ କାର୍ଯ୍ୟ ଚାଲିଥିଲା ବେଳେ ଉମର ରଥ ଦାଣ୍ଡରେ ନିମ୍ନମାନର ପିଚୁ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳୁଛି । ଏ ସଂପର୍କରେ ଗଣମାଧ୍ୟମରେ ଅଭିଯୋଗ ହୋଇଥଲେ ମଧ୍ୟ ଏ ପର୍ଯ୍ୟନ୍ତ ଉଚ୍ଚ କର୍ତ୍ତୃପକ୍ଷ ନା ଘଟଣାର ତଦନ୍ତ କଲେ ନା ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏପଟେ ରାସ୍ତା କାମ ଚାଲିଥିଲା ବେଳେ ରଥଦାଣ୍ଡର ପିଚୁରାସ୍ତାରୁ ଗୋଡି ଉଠିଲାଣି । ଏଠାରେ ପ୍ରଶ୍ନ ଉଠେ ଯେ ଏହି ରାସ୍ତାର ନିମ୍ନମାନର ଢ଼ଳେଇ କାର୍ଯ୍ୟ ଯାହାକି ଉମର ରଥଦାଣ୍ଡରେ ପୂର୍ବରୁ କରାଯାଇଥିଲା । ଗଣମାଧ୍ୟମରେ ଖବର ପ୍ରକାଶ ପରେ ୨୦୧୮ ମସିହାରେ ମାନ୍ୟବର ଲୋକପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏହା ପରେ ଠିକାଦାର ଜଣକ ଢ଼ଳେଇରାସ୍ତାରେ ପିଚୁପକାଇଥିଲେ । ଯାହାକି ଓଡ଼ିଶା ଇତିହାସରେ ପ୍ରଥମ ଘଟଣା । ବର୍ତ୍ତମାନ ଏହି ରାସ୍ତାର କାର୍ଯ୍ୟ ଚାଲିଛି, ଯାହା ଅତିନିମ୍ନମାନର ବୋଲି ସାଧାରଣରେ ଅଭିଯୋଗ ହେଉଛି । ଏଣୁ ରାଜ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବା ସହ ନିମ୍ନମାନ ରାସ୍ତାକାର୍ଯ୍ୟର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହିତ ଏଥିରେ ସଂପୃକ୍ତିଥିବା ଠିକାଦାର ଓ ଯନ୍ତ୍ରୀଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ରାଧାକୃଷ୍ଣ କ୍ଲବ ନିବେଦିତ ମୁକ୍ତମଞ୍ଚ ନାଟକ ମଞ୍ଚସ୍ଥ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ରାଧାକୃଷ୍ଣ କ୍ଲବ ଖଣ୍ଡଗାଁ, କେନ୍ଦୁପାଟଣା କଟକ ଆନୁକୂଲ୍ୟରେ ତିନି ରାତି ମୁକ୍ତ ମଞ୍ଚ ନାଟକ ମଞ୍ଚସ୍ଥ ହୋଇଯାଇଛି। ପ୍ରଥମରାତି ଅସତୀ ତୁଳସୀ ସତୀ ଚଉରା, ଦ୍ୱିତୀୟ ରାତି ଦରିଆ କୂଳର ଦରଦି ବନ୍ଧୁ ଓ ଶେଷ ରାତ୍ରିରେ ସେଇ ଗୋଟିଏ ଭୁଲ ପାଇଁ ନାଟକ ମଞ୍ଚ ସ୍ଥ ହୋଇଯାଇଛି। ରାଧାକୃଷ୍ଣ କ୍ଲବ ଆନୁକୂଲ୍ୟରେ ଦୀର୍ଘ ୧୦୦ବର୍ଷ ହେବ ଏଠାରେ ନାଟକ ମଞ୍ଚ ସ୍ଥ କରାଯାଉଛି। ରାଧାକୃଷ୍ଣ କ୍ଲବର ସଦସ୍ୟ ସଦସ୍ୟାମାନେ ନିଜ ନିଜର ଚରିତ୍ରକୁ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ସମ୍ମୁଖରେ ପରିବେଷଣ କରିଥିଲେ। ସ୍ଥାନୀୟ ଆଖ ପାଖ ଅଂଚଳର ବହୁ ଦର୍ଶକ ଉପସ୍ଥିତ ଥିଲେ। ବବିନା ସାହୁ ନାଟକ ଗୁଡିକରେ ନିର୍ଦ୍ଦେଶନା ଦେଇଥିଲେ। ରାଧାକୃଷ୍ଣ କ୍ଲବ ନିବେଦିତ ମଞ୍ଚସ୍ଥ ନାଟକ ଗୁଡିକୁ ଦର୍ଶକ ଦେଖିବା ପରେ ଏହି ନାଟକ ଗୁଡିକ କୌଣସି ପେଶାଦାର ଯାତ୍ରାପାର୍ଟିଠାରୁ କମ୍ ନୁହେଁ ବୋଲି ଦର୍ଶକମାନେ ମତବ୍ୟକ୍ତ କରିଥିଲେ।

# ରୁଦ୍ରେଶ୍ୱର ମହାଦେବ ମନ୍ଦିରରୁ ଚୋରି

ରଘୁନାଥପୁର,(ସବ୍ୟୁ): ରଘୁନାଥପୁର ଥାନା ଅନ୍ତର୍ଗତ ପଣ୍ଡୁଆ ସ୍ଥିତ ରୁଦ୍ରେଶ୍ୱର ମହାଦେବ ମନ୍ଦିରରୁ ଦାନବାକ୍ସକୁ ଗତକାଲି ରାତିରେ ଦୁର୍ବୃତ୍ତ ମାନେ ଚୋରି କରି ନେଇ ଏଥିରୁ ୫୦ହଜାରରୁ ଉର୍ଦ୍ଧ୍ୱ ଦାନ ଟଙ୍କା ନେଇ ଯାଇଛନ୍ତି। ଏହି ବାକ୍ସକୁ ଦୁର୍ବୃତ୍ତମାନେ ପାଇକା ନଦୀକୂଳ ଧୋବାତୁଠରେ ଭଗ୍ନ ଅବସ୍ଥାରେ ପକାଇଥିବା ଦେଖା ଯାଇଥିଲା। ଏ ସମ୍ପର୍କରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ନିର୍ମଳ କୁମାର ଦାସ ରଘୁନାଥପୁର ଥାନାରେ ଏତଲା ଦେବା ପରେ ଥାନା ପୋଲିସ ୮/୨୦୨୬ରେ ଏକ ଚୋରି ମାମଲା ରୁଜୁ କରି ସନ୍ଧାନୀ କୁକୁର ମାଧ୍ୟମରେ ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ସମୟରେ ସନ୍ଧାନୀ କୁକୁର ଜନୈକ ପୂଜକଙ୍କ ଘର ନିକଟରେ ଯାଇ ଶୋଇଥିଲା। ଏହି ଘଟଣାରେ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରା ଯାଇ ନଥିବା ବେଳେ ରଘୁନାଥପୁର ଅଂଚଳରେ ବ୍ୟାପକ ମାଦକ ଦ୍ରବ୍ୟ କାରବାର ଯୋଗୁଁ ଯୁବକମାନେ ପଥ ଭ୍ରଷ୍ଟ ହୋଇ ଏଭଳି କାର୍ଯ୍ୟ କରୁଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଗତବର୍ଷ ଏହି ମନ୍ଦିର ପ୍ରାଙ୍ଗଣରେ ଥିବା ଏକ ମୂଲ୍ୟବାନ ଚନ୍ଦନ ଗଛକୁ ଦୁର୍ବୃତ୍ତମାନେ କାଟି ନେଇଥିବା ବେଳେ ପୋଲିସ ଏହାର କୌଣସି ଟେର ପାଇନଥିଲା।

# ଆମେ ଅଛୁ ଆପଣଙ୍କ ସାଥିରେ ଅନୁଷ୍ଠାନ ପକ୍ଷରୁ ସହାୟତା

ମଙ୍ଗଳପୁର, (ସବ୍ୟୁ) : ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତସ୍ଥ ବୋଉଳାଙ୍ଗ ଗ୍ରାମର ଖବର କାଗଜ ବିତରକ ସ୍ୱର୍ଗତ ବାବନ ଯେନା (୫୮)ଙ୍କର ଅକାଳ ବିୟୋଗ ଘଟିଥିଲା । ସେ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ ସମୟ ହେବ ଖବର କାଗଜ ବିତରଣ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଇ ଆସୁଥିଲେ । ତାଙ୍କର ମୃତ୍ୟୁ ଖବର ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆମେ ଅଛୁ ଆପଣଙ୍କ ସାଥିରେ ୨୪ସ୨୭ ' ସ୍ୱର୍ଗତ ବାବନ ଯେନାଙ୍କ ବାସଭବନରେ ପହଂଚି ଅନୁଷ୍ଠାନର ମୁଖ୍ୟ ଦେବବ୍ରତ ନ ।ୟକଙ୍କ ସହିତ ଅନୁଷ୍ଠାନର ସଦସ୍ୟ ଉମେଶ ଦାସ, ପଦ୍ମଲୋଚନ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଯେନାଙ୍କ ପରିବାରକୁ ନଗଦ ଅର୍ଥରାଶି ସହାୟତା ପ୍ରଦାନ କରିଥିଲେ ।

# ଧର୍ମଶାଳା ପ୍ରେସ କ୍ଲବର ଦିବଙ୍ଗତ ସଭାପତିଙ୍କ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଧର୍ମଶାଳା, (ସବ୍ୟୁ ):ଧର୍ମଶାଳା ପ୍ରେସ କ୍ଲବର ଦିବଙ୍ଗତ ସଭାପତି ତଥା ସ୍ୱାଧୀନତା ସଂଗ୍ରାମୀ ନରହରି ମହାନ୍ତିଙ୍କ ୧୭ ତମ ଶ୍ରଦ୍ଧହୋତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜାରକା ସ୍ଥିତ ପ୍ରେସ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ପୂର୍ଣ୍ଣ ଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଆୟବ୍ୟୟର ହିସାବ ରଖିଥିଲେ। ଚଳିତ ବର୍ଷ ଜାନୁଆରି, ୨୩ ତାରିଖରେ ଦିବଂଗତ ସଭାପତି ନରହରି ମହାନ୍ତିଙ୍କ ଶ୍ରଦ୍ଧଉତ୍ସବ ପାଳନ ନିମନ୍ତେ ସ୍ଥିର କରାଯାଇଥିଲା। ଏହି ଉତ୍ସବରେ ଅତିଥି ମାନଙ୍କ ଯୋଗଦାନ ଉପରେ ଆଲୋଚନା କରାଯାଇଥିଲା। ଉତ୍ସବରେ ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ସ୍ୱାଇଁ, ଉପଦେଷ୍ଟା ଇନ୍ଦ୍ରମଣି ନାୟକ ଅତିଥିଭାବେ ଯୋଗଦେଇ ନିଜର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ଉପଦେଷ୍ଟା ସୀତାକାନ୍ତ ସାମଲ, ଉପସଭାପତି ମାନସ ରଞ୍ଜନ ଜେନା, କୋଶାଧ୍ୟକ୍ଷ ବିବେକାନନ୍ଦ ରାୟ, ସଦସ୍ୟ ଗିରିଧାରୀ ବେହେରା, ବିନୋଦ ସାହୁ,




କାପିଳେନ୍ଦ୍ର ରାଉତ, ସୁବ୍ରତ କୁମାର ଜେନା, କିଶୋର ରାଉତ, ବିକ୍ରମ କେଶରୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ସହ ସମ୍ପାଦକ ପ୍ରଶାନ୍ତ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ବାୟାବାବା ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର



ମହାକାଳପଡ଼ା, (ସବ୍ୟୁ ) : ମହାକାଳପଡ଼ା ପଡା ବ୍ଲକର ସଦର ମହକୁମାରେ ଅବସ୍ଥିତ ଶ୍ରୀ ଶ୍ରୀ ବାୟା ବାବା ମହାବିଦ୍ୟାଳୟ ତରଫରୁ ୧୦ଦିନିଆ ବାଳିକା ଆତ୍ମ ରକ୍ଷା ତାଲିମ ଶିବିର ସୋମବାର ଉଦଘାଟିତ ହୋଇଯାଇଛି । ମହାବିଦ୍ୟାଳୟ ର ଅଧ୍ୟକ୍ଷା ସୁଲୋଚନା ଦାସ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସହଯୋଗୀ ଭାବେ ମହାବିଦ୍ୟାଳୟ ର ଆତ୍ମ ରକ୍ଷା କମିଟିର ସଂଯୋଜିକା ପ୍ରଫେସର ଇତିଶ୍ରୀ ସେଠି,, କମିଟି ସଦସ୍ୟ /ସଦସ୍ୟା ପ୍ରଫେସର ଜୁହି ପଣ୍ଡା, ଆନିଗ୍ରେସ ୱାଡ଼କୋ ଆଦି ମଂଚାସୀନ ଥିଲେ । ମଂଚାସୀନ ଅଧ୍ୟାପକ /ଅଧ୍ୟାପିକା ଓ ଅଧ୍ୟକ୍ଷ ଆଦି ମହାବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ସାରି ନବାଗତ ଭାବେ ଆସିଥିବା ୩ ପ୍ରଥମ ବର୍ଷ କଳା, ବିଜ୍ଞାନ ଷ୍ଟ୍ରିମର ଛାତ୍ରୀ ମାନଙ୍କ ସହିତ ଆତ୍ମରକ୍ଷା କୌଶଳ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ମହିଳା ସୁରକ୍ଷିତ ରହିଲେ ଶୃଙ୍ଖଳିତ ଓ ମାର୍ଜିତ ସମାଜ ଗଠନ ରେ ବେଶ ସହାୟ ହେବ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ରେ ସୁଧାର ବି ଆସିପାରିବ ବୋଲି ମଂଚାସୀନ କାର୍ଯ୍ୟକର୍ତ୍ତା ମାନେ ମତ ରଖିଥିଲେ । ପରେ ଶିବିରାର୍ଥୀ ମାନଙ୍କୁ ମାଷ୍ଟର ଟ୍ରେନର ସସ୍ମିତା ସାହୁ ପ୍ରଥମ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ତାଲିମ ର ପ୍ରଥମ ଦିବସ ଶେଷରେ ପ୍ରଫେସର ବୈକୁଣ୍ଠ ବିହାରୀ ଜେନା ସଭିଙ୍କୁ ଧନ୍ୟ ବାଦ ଅର୍ପଣ କରିଥିଲେ । ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଚଳିତ ମାସ ୧୨ରୁ ଆୟୋଜିତ ବାଳିକା ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ୨୧ପର୍ଯ୍ୟନ୍ତ ଜାରି ରହିବ ବୋଲି ମହାବିଦ୍ୟାଳୟ ତରଫରୁ ଜଣାପଡିଛି ।

# ଆଞ୍ଚଳିକ ସଚେତନ ନାଗରିକ କମିଟି ପକ୍ଷରୁ ଚା' ପେ ଚର୍ଚ୍ଚା

ବାଲିଚନ୍ଦ୍ରପୁର, (ସବ୍ୟୁ) : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ବଜାରସ୍ଥିତ ଶ୍ୟାମସୁନ୍ଦର ବଜାର ଗଜଲକ୍ଷ୍ମୀ ମଣ୍ଡପ ଠାରେ ଆଞ୍ଚଳିକ ସଚେତନ ନାଗରିକ କମିଟି ପକ୍ଷରୁ ଚା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟରେ ବିଦ୍ୟୁତ୍ ଉପଭୋକ୍ତା ଜନସାଧାରଣ ମାନଙ୍କୁ ୩ ଶହୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣା ଯୋଗାଣ ଓ କୃଷି କାର୍ଯ୍ୟ ନିମନ୍ତେ ବିଦ୍ୟୁତ୍ ସମ୍ପୂର୍ଣ୍ଣ ମାଗଣା ଲକ୍ଷରେ ଆଞ୍ଚଳିକ ସଚେତନ ନାଗରିକ କମିଟି ପକ୍ଷରୁ ଚା ପେ ଚର୍ଚ୍ଚା କାର୍ଯ୍ୟକ୍ରମ କମିଟିର ଆବାହକ ତଥା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ବିଶିଷ୍ଟ ବୁଦ୍ଧିଜୀବୀ ଯୋଗଦେଇ ବିଦ୍ୟୁତ୍ ବିଭାଗର ମନମାନି ଓ ଗ୍ରାହକ ଶୋଷଣ ନିତୀ ବିରୁଦ୍ଧରେ ବର୍ଷିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ ଯୋଗଦେଇ ଉପସ୍ଥିତ ଉପଭୋକ୍ତା ଜନସାଧାରଣ ମାନଙ୍କୁ ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି ସମ୍ପୂର୍ଣ୍ଣ ବିଦ୍ୟୁତ୍ ମାଗଣା ପାଇବା ନିମନ୍ତେ ସମସ୍ତ ଉପଭୋକ୍ତା ହକଦାର ଅଟନ୍ତି ଏବଂ ଏ ସମ୍ପର୍କରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଦଳମତ ନିର୍ବିଶେଷରେ ଚିଠି ଲେଖିବାକୁ ଆହ୍ୱାନ ଦେଇଥିଲେ । ସାମ୍ବାଦିକ ଉକିଳ କେଶରୀ ସାମଲ ଯୋଗଦେଇ ଲୋକଙ୍କ ସରକାର ନିର୍ବାଚନୀ ମୁଦାରେ ୩ ଶହୟୁନିଟ୍ ପର୍ଯ୍ୟନ୍ତ ଓଡ଼ିଶାରେ ବିଦ୍ୟୁତ୍ ବିଲ ଛାଡ଼ କରାଯିବ ବୋଲି ନାରା ଦେଇ ସରକାରକୁ ଆସିଲେ । ଯଦି ସରକାର ତାଙ୍କ ପ୍ରତିଶୃତି ରକ୍ଷା କରିଥାନ୍ତେ ତେବେ ସାଧାରଣ ଲୋକଙ୍କ ସମସ୍ୟା ଦୁର ହୋଇପାରିଥାନ୍ତା । ଆଜି ଆମକୁ ଚା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କୁ ସମାଲୋଚନା କରିବାକୁ ପଡ଼ିନଥାନ୍ତା ବୋଲି ମତବ୍ୟକ୍ତ କରିବା ସହ ସରକାର ତାଙ୍କ ପ୍ରତିଶୃତି ରକ୍ଷା କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି । ବାଲିଚନ୍ଦ୍ରପୁର ବଜାର କମିଟିର ସଭାପତି ଅଜୟ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ଫକିର ମୋହନ ବଳ, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଶାରଦା ପ୍ରସନ୍ନ ମହାନ୍ତି, ପୂର୍ବତନ ସରପଂଚ ଦେବେନ୍ଦ୍ର କୁମାର ସାମଲ, ସେକ୍ ରିଆସତ୍ ଅଲ୍ଲି, ଆଗାମୀ ଶତାବ୍ଦୀର ସମ୍ପାଦକ ମସୁଦ ଅଲ୍ଲି, ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ମାଧବ ମଲ୍ଲିକ ପ୍ରମୁଖ ଯୋଗଦେଇ ନିଜର ମତରଖିଥିବା ବେଳେ ସଚେତନ କମିଟିର ଯୁବନେତା ବିଶ୍ୱ ପ୍ରକାଶ ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ସଂଯୋଜକ ପୂର୍ବତନ ସରପଂଚ ବିଳାସ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ ।

## ଖେରସ ମା ଚର୍ଚ୍ଚିକା ମନ୍ଦିରରୁ ଚୋରି ଘଟଣା

# ରୁପା ଅଳଙ୍କାର ସମେତ ପିତ୍ତଳ ସାମଗ୍ରୀ ଜବତ, ଜଣେ ଗିରଫ

ଜଗତସିଂହପୁର, (ସବ୍ୟୁ) : ସଦର ଥାନା ଖେରସ ସ୍ଥିତ ମା ଚର୍ଚ୍ଚିକା ମନ୍ଦିରରୁ ଚୋରୀ ଘଟଣାରେ ଦେଢ ମାସ ପରେ ପୋଲିସକୁ ସଫଳଥା ମିଳିଛି।ଜଣେ ଚୋରକୁ ଗିରଫ ଲକରିବାରେ ପୋଲିସ ସଫଳ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଫେରାର ହୋଇଯାଇଛନ୍ତି।ଗିରଫ ଅଭିଯୁକ୍ତ ଜଣକ ହେଲେ ସଦର ଥାନା ଗାଲୁପଡା ଗାଁର ସେକ ରହେମାନଙ୍କ ପୁଅ ସେକ ନବାବ।ଜଗତସିଂହପୁର ସଦର ମଧ୍ୟରେ ଥିବା ସମସ୍ତ ସିସିଟିଭି ସହିତ ବିରିଡି ପର୍ଯ୍ୟନ୍ତ ରାସ୍ତାରେ କଡରେ ଘର କରିଥିବା ବିଭିନ୍ନ ଲୋକମାନଙ୍କ ଘରେ ଲାଗିଥିବା ସସିଟିଭିକୁ ମିଶାଇ ପ୍ରାୟ ୫୦ ସିସିଟିଭି ଯାଞ୍ଚ ଓ ବିଭିନ୍ନ ଖବରୀଙ୍କ ଠାରୁ ଖବର ନେଇ ପୋଲିସ ଅଭିଯୁକ୍ତ ସେବ ନବାବଙ୍କ ନିକଟରେ ପହଞ୍ଚିଥିଲା।ସେକ ନବାବଙ୍କୁ ଧରିବା ପାଇଁ ଚଢାଉ ସମୟରେ ଅନ୍ୟ ଅଭିଯୁକ୍ତମାନେ ଖସିଯାଇଥିଲେ।ମୁଖ୍ୟ ଅଭିଯୁକ୍ତ ସେକ ନବାବଙ୍କୁ ପୋଲିସ ଧରିବା ପରେ ମନ୍ଦିର ଚୋରୀର ପର୍ଦ୍ଦାଫାସ ହୋଇଥିଲା ବୋଲି ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଆଜିଙ୍କ୍ୟ ମାନେ ବାବୁରାଓ ସୂଚନା ଦେଇଛନ୍ତି।ସେକ ନବାବଙ୍କ ଗାଲୁପଡା ସ୍ଥିତ ଘର ଉପରେ ପୋଲିସ ଚଢାଉ କରି ବହୁ ପରିମାଣରେ ରୁପା ଗହଣା ଓ ପିତ୍ତଳ ଜିନିଷ ଜବତ କରିଥିଲା।ପରେ ପୋଲିସ ସେକ ନବାବଙ୍କ ଜେରା କରି କଟକ ଜଗତପୁର ସ୍ଥିତ ପୀର ବଜାର ଅଞ୍ଚଳରେ ରହୁଥିବା ତାଙ୍କ ପତ୍ନୀଙ୍କ ଘର



ଉପରେ ଚଢାଉ କରିବା ପରେ କିଛି ଅଳଙ୍କାର ମଧ୍ୟ ପୋଲିସ ଜବତ କରିଥିବା ବେଳେ ସେକ ନବାବଙ୍କ ପତ୍ନୀ ଓ ଦୁଇ ପୁଅ ଫେରାର ହୋଇଯାଇଥିଲେ।ମନ୍ଦିର ଚୋରୀ କରିବା ପରେ ସେକ ନବାବ ସମସ୍ତ ରୁପା ଓ ସୁନା ଅଳଙ୍କାର,ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ତାଙ୍କ ପତ୍ନୀକୁ ଦେଉଥିବା ବେଳେ ପତ୍ନୀ ତାହାକୁ ବିକ୍ରୀ କରି ପରିବାର ଚଳାଉଥିଲେ ବୋଲି ପୋଲିସ ସମ୍ମୁଖରେ ସେକ ନବାବ କହିଛି।ସେକ ନବାବ ନିକଟରୁ ଜବତ କରିଥିବା ପୋଲିସ ମାଙ୍କ ବଡ ରୁପା ମୁକୁଟ ସମେତ ଚାନ୍ଦି ଆଖି,ନାକ,ଓଠ ଆଦି ଗହଣା ରହିଥିବା ବେଳେ ବହୁ ପରିମାଣରେ ପିତ୍ତଳ ସାମଗ୍ରୀ,ଦୁଇଟି ପାସପୋର୍ଟ,୩ଟି ଏଟିଏମ କାର୍ଡ,୫ଟି ମୋବାଇଲ ଫୋନ ଓ ଚୋରୀ ଟଙ୍କାରେ କିଣାଯାଇଥିବା ଏକ ନୂଆ ମୋଟର ସାଇକେଲ ନମ୍ବର ଓଡି୨୧ଟି୪୧୩୬କୁ ପୋଲିସ ଜବତ କରିଛି।ସେକ ନବାବଙ୍କ ନାମରେ ଜଗତସିଂହପୁର ଥାନାରେ ପୂର୍ବରୁ ହତ୍ୟା ଉଦ୍ୟମ ଓ ଡକାୟତି ଭଳି ୨ଟି କେସ ରହିଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ ଗତ ନଭେମ୍ବର ୨୭ ତାରିଖ ବିଳମ୍ବିତ ରାତିରେ ସଦର ଥାନା ଖେରସ ଛକ ଠାରେ ଥିବା ମା ଚର୍ଚ୍ଚିକା ମନ୍ଦର ତାଲା କାଟି ଦୁବୁର୍ତ୍ତମାନେ ମାଙ୍କ ଅଳଙ୍କାର ସମେତ ବହୁ ପରିମାଣରେ ସାମଗ୍ରୀ ଚୋରୀ କରି ନେଇଯାଇଥିଲେ।ସକାଳେ ମନ୍ଦିର ପୂଜକ ଆସି ଦେଖିବା ପରେ ଘଟଣା ସଂପର୍କରେ ପୋଲିସକୁ ଖବର ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

# ସ୍କୁଲ ବସକୁ ପଛରୁ ପିଟିଲା ଟ୍ରକ:୬ ଛାତ୍ର ଆହତ

ରଘୁନାଥପୁର,(ସବ୍ୟୁ):ରଘୁନାଥପୁର ଥାନା ଅନ୍ତର୍ଗତ କଟକ -ପାରାଦୀପ ରାସ୍ତାର ଖଣ୍ଡତରି ଠାରେ ଏକ ସ୍କୁଲ ବସକୁ ପଛପଟୁ ଆସୁଥିବା ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ସ୍କୁଲ ବସଟିରେ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬ ଜଣ ଛାତ୍ର ଆହତ ହୋଇଥିବା ଜଣାଯାଇଛି। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।ପ୍ରାଥମିକ ଚିକିତ୍ସା ପରେ ତିଡ଼ୋଲ ଥାନା ବାଲିଆର ଜନ୍ମେଜୟ ଓମ ପ୍ରକାଶ ଦଳେଇ (୧୫,)ରଥିପୁରର ଆୟୁଷ ମହାପାତ୍ର (୧୬),ତିଡ଼ୋଲର ନିର୍ମାଲ୍ୟ ମଲ୍ଲିକ (୧୫),ହାବେଳି ଗ୍ରାମର କୁମାର ରୋହିତ (୧୫ )ଏବଂ ରାହାମା ଅଞ୍ଚଳର ସ୍ନେହାଂଶ ରାୟ( ୧୪) ଙ୍କୁ ଛାଡି ଦିଆଯାଇଛି। ଏଥିସହ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇ ଗୁରୁତର ଥିବା ବିଦ୍ୟାଧରପୁର ଗ୍ରାମର ବିଶ୍ୱଜିତ ଦାସଙ୍କ ପୁଅ ରବିନାରାୟଣ ଦାସ (୧୪ )ଙ୍କୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ରେଫର କରିଛନ୍ତି। ଏ ନେଇ ସ୍କୁଲବସ ଚାଳକଙ୍କ ପକ୍ଷରୁ ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ କେସ ନଂ ୯/୨୦୨୬ ରେ ମାମଲା ରୁଜୁ କରି ଟ୍ରକ ଚାଳକକୁ ଅଟକ ରଖି ପରେ ନୋଟିସରେ ଛାଡିଥିବା ଆଇଆଇସି ସୁଶାନ୍ତ କୁମାର ସେଠି ପ୍ରକାଶ କରିଛନ୍ତି। ଉଭୟ ଟ୍ରକ ଓ ବସକୁ ମଧ୍ୟ ଅନୁରୂପ ଭାବେ ରିଲିଜ କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ କି ସବୁଦିନ ପରି କଲରାବାଙ୍କ ସ୍ଥିତ କଳିଙ୍ଗ ଇଂଲିଶ ମିଡ଼ିଅମ ସ୍କୁଲ ବସ ରାହାମା ଅଞ୍ଚଳରୁ ପିଲାଙ୍କୁ ନେଇ ଆସୁଥିଲା। ଖଣ୍ଡତରି ନିକଟରେ ବାଙ୍କ ବୁଲୁଥିବାବେଳେ ହଟାତ ପଛ ପାର୍ଶ୍ୱରୁ ଆସୁଥିବା ଓଡି ୦୫ ଏଜେ ୯୮୮୧ ନମ୍ବର ମାଲବୋଝେଇ ଟ୍ରକ ବସର ପଛକୁ ଧକ୍କା ଦେଇଥିଲା। ଉକ୍ତ ଖଣ୍ଡତରି ସ୍ଥାନରେ ବଡ ହମ୍ପସ ନିର୍ମାଣ କରାଯିବା ସହ ଯଥେଷ୍ଟ ପୂର୍ବରୁ ସୂଚନା ଫଳକ ସହ ରେଡିଅମ ଓ ଧଳା ଚିହ୍ନରେ ସୂଚିତ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

## ଉତ୍ତର ହାୱାଡା ପଦଯାତ୍ରୀ ଦଳର ଉପକୂଳ ସୁରକ୍ଷା ପଦଯାତ୍ରା



ଅସ୍ତରଙ୍ଗ, (ସବ୍ୟୁ) : ବେଳାଭୂମିକୁ ସ୍ୱଚ୍ଛ, ସୁନ୍ଦର ସହ ବିଚ କ୍ଲିନ ଓ ଉଷ୍ମ ପରିବେଶ ଆଦି ସୃଷ୍ଟି କରିବା ନେଇ କୋଲକତାର ଉତ୍ତର ହାୱାଡ଼ାରୁ ୮ ଜଣ ପରିବେଶ କର୍ମୀ ପାରାଦ୍ୱୀପ ଠାରୁ କୋଣାର୍କ ପର୍ଯ୍ୟନ୍ତ ପାଦଯାତ୍ରା କରି ଉପକୂଳ ପରିବେଶ ସମ୍ବନ୍ଧୀୟ ସଚେତନ ବାର୍ତ୍ତା ପ୍ରଦାନ କରୁଥିବା ପରିପ୍ରେକ୍ଷୀରେ ରବିବାର ମଧ୍ୟାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗର ପିର ଯାହାନିଆଁ ବେଳାଭୂମିରେ ପହଞ୍ଚି ଥିବା ଦେଖିବାକୁ ମିଳିଥିଲା । ସେମାନେ ପହଁଚିଲେ । ପରେ ବେଳାଭୂମିରେ କାର୍ଯ୍ୟରତ, ପୋଲିସି କର୍ମଚାରୀ, ସିକ୍ୟୁରିଟି ଗାର୍ଡ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ମିଳିଥିବା ରିଚୟ ପତ୍ର ଦେଖାଇବା ପରେ, ସମୁଦ୍ର ବେଳାଭୂମି ସହ ଆଖ ପାଖ ପର୍ଯ୍ୟଟକମାନଙ୍କୁ ଭେଟି ତାଙ୍କର ଉଦ୍ଦେଶ୍ୟ ଲକ୍ଷ୍ୟ ଓ କାହିଁକି ପଦଯାତ୍ରା କରୁଛନ୍ତି ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। କିଛି ସମୟ ରହଣି କରି ପିର ବେଳାଭୂମିରୁ ତାଙ୍କର ପଦଯାତ୍ରା କୋଣାର୍କ ଚନ୍ଦ୍ରଭାଗା ବେଳାଭୂମି ଅଭିମୁଖେ ବାହାରି ଥିଲା । ପ୍ରତୀକ କୁମାର ବର୍ମନ, ଦୀପଙ୍କର ସେନ, ନୀଳୋତ୍ପଳ ଚକ୍ରବର୍ତ୍ତୀ ଆଦି ପରିବେଶ କର୍ମୀ ସାମିଲ ଥିଲେ ।

## ଟୋକନକୁ ନେଇ ଦହଗଞ୍ଜରେ ଚାଷୀ

# ସାଟେଲାଇଟ୍ ସର୍ଭେ ବିଳମ୍ବ ହେବାରୁ ଟୋକନ ଆସିବାରେ ବିଳମ୍ବ

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ରେ ଚଳିତ ବର୍ଷ ୧୪ଟି ସମିତି ଧାନ କିଣା କାର୍ଯ୍ୟ ରେ ନିଯୁକ୍ତ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାର ବାଣପୁର ବ୍ଲକ୍ର ରୁମୁରପୁଟ ସେବା ସମବାୟ ସମିତି ଦ୍ୱାରା ଚଳିତ ବର୍ଷ ୨୦୨୫-୨୬ ଖରିଫ୍ ଧାନ ମଣ୍ଡି କାର୍ଯ୍ୟ ଜାନୁଆରୀ ୭ ତାରିଖରୁ ଆରମ୍ଭ ହେଲାଣି ଏପର୍ଯ୍ୟନ୍ତ ଟାଙ୍ଗୀ ବ୍ଲକର ମାତ୍ର ୩ ଟି ସମିତି ଯଥା ସୁନ୍ଦରପୁର , ଭୁଷଣପୁର , କୁହୁଡ଼ିରେ ଧାନ ମଣ୍ଡି ଆରମ୍ଭ ହୋଇ ପାରିଛି । ଏହାର ମୁଖ୍ୟ କାରଣ ହେଉଛି ଅଧା ଲୋକଙ୍କର ଟୋକନ ଆସି ନାହିଁ । ଯାହାଫଳରେ ପ୍ରତିଦିନ ସମିତି ରେ ଲୋକଙ୍କର ଗହଳି ଲାଗୁଛି । ଏକ ସପ୍ତାହ ବିତିଗଲା ପରେ ମଧ୍ୟ ଟୋକନ ଆସୁନି ଯାହାକି ଏକ ଉଦ୍ବେଗର ଏବଂ ଚାଷୀ ଙ୍କ ପାଇଁ ଦୁଃଖର ଖବରି ।

ଏଠି ପ୍ରଶ୍ନ ଉଠୁଛି କେମିତି କିଛି ଲୋକଙ୍କର ଟୋକନ ପ୍ରଥମ ପର୍ଯ୍ୟାୟରେ ଆସିଲା କୋଉ ଆଧାର ର ରେ ଆସିଲା ଏବଂ ଯେଉଁ ମାନଙ୍କର ଟୋକନ ଆସି ନାହିଁ ଙ୍କ ପାଇଁ ବର୍ତ୍ତମାନ ସୁଦ୍ଧା ଆସି ନାହିଁ ଯାହାର ଖବର କାହା ପାଖରେ ନାହିଁ । ଜିଲ୍ଲା ଯୋଗାଣ ବିଭାଗ ଅତିରିକ୍ତ ଯୋଗାଣ ଅଧିକାରୀ ଜୟନ୍ତ କୁମାର ଦାସଙ୍କୁ ପଚାରିବାରୁ ସାଟେଲାଇଟ୍ ରିପୋର୍ଟ ଅପଲୋଡ଼ରେ ବିଳମ୍ବ ହୋଇଥିବାରୁ ଟୋକନ ଆସିବାରେ ବିଳମ୍ବ ହେଉଛି ବୋଲି କହିଥିଲେ । ଟାଙ୍ଗୀ ବ୍ଲକର ଯୋଗାଣ ଅଧିକାରୀ ଶିବରାମ ବିଶ୍ୱାଳଙ୍କୁ ପଚାରିବାରୁ ସମସ୍ତଙ୍କ ଟୋକନ ଆସିବ ପ୍ରଥମରେ ପର୍ଯ୍ୟାୟରେ ସରକାର ଟୋକନ ଛାଡିଛନ୍ତି ଧାନ କିଣା କାର୍ଯ୍ୟ ଆରମ୍ଭ ହେଲେ ସବୁ ଟୋକନ ଆସିବ ହେରି ବୋଲି କହିଛନ୍ତି । ଜିଲ୍ଲା ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଭାଗମଲ ମାରାଣ୍ଡିଙ୍କୁ ପଚାରିବାରୁ ପର୍ଯ୍ୟାୟ କ୍ରମରେ ସବୁ ଟୋକନ ଆସିଯିବ ବୋଲି କହିଛନ୍ତି । ଏପଟେ ଧାନ ମଣ୍ଡି ବିଳମ୍ବ ହେବାର ଫାଇଦା ନେଇ କୌଣସି ମିଲର ସମିତିକୁ ଯାଇ ଚାଷୀଙ୍କ ସଙ୍ଗେ ଆଲୋଚନା କରୁ ନାହାନ୍ତି କହୁଛନ୍ତି ଆମ ମିଲର ସଂଘ ତରଫରୁ କୌଣସି ସମିତିକୁ ଯାଇ ଚାଷୀଙ୍କ ସଙ୍ଗେ ଆଲୋଚନା କରିବା ପାଇଁ ମନା କରାଯାଇଛି ବୋଲି କହି ଖସି ଯାଉଛନ୍ତି ।

ମିଲର ଯଦି ସୋସାଇଟିକୁ ଆସିବେ ନାହିଁ ଧାନ ମଣ୍ଡି କେମିତି ହେବ ? ତାହେଲେ ଜିଲ୍ଲା ରେ ସମ୍ପୂର୍ଣ୍ଣ ଅରାଜକତା ସୃଷ୍ଟି ହେବ ବୋଲି ଚାଷୀ ମହଲରେ ଆଲୋଚନା ହେଉଛି । ଜିଲ୍ଲା ଯୋଗାଣ ବିଭାଗ ଯଦି ଏହି ଭଳି ନିଦାବିଷ୍ଟ ପରି ନିଘୋଡ଼ ସୋଇ ରହିବେ ତାହେଲେ ମିଲର ନିହାତି ମନ ହେଲେ ଯାଇ ଧାନ ମଣ୍ଡି ଧାନ କିଣିବେ ନହେଲେ ନାହିଁ ଲଗାମ ଲଗାଇବାକୁ ପ୍ରଶାସନ ବିଫଳ ହେବ ବୋଲି ଚାଷୀମାନଙ୍କ ମଧ୍ୟରେ ଆଲୋଚନା ହେଉଛି କାରଣ ଯଦି ୨-୩ ମଧ୍ୟ ବ୍ୟବଧାନରେ ଯଦି ସମିତି ର ସମ୍ପାଦକ, ନୋଡ଼ାଲ ଅଫିସର, ସୁପରଭାଇଜାର ଏବଂ ଜିଲ୍ଲା ଯୋଗାଣ ଅଧିକାରୀ ସମସ୍ତ ମିଲରଙ୍କ ମଧ ଭିଡ଼ି ନେବା ଆବଶ୍ୟକ ବୋଲି ଯାହାକି ହେଉ ନାହିଁ ବୋଲି ଚାଷୀ ସଂଘମାନଙ୍କ ମଧ୍ୟରେ ଆଲୋଚନା ହେଉଛି ଛ ୫ କିଲୋ କଟନି ରେ ଧାନ କିଣା ହେବ ବୋଲି ଚାଷୀ ମାନଙ୍କୁ ଶୁଣିବାକୁ ମିଳୁଛି । ସାରା ଓଡ଼ିଶାରେ ଏଫ୍ଏକ୍ୟୁ ଧାନ ନାହିଁ ବୋଲି ସନ୍ଦେହ ବାଣିଛନ୍ତି କିନ୍ତୁ ଚାଷୀ ପାଖକୁ ଯାଇ ଆଲୋଚନା ମିଲରମାନେ କରୁନଥିବାରୁ ଏହାକୁ ବିଭିନ୍ନ କୃଷକ ମୋର୍ଚ୍ଚା ନିନ୍ଦା କରିଛନ୍ତି । ଚାଷୀ ଚାଷ କଲେ ଆମେ ଏହାର ଗ୍ରହଣ କରିବା କିନ୍ତୁ ଚାଷୀଙ୍କ ପାଇଁ ଏତେ ଅମାନବୀୟ କଣ ପାଇଁ । କିଛି ସମିତି ଅଧିକ ପଞ୍ଜୀକୃତ ଚାଷୀ ଥିବାରୁ ସପ୍ତାହରେ ୨ ଥର ଧାନ କିଣିବାକୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଦ୍ୱାରା ସମସ୍ତ ସମିତି ଏବଂ ମିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯଦି ଧାନ ସପ୍ତାହ କରେ ୨ ଥର ଧାନ ର ଉଠାଯାଏ ତାହେଲେ ଏଥି ପାଇଁ କିଏ ଦାୟୀ ରହିବ, ପରେ ବାଧହୋଇ ମିଲ ପଏଣ୍ଟରେ ଚାହିଁ ନିଜ ହାତରୁ ଗାଡ଼ି ଭଡ଼ା କରି ନେଇ ଧାନ ଦେବେ ।

## ଆଦିତ୍ୟ-ମହିନ୍ଦ୍ରା ଶୋରୁମରେ ଅଘଟଣ

# ଗାଡ଼ି ସଜାଡ଼ିବାକୁ ଗଲେ ମିଳୁଛି ମାଡ଼

ଫୁଲନଖରା, (ସବ୍ୟୁ) : ଫୁଲନଖରାସ୍ଥିତ ଆଦିତ୍ୟ- ମହିନ୍ଦ୍ରା ଶୋ ରୁମରେ ଅଘଟଣ । ଗାଡ଼ି ସଜାଡ଼ିବାକୁ ଗଲେ ସେବା ବଦଳରେ ମିଳୁଛି ମାଡ଼ । ସୂଚନା ଅନୁଯାୟୀ ପଟିଆ ଅଂଚଳର ନୀତିଶ କୁମାର ଗତ ୨୩ ତାରିଖରେ ରାକ୍ସ ଥର ଗାଡି କିଣିଥିଲେ । ଆଜି ଅପରାହ୍ନ ୪ଟାରେ ଗାଡ଼ି ସଜାଡ଼ିବାକୁ ତାଙ୍କ ୩ ସହଯୋଗୀଙ୍କ ସହ ଶୋ ରୁମକୁ ଆସିଥିଲେ । ଗାଡି ସଜାଡ଼ିକୁ ବିଳମ୍ବ ହେବାରୁ ନୀତିଶ ଶୋ ରୁମର କର୍ମଚାରୀଙ୍କୁ ତୁରନ୍ତ ଗାଡି ମରାମତି କରିବା ପାଇଁ କହିଥିଲେ । କିନ୍ତୁ ସୋରୁମ ସର୍ଭିସ ମ୍ୟାନେଜେର ଏବଂ କର୍ମଚାରୀ ଗାଡି ମରାମତି ପରିବର୍ତ୍ତେ ନୀତିଶ ଓ ତାଙ୍କ ସହଯୋଗୀଙ୍କୁ ଗୋଡେଇ ଗୋଡେଇ ପିଟିବା ସହ ଲହୁ ଲୁହାଣ କରିଥିଲେ ।




ଶୋ ରୁମର କର୍ମଚାରୀଙ୍କ ମରଣାତ୍ମକ ଆକ୍ରମଣରେ ନୀତିଶଙ୍କ ଗୋଡ ଭାଙ୍ଗିଯାଇଛି । ଏନେଇ ନୀତିଶଙ୍କ ମା'କଟକ ସଦର ଥାନାରେ ଅଭିଯୋଗ କରିଛନ୍ତି । ମରଣାତ୍ମକ ମାଡ଼ରେ ନୀତିଶ ଗୁରୁତର ହୋଇ ପଟିଆ ସ୍ଥିତ କୀମସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ନୀତିଶଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିବା ଅନୁଯାଇ ନୀତିଶଙ୍କ ଗୋଡ ଭାଙ୍ଗିଯାଇଛି, ଅପରେସନ ହେବ । ତାଙ୍କ ଅବସ୍ଥା ପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିଛନ୍ତି ନୀତିଶଙ୍କ ମା ।

## ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର

ଦଶପଲ୍ଲା, (ସବ୍ୟୁ): ଦଶପଲ୍ଲା ବ୍ଲକ ସଭାଗୃହ ପରିସରରେ ଜିଲ୍ଲାପାଳ ଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ନୂତନ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥଙ୍କ ଏହି ଜନଶୁଣାଣୀ ଶିବିର ରେ ଜିଲ୍ଲାପାଳ ଙ୍କ ସହ ଜିଲ୍ଲାପରିସଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟାନନ୍ଦ ନାୟକ ,ଉପଜିଲ୍ଲାପାଳ କର୍ଣଦେ ସମାଦାର ,ଆଡ଼ିସନାଲ ଏସ ପି ସୁବାସ ଚନ୍ଦ୍ର ପଣ୍ଡା ଙ୍କ ସହ ବିଭିନ୍ନ ବିଭାଗର ଜିଲ୍ଲା ଓ ସ୍ଥାନୀୟ ଅଧିକାରୀ ମାନଙ୍କ ଉପସ୍ଥିତିରେ ଏହି ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଙ୍କ ନିକଟକୁ ସମୁଦାୟ ୧୧୪ ଟି ଅଭିଯୋଗ ଆସିଥିବା ବେଳେ ଏଥି ମଧ୍ୟରୁ ୧୮ ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅଭିଯୋଗ ଗୁଡିକ ମଧ୍ୟରେ ୧୦୬ ଟି ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୬ ଗ୍ରାମ୍ୟ ବିବାଦ ଘଟଣା ରହିଛି ।ଏହାସହ ମୁଖ୍ୟମନ୍ତ୍ରୀ ରିଲିଫପାଣ୍ଠି ଓ ରେଡ଼କ୍ରସ ସମ୍ବନ୍ଧୀୟ ଗୋଟିଏ ଗୋଟିଏ ଅଭିଯୋଗ ଜିଲ୍ଲାପାଳ ଙ୍କ ନିକଟରେ ହୋଇଥିବା ଜଣାପଡିଛି । ତୁରନ୍ତ ସମାଧାନ ହୋଇପାରି ନଥିବା ଅଭିଯୋଗ ଗୁଡିକର ସମାଧାନ ପାଇଁ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ବିଭାଗ କୁ ପଠାଇ ଦିଆଯାଇଛି ।

## ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ



ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସାହିତ୍ୟ ଅକାଦେମୀ ଏବଂ ଗଙ୍ଗାଧର ମେହେର ପ୍ରତିଷ୍ଠାନର ମିଳିତ ସହଯୋଗରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଉପଲକ୍ଷେ ଏକ ଆଲୋଚନାଚକ୍ର ମଙ୍ଗଳବାର ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନରେ ଉଦ୍‌ଘାଟନୀ ଅଧିବେଶନ ଆରମ୍ଭ ହୋଇ ୨.୩୦ରେ ଦ୍ୱିତୀୟ ଅଧିବେଶନରେ ଶେଷ ହୋଇଥଲା। ଉଦ୍‌ଘାଟନୀ ଅଧିବେଶନରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସାହିତ୍ୟ ଅକାଦେମୀ କୋଲକାତାର ସହାୟକ ସଂପାଦକ କ୍ଷେତ୍ରବାସୀ ନାଏକ । ଉଦ୍‌ଘାଟକ ଥିଲେ ବିଶିଷ୍ଟ ଭାଷାବିତ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର । ସଭାମୁଖ୍ୟ ଭାବେ ଡ. ଗୌରହରି ଦାସ, ମୁଖ୍ୟ ଅତିଥି ପୂର୍ବତନ ବରିଷ୍ଠ ପ୍ରଶାସକ ସଞ୍ଜୀବ ଚନ୍ଦ୍ର ହୋତା , ଉପଦେଷ୍ଟା, ଗଙ୍ଗାଧର ମେହେର ପ୍ରତିଷ୍ଠା, ସମ୍ମାନିତ ଅତିଥି ନରେନ୍ଦ୍ର କୁମାର ମିଶ୍ର, ମୁଖ୍ୟବକ୍ତା ପ୍ରଫେସର ଡ଼. ପ୍ରଫୁଲ୍ଲ କୁମାର ମହାନ୍ତି , ବିଶିଷ୍ଟ କବି ଓ ସମାଲୋଚକ ପ୍ରମୁଖ ଉପସ୍ଥିତ ରହି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ଅମ୍ଳାନ କାବ୍ୟକୃତି ଉପରେ ନିଜ ନିଜର ସାରଗର୍ଭକ ତଥ୍ୟ ଉପସ୍ଥାପନ କରିଥଲେ । ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର କୁମାର ମେହେର ଧନ୍ୟବାଦ ଅର୍ପଣ କରିଥଲେ ।

ଦ୍ୱିତୀୟ ଅଧିବେଶନରେ ସଭାପତିତ୍ୱ କରିଥଲେ ପ୍ରଫେସର ମଣୀନ୍ଦ୍ର କୁମାର ମେହେର। ଏହି ଅଧିବେଶନରେ ମନୋଜ କୁମାର ପଣ୍ଡା, ଶୁକମୁନି ମେହେର, ବିଜୟିନୀ ଶତପଥୀ, ସୁଶୀଳ କୁମାର ବାଗ ପ୍ରମୁଖ ଉପସ୍ଥିତ ରହି ସ୍ୱଭାବ କବିଙ୍କ ଜୀବନାଦର୍ଶ ଏବଂ ପ୍ରବନ୍ଧ ପାଠ କରିଥଲେ। ଏହି ଅବସରରେ ମଣିନ୍ଦ୍ର ମେହେରଙ୍କ ଲିଖିତ ପୁସ୍ତକ ମୁଁ ଗଙ୍ଗାଧରଙ୍କ ଆତ୍ମଜ କହୁଛି ଉନ୍ମୋଚିତ ହୋଇଥିଲା ।

# ଖେଳପଡିଆରେ ମରଣାନ୍ତକ ଆକ୍ରମଣ :୨ ଗିରଫ

ବାରଙ୍ଗ, (ସବ୍ୟୁ) : ଖେଳପଡିଆରେ ଯୁବକକୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ବାରଙ୍ଗ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛିଛସେମାନେ ହେଲେ ଚନ୍ଦକା ଥାନା ଅଧୀନସ୍ଥ ଦାରୁଠେଙ୍ଗ ଗ୍ରାମର ରାହୁଲ ଶ୍ରୀଚନ୍ଦନ( ୨୭)ଓ ନନ୍ଦନ କାନନ ଥାନା ଅଧୀନସ୍ଥ ମରିଚିଆ ଗ୍ରାମର ବୁଟୁ ରାଉତ(୨୩) । ରବିବାର ଅପରାହ୍ନରେ ବାରଙ୍ଗ ଥାନା ଅଧୀନସ୍ଥ ଫୁଲପୋଖରି ଗ୍ରାମର ଶୁଭମ ନାମକ ଯୁବକ ଗଦେଇକୁଦ ଖେଳ ପଡ଼ିଆରେ ଖେଳୁଥିଲେ । ଏହି ସମୟରେ ଦାରୁଠେଙ୍ଗ ଗ୍ରାମର ଚନ୍ଦନ ଓ ତାର ତିନିଜଣ ସହଯୋଗୀ ଖେଳପଡିଆକୁ ଆସି ଲୁହା ରଡ଼ରେ ଶୁଭମକୁ ଆକ୍ରମଣ କରିଥିଲେ । ଯାହାଫଳରେ ଶୁଭମର ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇ ସେ ଚେତାସୁନ୍ୟ ହୋଇପଡିଥିଲେ । ସ୍ଥାନୀୟ ଲୋକମାନେ ପଲାଇଆସିବାରୁ ଚନ୍ଦନ ଓ ତାର ସହଯୋଗିମାନେ ଫେରାର ହୋଇଯାଇଥିଲେ । ସ୍ଥାନୀୟ ଲୋକମାନେ ଶୁଭମର ଚେତା ଫେରିବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକ ଶୁଭମକୁ ପ୍ରାଥମିକ ଚିକିତ୍ସା କରାଇବା ସହ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଶୁଭମଙ୍କ ଅଭିଯୋଗ ଆଧାରରେ ୨୪/୨୬ ମକଦ୍ଦମା ରୁଜୁ କରି ତଦନ୍ତ କରିବା ସହ ରାହୁଲ ଓ ବୁଟୁଙ୍କୁ ସୋମବାର ରାତିରେ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି ।

## ଅବିରତ ପ୍ରୟାସ ରହିଲେ ସଫଳତା ଆପେ ମିଳିଯାଏ: ଗଣଶିକ୍ଷା ମନ୍ତ୍ରୀ

ବାଲିପାଟଣା, (ସବ୍ୟୁ) : ପ୍ରଧାନମନ୍ତ୍ରୀ ବିଦ୍ୟାଳୟ ଉଦୟ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ପିଏମଶ୍ରୀ ବନମାଳିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବର ଉଦଯାପନୀ ଦିବସରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ପ୍ରଧାନଶିକ୍ଷକ ଅର୍ଣ୍ଣବ କୁମାର ବେହୁରାଙ୍କ ଅଧକ୍ଷତାରେ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସରକାର କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ ।

ମନ୍ତ୍ରୀ ବହୁ ମହାପୁରୁଷଙ୍କ ଉକ୍ତିକୁ ଉଦ୍ଧାର କରି ସଫଳତା ଲାଭ କରିବାକୁ ହେଲେ ଅବିରତ ପ୍ରୟାସ ଜାରି ରଖିବାକୁ ହେବ ବୋଲି କହିଥିଲେ । ପିଏମ୍ ପୋଷଣ ଓ ମଧୋ ସିଂହ ହାତଖର୍ଚ୍ଚ ଯୋଜନା ଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନେ ବହୁ ଭାବରେ ଉପକୃତ ହେଉଛନ୍ତି । ଶିକ୍ଷା ଯୋଗୁଁ ସେ ନିଜେ ଜୀବନରେ ସଫଳତା ପାଇଥିବା ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଜିଲ୍ଲା ଶିକ୍ଷା ଅଧିକାରୀ ସୋନମିକା ରାୟ କହିଥିଲେ ଯେ ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ହୋଇ ଏକାଗ୍ର ଭାବରେ ନିଜର ଦକ୍ଷତା ବୃଦ୍ଧି ପାଇଁ ପ୍ରୟାସ କରିବା ଆବଶ୍ୟକ । ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲି, ସମାଜସେବୀ ସାରଦା ପ୍ରସାଦ ଶତପଥୀ କହିଥିଲେ ଯେ ସମାଜକୁ ସଜାଡ଼ିବା ପାଇଁ ପିଲାମାନେ ଏବେଠାରୁ ପ୍ରସ୍ତୁତ ହୋଇ କାର୍ଯ୍ୟ କରନ୍ତୁ । ସମ୍ମାନିତ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ଓ ପରିଚାଳନା ପରିଷଦ ସଭାପତି ଚନ୍ଦ୍ରଶେଖର ବେହେରା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । କୃତି ଛାତ୍ରଛାତ୍ରୀ ଓ ସାମ୍ବାଦିକମାନଙ୍କୁ ମନ୍ତ୍ରୀ ସମ୍ମାନିତ କରିଥିଲେ ।

କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ କପିଳେଶ୍ୱର ସ୍ୱାଇଁ ଓ ଶିଶିର କୁମାର ପାଢ଼ୀ ପରିଚାଳନା କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନେ ଚମତ୍କାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ, ନିମନ୍ତ୍ରିତ ଭଦ୍ରବ୍ୟକ୍ତି, ଆଲୁମିନ ସଦସ୍ୟ ଓ ଅଭିଭାବକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ମନ୍ତ୍ରୀ ମହୋଦୟ କାର୍ଯ୍ୟକ୍ରମକୁ ଯିବା ରାସ୍ତାରେ ବେଙ୍ଗବତି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନଭୋଜନ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ ।

# ଚୋରା ଗାଡିକୁ ଖଣ୍ଡଖଣ୍ଡ କରି ବିକ୍ରି କରୁଥିଲା, ମାଡ଼ିବସିଲା ପୋଲିସ

ବାରଙ୍ଗ, (ସବ୍ୟୁ) : ବିଭିନ୍ନ ସ୍ଥାନରୁ ଗାଡ଼ି ଚୋରି କରି ଗାଡିକୁ ଖଣ୍ଡ ଖଣ୍ଡ କରି ବିକ୍ରୀ କରୁଥିବା ବେଳେ ମାଡ଼ି ବସିଲା ପୋଲିସ । ଏଭଳି ଘଟଣା ବାରଙ୍ଗ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି । ସୂଚନା ଯୋଗ୍ୟ ଯେ, ବାରଙ୍ଗ ଥାନା ଗୋଡିସାହି ଫାଣ୍ଡି ଅଧୀନରେ ଥିବା ନରାଜ ସିଦ୍ଧେଶ୍ୱର ହାଇସ୍କୁଲ ନିକଟରେ ଥିବା ଗାଡ଼ି ସ୍କାର୍ପ ଦୋକାନରେ ବିଭିନ୍ନ ଚୋରା ଗାଡ଼ିକୁ ଖଣ୍ଡ ଖଣ୍ଡ କରି ଦୋକାନ ମାଲିକ ଆକାଶ କୁମାର ଗୁପ୍ତା ବିକ୍ରୀ କରୁଥିଲେ । ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ମଙ୍ଗଳବାର ଦିନ ଦୋକାନରେ ଚଢ଼ାଉ କରିଥିଲେ । ଚଢାଉ ସମୟରେ ଏହା ଜଣାପଡ଼ିଲା ଯେ ସ୍କାର୍ପ୍ ଡିଲର ଆକାଶ ଗୁପ୍ତା ଗୋଟିଏ ଓଲା ସ୍କୁଟିକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଉଥିଲେ । ପଚରାଯିବାରୁ ସେ ଏହି ସ୍କୁଟିର ମାଲିକାନା ପ୍ରମାଣ କରିପାରିନଥିଲେ ।

ଘଟଣାସ୍ଥଳରୁ ଅଧିକ ଯାଞ୍ଚ କରିବା ପରେ ଅନ୍ୟ ଏକ ଓଲା ସ୍କୁଟିର ଅନ୍ୟ ଏକ ଖଣ୍ଡ ଖଣ୍ଡ ଅଂଶ ଏବଂ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଘଟଣାସ୍ଥଳରୁ ମିଳିଥିଲା । ପଚରାଯିବାରୁ ସ୍କ୍ରାପ୍ ଡିଲର ତାଙ୍କ ପାଖରେ ଥିବା ଜିନିଷପତ୍ରର ହିସାବ ଦେଇପାରିଲେ ନାହିଁ । ଅଧିକ ପଚରାଯିବାରୁ ସେ ସ୍ୱୀକାର କଲେ ଯେ ମର୍ଥାପୁର ନରାଜ ଗ୍ରାମର ଅନ୍ୟ ଜଣେ ଅଭିଯୁକ୍ତ ସୌମ୍ୟରଞ୍ଜନ ପଣ୍ଡାଙ୍କ ସହ ତାଙ୍କର ସମ୍ପର୍କ ଯୋଗୁଁ ଉଭୟ ନିକଟବର୍ତ୍ତୀ ଅଞ୍ଚଳର ବିଭିନ୍ନ ସ୍ଥାନରୁ ସ୍କୁଟି, ମୋଟରସାଇକେଲ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷ ଚୋରି କରୁଥିଲେ ଏବଂ ସେ ସାଧାରଣତଃ ପ୍ରମାଣ ହଜିଯିବା ଏବଂ ସ୍କାର୍ପ୍ ଡିଲର ଅଧୀନରେ ସହଜରେ ବିକ୍ରି କରିବା ଉଦ୍ଦେଶ୍ୟରେ ମୂଲ୍ୟବାନ ଜିନିଷପତ୍ରକୁ ଖଣ୍ଡ ଖଣ୍ଡ କରୁଥିଲେ ।

ଅଧିକ ଯାଞ୍ଚରୁ ଏହା ଜଣାପଡ଼ିଲା ଯେ ଉଭୟ ଅଭିଯୁକ୍ତ ବ୍ୟକ୍ତି ଏହି ଅଞ୍ଚଳ ଏବଂ ବିଭିନ୍ନ ଜିଲ୍ଲାରରେ ଅନେକ ମାମଲାରେ ସମ୍ପୃକ୍ତ ଅଛନ୍ତି । ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ଗୋଟିଏ ଲାଲ ରଙ୍ଗର ଓଲା ସ୍କୁଟର, ଗୋଟିଏ କଳା ଧଳା ରଙ୍ଗର ଓଲା ସ୍କୁଟର, ଓଲା ସ୍କୁଟରର ଗୋଟିଏ ବ୍ୟାଟେରୀ, ବିଭିନ୍ନ ମୋଟରସାଇକେଲ ଏବଂ ସ୍କୁଟରର ବଡି କଭର ବିନା ପାଞ୍ଚୋଟି ନମ୍ବର ବିହୀନ ଚେସିସ୍, ଚାରି ନମ୍ବର ମୋଟରସାଇକେଲ/ସ୍କୁଟର ଟାୟାର, ଗୋଟିଏ ସ୍କୁଟର ଚେସିସ୍‌କୁ ଜବତ କରି ୨୫/୨୬ ନମ୍ବର କେସ ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରିଛି ।

## ଦାସକାଠିଆ ଗାୟକ ଦାମୋଦର ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ରଣପୁର, (ସବ୍ୟୁ): ରଣପୁର ବ୍ଲକ ଅନ୍ତର୍ଗତ ଗୌରାଙ୍ଗପୁର ଗ୍ରାମର ଖ୍ୟାତନାମା ଦାସକାଠିଆ ଗାୟକ ଶ୍ରୀକ୍ଷେତ୍ର ଭୂଷଣ ଦାମୋଦର ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ଗତ ଏକ ବର୍ଷ ତଳେ ତାଙ୍କର ଦେହାନ୍ତ ହୋଇଥିବା ବେଳେ ତାଙ୍କର ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ତାଙ୍କର ଜନ୍ମସ୍ଥାନ ଗୌରାଙ୍ଗପୁର ଗ୍ରାମରେ ସ୍ୱର୍ଗତ ମହାପାତ୍ରଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି ।ସ ଜଣେ ସତ୍ୟନିଷ୍ଠ ଓ ଧର୍ମପରାୟଣ ବ୍ୟକ୍ତି ଥିବା ସହ ତାଙ୍କର ଦାସକାଠିଆ କଳା ପ୍ରଦର୍ଶନରେ ଦୂରଦର୍ଶନ ଓ ଅଲ ଇଣ୍ଡିଆ ରେଡ଼ିଓରେ ବେଶ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ଦାସକାଠିଆ କଳା ପ୍ରଦର୍ଶନ ସମୟକାଳ ମଧ୍ୟରେ ଓଡିଶାରପ୍ରତି କୋଣ ଅନୁକୋଣରେ ଅନେକ ଛାତ୍ର ଉତାରି ଥିଲେ ।ଝ ସ୍ୱର୍ଗତ ମହାପାତ୍ରଙ୍କ ପରିବାର ଓ ଛାତ୍ରମାନଙ୍କ ସହ ଗ୍ରାମବାସୀଙ୍କ ମିଳିତ ପ୍ରୟାସରେ ଏକ ସ୍ମୃତି କମିଟି ଗଠନ କରାଯାଇଥିବା ବେଳେ ସ୍ମୃତି କମିଟି ତରଫରୁ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ତାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି ।

ଦାସକାଠିଆ ଗାୟକ କାର୍ତ୍ତିକ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରତିମୂର୍ତ୍ତି ଉନ୍ମୋଚନୀ କାର୍ଯ୍ୟକ୍ରମରେ ସମାଜ ସେୀ କିଶୋର ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ପ୍ରଭାତ କୁମାର ପ୍ରଧାନ, ପୂର୍ବତନ ସମିତିସଭ୍ୟ ଶୀତେନ୍ଦ୍ର ବଳିୟାରସିଂହ, ବରିଷ୍ଠ ନାଗରିକ ସୁରେନ୍ଦ୍ରନାଥ ପ୍ରଧାନ, ହରିହର ରାଣସିଂହ, ଗ୍ରାମର ସଭାପତି ଗଣେଶ୍ୱର ସାହୁ, ମହାପାତ୍ରଙ୍କ ସହକର୍ମୀ ନରସିଂହ ସାହୁ, ସାମ୍ବାଦିକ ସୁକାନ୍ତ ପଟ୍ଟନାୟକ, ସୁଶାନ୍ତ ଡାକୁଆ ପ୍ରମୁଖଙ୍କ ସହ ତାଙ୍କର ସୁପୁତ୍ର ବ୍ରଜକିଶୋର ମହାପାତ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ପ୍ରତିମୂର୍ତ୍ତି ଉନ୍ମୋଚନୀ ପରେ ଅତିଥି ମାନଙ୍କୁ ନେଇ ନିକଟରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା ।

## ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ଶିଶୁ ଓ ଯୁବ ମହୋତ୍ସବ



ନିମାପଡା, (ସବ୍ୟୁ) : ନିମାପଡାର ଅଗ୍ରଣୀ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ଏହି ଏନ୍ଏସି ଅନ୍ତର୍ଗତ ଅଣ୍ଡିଆସାହି ବିଦ୍ୟାଳୟ ପରିସରରେ ୨୩ ତମ ଶିଶୁ ଓ ଯୁବ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପିଲାମାନଙ୍କ ମଧ୍ୟରେ ନୃତ୍ୟ,ସଂଗୀତ, ଚିତ୍ରାଙ୍କନ, ପତ୍ର ଲିଖନ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଗ୍ରୁପର ସଂପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ବରିଷ୍ଠ ମଂଚ କଳାକାର ଗୌର ଦାସ, ଅଭିନେତ୍ରୀ କାବେରୀ ପାଢୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ରାଉତ,ପୂର୍ବତନ କାଉନସିଲର ସନ୍ତୋଷ ଓଝା ପ୍ରମୁଖ ଯୋଗ ଦେଇ ପିଲାମାନଙ୍କ ପ୍ରତିଭାକୁ ବେଶ ପ୍ରଶଂସା କରିଥିଲେ ।

ଏହି ଅବସରରେ ଗ୍ରୁପର ପତ୍ରିକା 'ମୋ ଆଶା'ର ଶୀତ ସଂଖ୍ୟା ୨୦୨୬ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଅତିଥି କଳାକାରମାନଙ୍କ ମଜାଦାର ଅଭିନୟ ପିଲାମାନଙ୍କ ମନରେ ହସ ଆଣିଦେଇଥିଲା । ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଗ୍ରୁପର ଅଜୟ ମିଶ୍ର, ବସନ୍ତ ସ୍ୱାଇଁ, ଉର୍ମିଳା ମହାରଣା, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତଥିଲେ ।

## ମକରଭାର ସହ ବାହୁଡ଼ିଲେ ମହାଲକ୍ଷ୍ମୀ

ସାକ୍ଷୀଗୋପାଳ, (ସବ୍ୟୁ) : ପୁଷମାସ ଶେଷରେ ବାପଘରୁ ମନ୍ଦିରକୁ ଫେରିଛନ୍ତି ମହାଲକ୍ଷ୍ମୀ । ସାଙ୍ଗରେ ଆଣିଛନ୍ତି ମକରଭାର । ପ୍ରତିବର୍ଷ ପରି ଆଜି ମାସାନ୍ତ ଅବସରରେ ଦାସବିଦ୍ୟାଧରପୁର ପଞ୍ଚାୟତର ବସନ୍ତପୁର ଗ୍ରାମର ଦେବରାଜ ସାହୁଙ୍କ ଘରୁ ସାକ୍ଷୀଗୋପାଳ ମନ୍ଦିରକୁ ମକରଭାର ଆସିଥିଲା । ଦୁଇ ଜଣ ଭାରୁଆ ଦୁଇଟି ଓଳିଆରେ ନୂଆ ଅରୁଆ ଚାଉଳ, ନଡ଼ିଆ, ପାଚିଲା କଦଳୀ, ଧନୁ ମୁଆଁ, ଫୁଲମାଳ ଏବଂ ଠାକୁର ଙ୍କ ଲାଗି ନିମନ୍ତେ ନୂତନ ବସ୍ତ୍ର ସହ ମନ୍ଦିର ନିକଟସ୍ଥ ଦୋଳବେଦୀ ନିକଟରେ ପହଞ୍ଚିଥିଲେ । ମନ୍ଦିରରେ ଗୋଧନାହୁଡା ଭୋଗ ପରେ ସନ୍ଧ୍ୟା ଧୂପ ବେଶ ଅନୁଷ୍ଠିତ ହୋଇଥିଲା । ମନ୍ଦିର ବେଢ଼ାନୀତି ପରେ ବିଜେ ପ୍ରତିମା ମଦନମୋହନ ଗରୁଡସ୍ତମ୍ଭ ନିକଟକୁ ବିଜେ କରିଥିଲେ । ଏହାପରେ ଛତ୍ରୀ, ତ୍ରାସ, ଘଣ୍ଟ, ବାଜା, ମହୁରୀ, ବିଜେ କାହାଳୀ ଓ ଛାମୁ ମଶାଲ ସହିତ ସେବାୟତ ଓ ମନ୍ଦିର କର୍ମଚାରୀ ମକର ଭାରୁଆଙ୍କ ସହ କୁଣିଆଙ୍କୁ ମନ୍ଦିରକୁ ପାଛୋଟି ଆଣିଥିଲେ । ମହାଲକ୍ଷ୍ମୀଙ୍କ ଭାର ମନ୍ଦିରରେ ପ୍ରବେଶ କରିବା ମାତ୍ରେ ଗୁଆ ପାହାଚରେ ଖିର ଉତୁରା ପରବ ଆରମ୍ଭ ହୋଇଥିଲା । ଏଭଳି ଶୁଭ ଦୃଶ୍ୟ ଦର୍ଶନ କରି ଭାର ମନ୍ଦିର ଭଣ୍ଡାରକୁ ଯାଇଥିଲା । ମନ୍ଦିର ସିଂହାସନ ଚାରିପାଖେ ତିନି ଘେରା ଓ ବେଢ଼ାରେ ୬ଘେରା ଏପରି ବେଢ଼ା ନୀତି ସଂପନ୍ନ କରାଯାଇଥିଲା ।

## ରାଜା ଶ୍ରୀନରସିଂହ ଦେବଙ୍କ ପୁଣ୍ୟ ଜନ୍ମ ଉତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା



ଭୁବନେଶ୍ୱର (ସବ୍ୟୁ): ଗହଣ ଦଳର ପ୍ରତିଷ୍ଠାତା ରାଜା ଶ୍ରୀ ନରସିଂହ ଦେବଙ୍କ ପୁଣ୍ୟ ଜନ୍ମ ଉତ୍ସବ ଉପଲକ୍ଷେ ମଙ୍ଗଳବାର ଏକ ବର୍ଣ୍ଣାଢ଼୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶତାଧିକ ଶ୍ରଦ୍ଧାଳୁ କଟକର କିଶୋରନଗର ନିକଟ ମହାନଦୀ ନାରାୟଣୀ ଘାଟ ନିକଟରୁ ପାଣି ଉଠାଇ କଳସ ଶୋଭାଯାତ୍ରାରେ କେଶରୀ ନଗ୍ର ଉଆସକୁ ଆସିଥିଲେ । କଳସ ଓ ବ୍ରହ୍ମଧ୍ୱନି ସ୍ଥାପନ ହୋଇଥିବା ବେଳେ ବୁଧବାରି ମହାମନ୍ତ୍ର ମହାନାମ ସଂକୀର୍ତ୍ତନର ମହାଉତ୍ସବ ଅନୁଷ୍ଠିତ ହେବ । ନାମକୁଞ୍ଜରେ ଗହଣ ଦଳ ଷୋଳମଣ୍ଡଳ ପକ୍ଷରୁ ଦିବାରାତ୍ର ମହାମନ୍ତ୍ର ସଂକୀର୍ତ୍ତନ କରାଯିବ ।

ଜନ୍ମ ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାକୁ ଥିବାବେଳେ ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ, ଜନ୍ମ ଦିବସ ଉପଲକ୍ଷେ ନିଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଆୟୋଜନ ହୋଇଛି। ଆଗ୍ରହୀ ଜନସାଧାରଣ ଆଧାରକାର୍ଡ ଦେଖାଇ ଚିକିତ୍ସା ସେବା ପାଇପାରିବେ।

## ମକର ସଂକ୍ରାନ୍ତିରେ ପୋଷଣଯୁକ୍ତ ପରମ୍ପରାକୁ ଗୁରୁତ୍ୱ

ଭୁବନେଶ୍ୱର, (ସବୁ): ମକର ସଂକ୍ରାନ୍ତିକୁ ପୋଙ୍ଗଲ, ଲୋହଡି, ଉତରାୟଣ ଓ ମାଘ ବିହୁ ଭଳି ବିଭିନ୍ନ ରୂପରେ ପାଳନ କରାଯାଇଥାଏ । ପରିବାରଗୁଡିକ ଏହି ପର୍ବକୁ ପାଳନ କରିବା ପାଇଁ ପାରମ୍ପରିକ ଖାଦ୍ୟ ଓ ମିଠା ପ୍ରସ୍ତୁତ କରିବାକୁ ଏକାଠି ହୋଇଥାନ୍ତି । ଏହି ଋତୁ କାଲିଫର୍ଣ୍ଣିଆ ଆଲମଣ୍ଡକୁ ଖାଦ୍ୟରେ ଅନ୍ତର୍ଭୁକ୍ତ କରି ଉତ୍ସବ ସହ ଉପଯୁକ୍ତ ପୋଷଣକୁ ସନ୍ତୁଳିତ ରଖିବା ପାଇଁ ଏକ ସୁଯୋଗ ପ୍ରଦାନ କରିଥାଏ । ଏହାର ପୋଷଣ ସମୃଦ୍ଧ ଗୁଣ ଏହାକୁ ପାର୍ବଣ ଖାଦ୍ୟଗୁଡିକରେ ଏକ ପ୍ରାକୃତିକ ଯୋଗରେ ପରିଣତ କରୁଛି ଯାହା ସ୍ୱାଦକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିବା ସହ ଉତ୍ସବ ସମୟରେ ସାମଗ୍ରିକ ସୁସ୍ଥତା ବଜାୟ ରଖିଥାଏ । ଏସମ୍ପର୍କରେ ମ୍ୟାକ୍ସ ହେଲଥ କେୟାର, ନୂଆଦିଲ୍ଲୀର ଡାଏଟେଟିକ୍ସ ବିଭାଗର ଆଂଚଳିକ ମୁଖ୍ୟ ରିତିକା ସମାଦାର କହିଛନ୍ତି, ମକର ସଂକ୍ରାନ୍ତି ପାଳନର ମୁଖ୍ୟ କେନ୍ଦ୍ର ହେଉଛି ପାର୍ବଣ ଖାଦ୍ୟ, କିନ୍ତୁ କ୍ଷୁଦ୍ର ତଥାପି ସାଥର୍କ ଖାଦ୍ୟ ଚୟନ ଉତ୍ତମ ସ୍ୱାସ୍ଥ୍ୟରେ ସହଯୋଗ କରିପାରିଥାଏ । କାଲିଫର୍ଣ୍ଣିଆ ଆଲମଣ୍ଡ ପରିବାରଗୁଡ଼ିକୁ ପୋଷଣରେ ସାଲିସ ନକରି ଉତ୍ସବ ପାଳନ କରିବାରେ ସାହାଯ୍ୟ କରିଥାଏ । ସେହିପରି ଆୟୁର୍ବେଦ ବିଶେଷଜ୍ଞ ଡଃ ମଧୁମିତା କ୍ରିଷ୍ଣନ କହିଛନ୍ତି, ଆଲମଣ୍ଡ ହେଉଛି ସବୁଠାରୁ ବିବିଧ ଖାଦ୍ୟ ସାମଗ୍ରୀ ମଧ୍ୟରୁ ଗୋଟିଏ ଯାହାକୁ ଆପଣ ପାର୍ବଣର ଖାଦ୍ୟରେ ସାମିଲ କରିପାରିବେ ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କୋଣାର୍କ, (ସବ୍ୟୁ): କୋଣାର୍କ ଥାନା ପୋଲିସ ପକ୍ଷରୁ କୋଣାର୍କରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।



କୋଣାର୍କ ଥାନା ସବ ଇନ୍ସପେକ୍ଟର କେଦାର ନାଥ ଦୋରାଙ୍କ ନେତୃତ୍ୱରେ ଅନୁଷ୍ଠିତ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରୁ ବାହାରି କୋଣାର୍କ ବଜାର ପରିକ୍ରମା କରିବା ପରେ ଭିଆଇପି ଲଜ ଠାରେ ପହଞ୍ଚି ଥିଲେ । ସଡକ ସୁରକ୍ଷା ଜୀବନ ରକ୍ଷା, ହେଲମେଟ ପରିଧାନ କରି ଗାଡି ଚାଳନା, ଟ୍ରାଫିକ ନିୟମ ଅନୁପାଳନ ଓ ମଦ୍ୟ ନିଷେଧ କରି ଗାଡି ଚାଳନା ନେଇ ଛାତ୍ର ଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ମାନ ଦେଇ ଜନସାଧାରଣ ମାନଙ୍କୁ ସଚେତନତାର ବାର୍ତ୍ତା ଛିଞ୍ଚନ କରିଥିଲେ। କୋଣାର୍କ ପୋଲିସ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ରାସ୍ତାରେ ହେଲମେଟ ପରିଧାନ କରି ଟ୍ରାଫିକ ନିୟମ ମାନି ଗାଡି ଚାଳନା କରୁଥିବା ଚାଳକମାନଙ୍କୁ ଗୋଲାପ ଫୁଲ ଦେଇ ସବ ଇନ୍ସପେକ୍ଟର ଶ୍ରୀ ଦୋରା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା, ବରିଷ୍ଠ ଶିକ୍ଷକ ଅଭୟମଲ୍ଲ ପ୍ରମୁଖ ଯୋଗଦାନ କରିଥିଲେ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୧୪)**
**ସାଂଖ୍ୟଯୋଗଃ**
**ଶ୍ରୀଭଗବାନୁବାଚ**

**ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ! ଶୀତୋଷ୍ଣସୁଖଦୁଃଖଦାଃ ।**
**ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ ॥ ୧୪ ॥**

(ନନୁ ଗତାନ୍ ଅଗତାନ୍ ଅହଂ ନ ଶୋଚାମି: କିନ୍ତୁ ତଦ୍‌ବିୟୋଗାଦ୍ ଦୁଃଖରାଜଂ ମାମେବ ଇତି ଚେତ୍ ତତ୍ରାହ ) ହେ କୌନ୍ତେୟ ! ମାତ୍ରାସ୍ପର୍ଶାସ୍ତୁ (ମୀୟନ୍ତେ ଜ୍ଞାୟନ୍ତେ ବିଷୟାଃ ଆଭିଃ ମାତ୍ରାଃ ଇନ୍ଦ୍ରିୟବୃତ୍ତୟଃ, ତାସାଂ ସ୍ପର୍ଶାଃ, ବିଷୟେସୁ ସମ୍ବନ୍ଧାଃ) ଶୀତୋଷ୍ଣସୁଖଦୁଃଖଦାଃ (ଶୀତୋଷ୍ଣାଦିପ୍ରଦାଃ) (ଭବନ୍ତି) ତେ ତୁ ଆଗମାପାୟିନଃ (ଉତ୍ପତ୍ତିନାଶଶୀଳାଃ), (ଅତଃ) ଅନିତ୍ୟାଃ (ଅସ୍ଥିରାଃ): ହେ ଗାରତ ! ତାନ୍ ତିତିକ୍ଷସ୍ୱ (ସହସ୍ୱ) ॥ ୧୪ ॥

# ରବିନାରାୟଣଙ୍କ ଉତ୍ତରାୟଣ ଗତି



ଦିଲ୍ଲୀପ ଶତପଥୀ



ସୂର୍ଯ୍ୟ ସକଳ ଶକ୍ତିର ଆଧାର । ଭାରତ ସହିତ ବହୁତ ଦେଶରେ ସୂର୍ଯ୍ୟଙ୍କୁ ଦେବତା ଭାବରେ ପୂଜା କରାଯାଏ । ଭାରତବର୍ଷରେ ମଧ ବହୁତ ପର୍ବପର୍ବାଣି ସୂର୍ଯ୍ୟ ଚନ୍ଦ୍ର ଆଦି ଗ୍ରହ ଉପଗ୍ରହ, ନକ୍ଷତ୍ରମାନଙ୍କୁ ନେଇ ପାଳନ କରାଯାଇଥାଏ । ସଂକ୍ରାନ୍ତି ହେଉଛି ସୂର୍ଯ୍ୟଙ୍କର ସଂକ୍ରମଣ ଅର୍ଥାତ୍ ଏକ ରାଶିରୁ ଅନ୍ୟ ରାଶିକୁ ଚଳନ/ଗମନ କରିବାର ଦିନ । ମକର ସଂକ୍ରାନ୍ତି ସେହିପରି ଏକ ଦିନ ଯେଉଁଦିନ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ ଗମନ କରିଥାନ୍ତି । ଏହାକୁ ଦିବାକରଙ୍କର ଉତ୍ତରାୟଣ ଗତି କୁହନ୍ତି । ମଣିଷର ବିଶ୍ୱାସ ହେଉଛି ଆସ୍ଥା ଏବଂ ଆସ୍ଥା ସଂସ୍କୃତିର ଏକ ମୂଳ ସମ୍ବଳ । ନାନାବିଧ ମାହାତ୍ମ୍ୟ ତଥା ଅନେକ ରହସ୍ୟର ଗନ୍ତାଘର ଏହି ସୁବର୍ଣ୍ଣ ମେଖଳା ଭାରତ ଭୂମି ଯାହାର ପ୍ରତିଟି ବସ୍ତୁ ପର୍ବରେ ରହସ୍ୟ ନିବୃତ । ଭାରତୀୟ ସଂସ୍କାର, ସଂସ୍କୃତି, ପରମ୍ପରା ସେଥିପାଇଁ ବିଶ୍ୱବିଖ୍ୟାତ ଏବଂ ବିଶ୍ୱବିଦିତ । ସେଥିପାଇଁ ଏବେ ଭାରତ ପାଇଛି ବିଶ୍ୱଗୁରୁର ମାନ୍ୟତା ।

ପ୍ରତିଟି ସଂକ୍ରାନ୍ତି ଦିନ ସୂର୍ଯ୍ୟ ଗୋଟିଏ ଗୋଟିଏ ରାଶିକୁ ଚଳନ କରି ଏକ ମାସ ଅବସ୍ଥାନ କରନ୍ତି । ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟ ମକର ରାଶିରେ ଅବସ୍ଥାନ କରନ୍ତି । ଓଡ଼ିଆରେ ପ୍ରବାଦ ଅଛି 'ମକରରୁ ଦିନ ବକର ହୁଏ' । ଅର୍ଥାତ୍ ଦିନ ଧୀରେ ଧୀରେ ବଡ଼ ହୁଏ ଏବଂ ଦିବାକରଙ୍କ ତେଜ ପ୍ରଖର ହୁଏ । ଉତ୍ତରାୟଣ ପର ଷଡ଼ ମାସ ସମସ୍ତ ସାମାଜିକ କାର୍ଯ୍ୟ ଯେପରି ବିବାହ, ବ୍ରତୋପନୟନ, ଯଜ୍ଞ ଅନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ କର୍ମ ଶୁଭମୟ ହୋଇଥାଏ । ବିଜ୍ଞାନ ଶାସ୍ତ୍ର ମତେ ସୂର୍ଯ୍ୟ ସ୍ଥିର ଗ୍ରହ, ନକ୍ଷତ୍ର, ଉପଗ୍ରହ ଘୂର୍ଣ୍ଣୟମାନ, ଦିବାକରଙ୍କର ଏହି ଉତ୍ତରାୟଣ ଗତି ଏକ ଭୌତିକ ଗତି (ଆପେକ୍ଷିକ ଗତି /ସମ୍ପର୍କୀୟ ଗତି) ଇଂରାଜୀରେ ରିଲେଟିଭ ମୋସନ ।

ହିନ୍ଦୁ ପୁରାଣ ଅନୁସାରେ କର୍ମ ଫଳ ଦାତା ଶନିଶ୍ଚର ନିଜ ପିତାଙ୍କ ନିକଟତର ହୋଇଥାନ୍ତି । ଯେତେବେଳେ କପିଳ ମୁନିଙ୍କ ଅଭିଶାପ ଗ୍ରସ୍ତ ହୋଇ ଶ୍ରୀରାମଚନ୍ଦ୍ରଙ୍କ ପୂର୍ବପୁରୁଷ ଅମୋକ୍ଷ ଅବସ୍ଥାରେ ଥିଲେ, ସେତିକିବେଳେ ରଘୁବଂଶରେ ଆଶାର କିରଣ ରୂପେ ଜନ୍ମ ନେଇଥିଲେ ରାଜା ଭଗୀରଥ । ଭଗୀରଥଙ୍କ କଠୋର ତପସ୍ୟା ବ୍ରହ୍ମଦେବଙ୍କୁ ସନ୍ତୁଷ୍ଟ କରିଥିଲା । ବ୍ରହ୍ମାଙ୍କୁ ପ୍ରାର୍ଥନା କରନ୍ତେ, ସେ ମା'ଗଙ୍ଗାଙ୍କୁ ସ୍ୱର୍ଗରୁ ମର୍ତ୍ତ୍ୟାବତରଣ ପାଇଁ ଆଦେଶ ଦେଇଥିଲେ । ମା' ଗଙ୍ଗାଙ୍କର ଭୂପତନ ସମୟର ଭୟାବହତା ଅନୁମାନ କରି ଭଗୀରଥ ପୁନଃ ଦେବଦେବ ମହାଦେବଙ୍କୁ ପ୍ରାର୍ଥନା କରିଥିଲେ । ମହାଦେବ ଗଙ୍ଗାଙ୍କର ଭୂପତନ ସମୟରେ ଆପଣା ମସ୍ତକ ଆଗକୁ ଆଣି ଗଙ୍ଗାଙ୍କୁ ନିଜ ଜଟା ମଧରେ ରଖି ଦେଇଥିଲେ । ପରେ ଶିବଙ୍କ ଜଟାରୁ ଏକ ମାତ୍ର ସ୍ରୋତ ଆକାରରେ ହିମାଳୟରୁ ନିର୍ଗତ ହୋଇଥିଲେ ମା'ଗଙ୍ଗା ଏବଂ ଏହି ମକର ସଂକ୍ରାନ୍ତି ଦିନ ଧରା ପ୍ରବେଶ କରି କୁରୁବଂଶକୁ ଶାପ ମୁକ୍ତ କରିଥିଲେ । ମହାଭାରତ କଥା ଅନୁସାରେ ପିତାମହ ଭୀଷ୍ମ ଇଚ୍ଛା ମୃତ୍ୟୁର ବରଦାନ ପାଇଥିଲେ । ମହାସମରର ଦଶମ ଦିନ ଶ୍ରୀଖଣ୍ଡିଙ୍କୁ ସମ୍ମୁଖରେ ପାଇ ଅସ୍ତ୍ର ତ୍ୟାଗ କରିଥିଲେ ଏବଂ ଅର୍ଜ୍ଜୁନଙ୍କ ଦ୍ୱାରା ଶରଶଯ୍ୟା ପ୍ରାପ୍ତ ହୋଇ ଅପେକ୍ଷା କରିଥିଲେ ସୂର୍ଯ୍ୟଙ୍କର ଏହି ଉତ୍ତରାୟଣ ଗତିକୁ । ସୂର୍ଯ୍ୟଙ୍କର ମକର ଚଳନ ପରେ ପିତାମହ ଭୀଷ୍ମଙ୍କର ଆତ୍ମା ସ୍ୱର୍ଗକୁ ଯାଇଥିଲା । ଅନ୍ୟ ଏକ ଶାସ୍ତ୍ରୀୟ ତଥ୍ୟ ଅନୁସାରେ ମକର ସଂକ୍ରାନ୍ତି ଦିନ ହିଁ ସମୁଦ୍ର ମନ୍ଥନରୁ ମିଳିଥିବା ଅମୃତର ଟୋପା ଧରାପୃଷ୍ଠରେ ଥିବା ଭାରତ ମାଟିର ତ୍ରିବେଣୀ ସଙ୍ଗମ ସ୍ଥାନରେ ପଡିଥିଲା । ସେଥିପାଇଁ ମକର ସଂକ୍ରାନ୍ତି ଦିନ 'କୁମ୍ଭ ସ୍ନାନ' ହୁଏ ଏବଂ ବାର ବର୍ଷରେ ବିଶ୍ୱ ପ୍ରସିଦ୍ଧ 'କୁମ୍ଭ ମେଳା' ଅନୁଷ୍ଠିତ ହୁଏ ।

**ଓଡ଼ିଶା, ଛତିଶଗଡ଼, ବିହାର, ଝାଡଖଣ୍ଡ, ମଧ୍ୟପ୍ରଦେଶ ଭଳି ବିଭିନ୍ନ ସ୍ଥାନରେ ଏହି ପର୍ବ ମକର ସ୍ରଂକାନ୍ତି ଭାବେ ପରିଚିତ ଥିଲାବେଳେ ଦକ୍ଷିଣ ଭାରତରେ ଏହା ପୋଙ୍ଗଲ୍ ନାମରେ ଖ୍ୟାତ । ଓଡ଼ିଶାର ମୟୂରଭଞ୍ଜ ଓ କେନ୍ଦୁଝରରେ ଏହା 'ଟୁସୁ ପର୍ବ' ଭାବେ ପାଳିତ । ଆଦିବାସୀ ଅଞ୍ଚଳରେ ରହୁଥିବା କୁଡୁମୀ ସମ୍ପ୍ରଦାୟର ଲୋକମାନଙ୍କ ପର୍ବ ହେଉଛି ଟିସୁ ପରବ । ନୂତନ ବସ୍ତ୍ର ପରିଧାନ କରି ବିଭିନ୍ନ ଖାଦ୍ୟ ପାନୀୟ ସହିତ ଟୁସୁ ଗୀତ ଗାଇ ସାଙ୍ଗ ହୋଇ ନାଚିବାର ଭରପୁର ଆନନ୍ଦ ଉଠାଇଥାନ୍ତି ପ୍ରତି ଆଦିବାସୀ ଅଞ୍ଚଳର ଲୋକେ ।**

ମକର ସଂକ୍ରାନ୍ତି କେବଳ ଏକ ଗଣପର୍ବ ନୁହେଁ, ବରଂ କୃଷିଭିତ୍ତିକ ପାରମ୍ପରିକ ପର୍ବ । ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହିତ ସ୍ନେହପ୍ରେମର ବାର୍ତ୍ତା ପ୍ରଦାନ କରିବା କ୍ଷେତ୍ରରେ ଏହାର ପ୍ରମୁଖ ଭୂମିକା ରହିଛି । ଏହିଦିନରୁ ସମସ୍ତ ଶୁଭ କାର୍ଯ୍ୟ ଆରମ୍ଭ ହୋଇଥାଏ । ଦିନ ବଡ଼ ହୋଇଥାଏ । ଭଲ ଶସ୍ୟ ଅମଳ ହେବା ପାଇଁ ଅନେକ ସମ୍ପ୍ରଦାୟ ସୂର୍ଯ୍ୟଙ୍କ ଏହି ବିଶେଷ ପୂଜାର୍ଚ୍ଚନା କରିଥାନ୍ତି । ଓଡ଼ିଶା, ଛତିଶଗଡ଼, ବିହାର, ଝାଡଖଣ୍ଡ, ମଧ୍ୟପ୍ରଦେଶ ଭଳି ବିଭିନ୍ନ ସ୍ଥାନରେ ଏହି ପର୍ବ ମକର ସ୍ରଂକାନ୍ତି ଭାବେ ପରିଚିତ ଥିଲାବେଳେ ଦକ୍ଷିଣ ଭାରତରେ ଏହା ପୋଙ୍ଗଲ୍ ନାମରେ ଖ୍ୟାତ । ଓଡ଼ିଶାର ମୟୂରଭଞ୍ଜ ଓ କେନ୍ଦୁଝରରେ ଏହା 'ଟୁସୁ ପର୍ବ' ଭାବେ ପାଳିତ । ଆଦିବାସୀ ଅଞ୍ଚଳରେ ରହୁଥିବା କୁଡୁମୀ ସମ୍ପ୍ରଦାୟର ଲୋକମାନଙ୍କ ପର୍ବ ହେଉଛି ଟିସୁ ପରବ । ନୂତନ ବସ୍ତ୍ର ପରିଧାନ କରି ବିଭିନ୍ନ ଖାଦ୍ୟ ପାନୀୟ ସହିତ ଟୁସୁ ଗୀତ ଗାଇ ସାଙ୍ଗ ହୋଇ ନାଚିବାର ଭରପୁର ଆନନ୍ଦ ଉଠାଇଥାନ୍ତି ପ୍ରତି ଆଦିବାସୀ ଅଞ୍ଚଳର ଲୋକେ । ସିନ୍ଧି ସମ୍ପ୍ରଦାୟର ଲୋକମାନେ ଏହାକୁ ତିରମୌରି ଏବଂ ଗୁଜରାଟର ଲୋକେ ଉକ୍ତ ପର୍ବକୁ ଉତ୍ତରାୟଣ ଭାବେ ଜାଣିଛନ୍ତି । ଉତ୍ତର ପ୍ରଦେଶ ଓ ପଶ୍ଚିମ ବିହାରରେ ଏହାକୁ 'ଖିଚିଡି ସଂକ୍ରାନ୍ତି' ବୋଲି କୁହାଯାଏ । ପଞ୍ଜାବରେ ଏହା ଲୋହଡ଼ି ଭାବେ ଧୂମଧାମରେ ପାଳିତ ହେଉଥିବାବେଳେ ହରିୟାନା ଓ ହିମାଚଳ ପ୍ରଦେଶରେ ଏହାର ନାମ ହେଉଛି 'ମାଘି' । ବଙ୍ଗରେ ଏହାକୁ 'ପୌଷ ସଂକ୍ରାନ୍ତି' କାଶ୍ମୀରରେ ଏହାକୁ 'ଶିଶୁର୍ ସେକ୍ରାନ୍ତି' ଭାବେ ପାଳନ କରାଯାଏ । କର୍ଣ୍ଣାଟକରେ 'ମକର ସଂକ୍ରାନ୍ତି' 'ତିଲଗୁଡ୍ ପର୍ବ' ଭାବେ ପରିଚିତ ।

ଭାରତ ବାହାରେ ରୋମାନ ଓ ଇହୁଦୀମାନେ ମଧ ଏହିପର୍ବ ପାଳନ କରନ୍ତି । ଏହିଦିନ ପ୍ରାୟତଃ ଖେଚିଡ଼ି ରନ୍ଧା ଯାଇଥାଏ । ଏହାକୁ ସାହିପଡ଼ିଶା ଓ ନିକଟ ସମ୍ପର୍କୀୟଙ୍କ ସହିତ ମିଳିମିଶି ଖାଇଥାନ୍ତି । ଏହି ଦିନର ବିଶେଷ ଖାଦ୍ୟ ହେଉଛି 'ମକର ଚାଉଳ' । କଞ୍ଚା ଚାଉଳରେ କଦଳୀ, ସେଓ, କମଳା, ଅଙ୍ଗୁର ଓ କିସ୍ମିସ୍, କାଜୁ ଓ ବିଭିନ୍ନ ପ୍ରକାର ଗରମ ମସଲା ପକାଇ ପ୍ରସ୍ତୁତ ହୋଇଥାଏ ସ୍ୱାଦିଷ୍ଟ 'ମକର ଚାଉଳ' । ଏହାକୁ ମକର ସଂକ୍ରାନ୍ତିରେ ବାଣ୍ଟିବା ଦ୍ୱାରା ସ୍ନେହ ବଢ଼ିଥାଏ ବୋଲି ବିଶ୍ୱାସ ରହିଛି । ଏହା ବ୍ୟତୀତ ଗାଁ ଗହଳିରେ ମକର ଚାଉଳ ପରିସ୍କରକୁ ଦେଇ ମକର ବସିବା ଭଳି ଏକ ନିଆରା ପରମ୍ପରା କାହିଁ କେଉଁ କାଳରୁ ଚାଲିଆସିଛି । ମକର ଚାଉଳ ସହିତ ଆଉ ଏକ ବିଶେଷ ପରମ୍ପରା ମକର ସଂକ୍ରାନ୍ତି ସହିତ ଜଡ଼ିତ । ତାହା ହେଉଛି 'ଗୁଡ଼ି ଉଡ଼ା ପର୍ବ' । ମକର ସଂକାନ୍ତି ଦିନ ଗୁଡ଼ି ଉଡ଼ାଇବାର ବିଶେଷ ପ୍ରଥା ରହିଛି । ଶାରୀରିକ, ଭୌତିକ ଓ ମାନସିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ସୂର୍ଯ୍ୟଙ୍କର ଉଷ୍ମତା ଏବଂ ସ୍ନିଗ୍ଧତା ପାଇବା ପାଇଁ ଗୁଡ଼ି ଉଡ଼ାଇବାରର ବିଶେଷ ମହତ୍ତ୍ୱ ରହିଛି । ଏହା ଛଡ଼ା ବିଭିନ୍ନ ଗାଁ ତଥା ବଡ଼ ବଡ଼ ସହରମାନଙ୍କରେ ଆରମ୍ଭ ହୋଇଥାଏ ଏକ ଭିନ୍ନ ସ୍ୱାଦର ପ୍ରତିଯୋଗିତା ଯାହାକୁ କୁହାଯାଏ, ଗୁଡ଼ି ଉଡ଼ାଣ ପ୍ରତିଯୋଗିତା । ଏପରି ପ୍ରତିଯୋଗିତାରେ ଅନେକ ଲୋକ ଅଂଶଗ୍ରହଣ କରି ନିଜ ପିଲାବେଳ ସ୍ମୃତିକୁ ଜୀବନ୍ତ କରିଥାନ୍ତି । ବାସ୍ତବିକ ମକର ସଂକ୍ରାନ୍ତି ହେଉଛି ସ୍ମୃତିର ରୋମନ୍ଥକ । ସେଇ ଦିବ୍ୟ ପବିତ୍ର ପାର୍ବଣର ସମାଗମ ଅନେକ ଶିକ୍ଷା ଦେଇଯାଏ, ବନ୍ଧୁତ୍ୱର ବାର୍ତ୍ତା ନେଇଯାଏ, ମାନବିକତାର ମନ୍ତ୍ର ଶିଖାଇଦିଏ ।

ମାତୃ ପିତୃ କୃପା ୫୦୮, ନୂଆସାହି
ନୂଆପଲ୍ଲୀ, ଭୁବନେଶ୍ୱର ୭୫୧୦୧୨
ମୋ-୯୪୩୭୧୭୫୭୬୪



# ସରସ୍ୱତୀ ଫକୀରମୋହନ

ଆଧୁନିକ ଓଡ଼ିଆ ଭାଷା ଓ ସାହିତ୍ୟରେ ବ୍ୟାସକବି ଫକୀରମୋହନ ସେନାପତି ଥିଲେ ଜଣେ ଅଦ୍ୱିତୀୟ ବରପୁତ୍ର । ଓଡ଼ିଆ ଜାତି ଓ ଏହାର ଭାଷା ପାଇଁ ତାଙ୍କ ଅବଦାନ ପ୍ରକୃତରେ ଅବିସ୍ମରଣୀୟ । ଏତେ ବର୍ଷ ପରେ ୨୦୧୪ରେ ଓଡ଼ିଆ ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି । ମାତ୍ର ଏହା ଆମମାନଙ୍କର ଉଦ୍ୟମ ବୋଲି ନ କହି ବ୍ୟାସକବିଙ୍କର ତପସ୍ୟାର ଫଳଶ୍ରୁତି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

ପ୍ରକୃତରେ ସେ ଥିଲେ ସଂକ୍ରାନ୍ତି ପୁରୁଷ । ୧୮୪୩ ମସିହା ଜାନୁଆରୀ ୧୩ ତାରିଖରେ ମକର ସଂକ୍ରାନ୍ତିରେ ସେ ବାଲେଶ୍ୱରରେ ଭୂମିଷ୍ଠ ହୋଇଥିଲେ । ୧୯୧୮ ଜୁନ୍ ୧୪ ତାରିଖ ରଜ ସଂକ୍ରାନ୍ତିରେ ତାଙ୍କର ଦେହାବସାନ ହୋଇଥିଲା । ଶହେ ଦଶ ବର୍ଷ ତଳେ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଲାଗି ବାମଣ୍ଡାର 'ସୁର ତରଙ୍ଗିଣୀ ସାରସ୍ୱତ ସମିତି' ତାଙ୍କୁ ୧୯୧୬ରେ 'ସରସ୍ୱତୀ' ଉପାଧିରେ ଭୂଷିତ କରିଥିଲେ । ବାମଣ୍ଡାର ତତ୍କାଳୀନ ରାଜା ତଥା ବିଶିଷ୍ଟ ସାହିତ୍ୟିକ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ସେହି ଉତ୍ସବରେ ଅଧକ୍ଷତା କରିଥିଲେ ।

**ଏହାର ଲେଖକ ଫକୀରମୋହନ ସେନାପତି ଥିଲେ ବିଶିଷ୍ଟ ଓଡ଼ିଆ ସାହିତ୍ୟିକ, ଓଡ଼ିଆ ଭାଷାର ପ୍ରଥମ ପ୍ରସିଦ୍ଧ ଔପନ୍ୟାସିକ ଏବଂ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରତିଷ୍ଠାତା– ବୋଲଟନ**

ବାଲ୍ୟକାଳରୁ ସେ ଥିଲେ ବ୍ରଜ ମୋହନ । ମାତ୍ର ଅସୁସ୍ଥତା ଯୋଗୁଁ ତାଙ୍କ ପରିବାର ତାଙ୍କୁ ବଞ୍ଚିବାର ଆଶା ନ ଦେଖି ଫକୀର ଭାବେ ତାଙ୍କୁ ସମର୍ପଣ କରି ଦେଇଥିଲେ । ତେଣୁ ବ୍ରଜ ମୋହନ ହୋଇଥିଲେ ଫକୀରମୋହନ । ଓଡ଼ିଶାର ଜଣେ ବରପୁତ୍ର ଭାବେ ସେ ଘରେ ଘରେ ପରିଚିତ ।

ଇଂରାଜୀ ସାହେବ ଜନ୍ ଜେଭି ବୋଲଟନ ଜଣେ ସାମ୍ମାନିକ ପ୍ରଫେସର (Emeritus Prof.) ଥିଲେ ମଧ ଫକୀରମୋହନଙ୍କ ଉପରେ ଗବେଷଣାକରି ଡକ୍ଟରେଟ ପାଇଥିଲେ । ଫକୀରମୋହନଙ୍କ ଆତ୍ମଚରିତ (Autobiography) ହେଉଛି ପ୍ରକୃତରେ ଏ ଜାତିର ଇତିହାସ । ତାହାର ଇଂରାଜୀ ଅନୁବାଦ କରିଛନ୍ତି ବୋଲର୍ଟନ ସାହେବ ' My Times and I 'ନାମରେ । ଓଡ଼ିଶା ସାହିତ୍ୟ ଏକାଡେମୀ ୧୯୮୫ ମସିହାରେ ଏହି ପୁସ୍ତକଟି ପ୍ରଥମେ ପ୍ରକାଶ କରିଥିଲେ । ଏହାର ଦ୍ୱିତୀୟ ସଂସ୍କରଣ ମଧ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶ କରିଥିଲେ–୨୦୧୪ ମସିହାରେ । ତତ୍କାଳୀନ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ତଥା ବିଶିଷ୍ଟ କଥାକାର ଶ୍ରୀ ବିଜୟ ନାୟକଙ୍କ ଉଦ୍ୟମରୁ ଏହାର ଦ୍ୱିତୀୟ ସଂସ୍କରଣ ସମ୍ଭବ ହୋଇଥିଲା । ବୋଲଟନ ତାଙ୍କର ଏହି ପୁସ୍ତକଟି ତାଙ୍କର ତିନି ପୁତ୍ରଙ୍କୁ ଉତ୍ସର୍ଗ କରିଥିଲେ । ଏହି ପୁସ୍ତକର ମୁଖବନ୍ଧରେ ସେ ମଧ ଉଲ୍ଲେଖ କରିଥିଲେ–It's author Phakirmohan Senapati was a distinguished Odia man of letter, the first novelist of note in Odia language and the founder of modern Odia literature. (ଅର୍ଥାତ୍ ଏହାର ଲେଖକ ଫକୀରମୋହନ ସେନାପତି ଥିଲେ ବିଶିଷ୍ଟ ଓଡ଼ିଆ ସାହିତ୍ୟିକ, ଓଡ଼ିଆ ଭାଷାର ପ୍ରଥମ ପ୍ରସିଦ୍ଧ ଔପନ୍ୟାସିକ ଏବଂ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରତିଷ୍ଠାତା–ବୋଲଟନ)

ମୋର ଜଣେ ସ୍ୱର୍ଗୀୟ ଲେଖକ ବନ୍ଧୁ ଅଶୋକ ସିଂ ୧୯୭୫ରେ ବୋଲଟନ ସାହେବ ଓଡ଼ିଶା ଆସିଥିବା ବେଳେ ତାଙ୍କୁ ସାକ୍ଷାତ କରି ଏକ ସାକ୍ଷାତକାର ପ୍ରସ୍ତୁତ କରିଥିଲେ । ଡକ୍ଟର ଭାବଗ୍ରାହୀ ମିଶ୍ରଙ୍କ ସମ୍ପାଦନାରେ ପ୍ରକାଶିତ 'ସମାବେଶ' ମାସିକ ପତ୍ରିକାରେ ତାହା ପ୍ରକାଶ ପାଇଥିଲା । ସ୍ୱର୍ଗୀୟ ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ବାଣୀଭୂଷଣ, କାବ୍ୟତୀର୍ଥଙ୍କଦ୍ୱାରା ଫକୀରମୋହନଙ୍କ ସଂକ୍ଷିପ୍ତ ଜୀବନ ଚରିତ–'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶ ପାଇ ଆସୁଥିଲା, ଯାହାର ନାମ ଥିଲା– 'ସ୍ୱର୍ଗତ ଫକୀରମୋହନ' । ଏହି ଲେଖାଗୁଡ଼ିକୁ ଏକତ୍ର କରି ତାହାର ସମ୍ପାଦନା କରିଛନ୍ତି. ବାଲେଶ୍ୱରର କବୟତ୍ରୀ କଲ୍ୟାଣୀ ନନ୍ଦ । 'ଉନବିଂଶ ଶତାବ୍ଦୀ ଓ ଫକୀରେମୋହନ' ଶୀର୍ଷକ ଏକ ପୁସ୍ତକ ରଚନା କରି ଡକ୍ଟର ସର୍ବେଶ୍ୱର ସେଣ ତାହାର ମୁଖବନ୍ଧରେ ଉଲ୍ଲେଖ କରିଛନ୍ତି–' ଗଦ୍ୟ ସାହିତ୍ୟ ସମ୍ରାଟ ଫକୀରମୋହନ ସେନାପତି (୧୮୪୩–୧୯୧୮) ଙ୍କର ବାଲ୍ୟ ଜୀବନ ଥିଲା ସଂଘର୍ଷପୂର୍ଣ୍ଣ । ' ପ୍ରକୃତରେ ଏକ ସଂଘର୍ଷମୟ ଜୀବନଯାତ୍ରା ମଧରେ ଫକୀରମୋହନ ଯେଉଁ ଅଦ୍ୱିତୀୟ ସାହିତ୍ୟ ସର୍ଜନା କରିଛନ୍ତି, ତାହା ଅବିସ୍ମରଣୀୟ । ତାଙ୍କର ୧୮୪ତମ ପବିତ୍ର ଜୟନ୍ତୀରେ ତାଙ୍କ ସ୍ମୃତି ଉଦ୍ଦଶ୍ୟରେ ଆମେମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁଁ ।

**ଭକ୍ତିର ଶକ୍ତି**

**ଭକ୍ତ ଏତେ ଶକ୍ତିଶାଳୀ ଯେ ନିଜର ଭକ୍ତି ମାଧ୍ୟମରେ ଅନନ୍ତ ଈଶ୍ୱରଙ୍କୁ ନିଜ ହୃଦୟରେ ସ୍ଥାନିତ କରିଦିଏ ।**

***ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବ୍ୟାସକବି ଫକୀରମୋହନ ସେନାପତି



ଅନନ୍ତ ଗୋପାଳ ପଣ୍ଡା

ଉତ୍କଳ ଜନନୀର ବରପୁତ୍ର ଭାବରେ ଯେଉଁ ଯଶସ୍ୱୀ ସାହିତ୍ୟ ସାଧକଗଣ ସ୍ୱକୀୟ ପ୍ରତିଭା ତଥା ବିଦ୍‌ବତ୍ତା ବଳରେ ବିଦେଶୀ ଇଂରେଜମାନଙ୍କ ସହିତ ପ୍ରତିବେଶୀ ବଙ୍ଗଳା ଭାଷାଭାଷୀଙ୍କ ଚକ୍ରାନ୍ତ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନଏ'କୁ ପ୍ରତିହତ କରି ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା ପୂର୍ବକ ଭାଷାଭିତ୍ତିକ ପ୍ରଦେଶ ଗଠନ ମହାଯଜ୍ଞର ପୁରୋଧା ସାଜିଥିଲେ, ସେମାନଙ୍କ ମଧରେ ଏ ଜାତିର ସେନାପତି ଭାବେ ଅଭିହିତ ଫକୀରମୋହନ ଥିଲେ ଅନ୍ୟତମ । ସମକାଳୀନ ଦେଶଭକ୍ତ ତଥା ସାହିତ୍ୟ ସାଧକ ଯଥା– ଉତ୍କଳଗୌରବ, ଉତ୍କଳମଣି, କବିବର ଓ ସ୍ୱଭାବକବିଙ୍କ ସହିତ ସମ୍ମିଳିତ ଭାବରେ ଫକୀରମୋହନ ଓଡ଼ିଆ ଭାଷାର ସ୍ଥିତିକୁ ବଞ୍ଚାଇ ରଖିବା ସହିତ ଆଗାମୀ ଦିନରେ ଶାସ୍ତ୍ରୀୟ ଭାଷା ରୂପେ ସ୍ୱୀକୃତି ଲାଭ କରିବାର ପଥକୁ କୁସୁମିତ କରିଥିଲେ ।

ଉତ୍କଳର ବ୍ୟାସ ଭାବରେ ଅଭିହିତ ଏହି ଯୋଗଜନ୍ମା ସାରସ୍ୱତ ସ୍ରଷ୍ଟା ୧୮୪୩ ମସିହା ଜାନୁୟାରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତିରେ ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ଗ୍ରାମରେ ପିତା ଲକ୍ଷ୍ମଣ ଚରଣ ସେନାପତି ଓ ମାତା ତୁଳସୀ ଦେବୀଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ । ମାତ୍ର ବାଲ୍ୟାବସ୍ଥାରୁ ସେ ତାଙ୍କର ପିତା ଓ ମାତାଙ୍କୁ ହରାଇବାରୁ ଜେଜେମା ତାଙ୍କର ଲାଳନପାଳନର ଭାର ବହନ କରିଥିଲେ । ତାଙ୍କ ପିଲାଦିନର ନାମ ଥିଲା ବ୍ରଜମୋହନ । ବାରମ୍ବାର ସେ ଅସୁସ୍ଥ ରହିବା ଫଳରେ ଜେଜେମା ତାଙ୍କୁ ଏକ ଫକୀରଙ୍କୁ ସମର୍ପଣ କରିଥିଲେ ଏବଂ ପର ମୁହୂର୍ତ୍ତରେ ତାଙ୍କ ନାମ ପରିବର୍ତ୍ତନ କରି ଫକୀରମୋହନ ରଖିଥିଲେ ।

ଅସୁସ୍ଥ ରହୁଥିବାରୁ ବହୁ ବିଳମ୍ବରେ ତାଙ୍କର ବିଦ୍ୟାରମ୍ଭ ହୋଇଥିଲା । ଐଶ୍ୱରୀକ କୃପା ତଥା ନିଜର ମେଧା ଶକ୍ତି ଦ୍ୱାରା ସେ ଖୁବ୍ ଶୀଘ୍ର ପଢୁଥିବା ପାଠକୁ ମନେରଖି ପାରୁଥିଲେ । ମାତୃଭାଷା ବ୍ୟତୀତ ଇତିହାସ, ଭୂଗୋଳ ତଥା ଗଣିତ ଆଦି ବିଷୟରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ସେ ଶିକ୍ଷକମାନଙ୍କର ପ୍ରିୟଭାଜନ ହୋଇଥିଲେ । ତାଙ୍କର ପ୍ରକୃତିଦତ୍ତ ଦକ୍ଷତା ବଳରେ ସେ ଓଡ଼ିଆ ଭାଷା ସହିତ ଇଂରାଜୀ, ସଂସ୍କୃତ, ଓ ବଙ୍ଗଳା ଭାଷାକୁ ଆୟତ୍ତକରି ବିଭିନ୍ନ ଆଲୋଚନାରେ ଭାଗନେବା ପୂର୍ବକ ବୁଦ୍ଧିଜୀବୀଙ୍କ ମହଲରେ ଆଦୃତ ହୋଇଥିଲେ ।

ବାରବାଟୀ ସ୍କୁଲରେ ଶିକ୍ଷକତା ଜୀବନ ଆରମ୍ଭ କରି ଫକୀରମୋହନ ପରବର୍ତ୍ତୀ ସମୟରେ ଖ୍ରୀଷ୍ଟିଆନ ମିଶନ ସ୍କୁଲରେ ୧୮୭୧ ପର୍ଯ୍ୟନ୍ତ ଶିକ୍ଷକତା କରିଥିଲେ । ତାଙ୍କର ଅନ୍ତର୍ନିହିତ ପ୍ରତିଭାକୁ ହୃଦୟଙ୍ଗମ କରି ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଜନ୍ ବିମ୍ସ ତାଙ୍କୁ ନୀଳଗିରିର ଦେୱାନ ପଦବୀରେ ଅଧିଷ୍ଠିତ କରାଇଥିଲେ । ପରେ ପରେ ସେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦେୱାନ ଦାୟିତ୍ୱକୁ ସୁଚାର ରୂପେ ସମ୍ପାଦନ କରିଥିଲେ । ୧୮୭୧ରୁ ୧୮୭୫ ପର୍ଯ୍ୟନ୍ତ ନୀଳଗିରିରେ, ୧୮୭୬ ରୁ ୧୮୭୭ ଡମପଡାରେ, ୧୮୭୭–୮୩ ଢ଼େଙ୍କାନାଳରେ, ୧୮୮୪–୮୬ ଦଶପଲ୍ଲାରେ, ୧୮୮୬–୮୭ ପାଲଲହଡାରେ, ୧୮୮୭–୯୨ କେନ୍ଦୁଝରରେ ସେ ନିଷ୍ଠାର ସହିତ କାର୍ଯ୍ୟ ସଂପାଦନ କରିଥିଲେ । କେନ୍ଦୁଝର ଭୂୟାଁମେଳିକୁ ଦମନ କରାଇବାରେ ସେ ସୂତ୍ରଧର ଥିଲେ । ବିଚକ୍ଷଣ ବୁଦ୍ଧିମତାର ପରିଚୟ ଦେବାକୁଯାଇ 'ଭୋଳାନାଥ ଖମାରିଆ' ଙ୍କ ଉଦ୍ଦେଶ୍ୟରେ ସେ ଯେଉଁ ଚିଠି ଲେଖିଥିଲେ, ତାର ଗୂଢ଼ ରହସ୍ୟ ଭେଦ କରିବା ମଧୁବାବୁଙ୍କ ବ୍ୟତୀତ ଅନ୍ୟମାନଙ୍କ ପକ୍ଷରେ ଅସମ୍ଭବ ଥିଲା । ଏବେବି ସେ ଚିଠି ପାଠକରି ପାଠକ ବିମୋହିତ ହୁଏ ।



ବୃତ୍ତିଗତ ଜୀବନରେ ସଫଳତା ଲାଭ କରିଥିବା ଦେୱାନ ସଂସାରିକ ସୁଖ ଆହରଣରୁ ବଞ୍ଚିତ ଥିଲେ । ତାଙ୍କ ପାରିବାରିକ ଜୀବନ ଦୁଃଖମୟ ଥିଲା । ବାଲ୍ୟ ବିବାହ ପ୍ରଥାନୁସାରେ ୧୮୫୬ ମସିହାରେ ମାତ୍ର ୧୩ ବର୍ଷ ବୟସରେ ସେ ଲୀଳାବତୀଙ୍କ ପାଣିଗ୍ରହଣ କରିଥିଲେ । ପ୍ରଥମ ପତ୍ନୀଙ୍କର ମୃତ୍ୟୁପରେ ସେ ୧୮୭୧ରେ କୃଷ୍ଣାକୁମାରୀଙ୍କୁ ପୁର୍ନବିବାହ କରିଥିଲେ । ଏ ବିବାହ ବନ୍ଧନ ମଧ ଦୀର୍ଘଦିନ ପାଇଁ ଆବଦ୍ଧ ହୋଇ ପାରି ନଥିଲା । ସେ ମଧ ୧୮୯୪ରେ ହଇଜା ରୋଗରେ ଆକ୍ରାନ୍ତ ହୋଇ ହେଲେ ଅଫେରା ରାଇଜର ଯାତ୍ରୀ । ଏକ ମାତ୍ର ପୁତ୍ର ମୋହିନୀମୋହନଙ୍କ ସହିତ ପରବର୍ତ୍ତୀ ସମୟରେ ଫକୀରମୋହନଙ୍କ ମନାନ୍ତର ଘଟିଥିଲା । ଏହିପରି ଦୁଃଖ ଓ ବିଷାଦରେ ପରିପୂର୍ଣ୍ଣ ଥିଲା ସାରସ୍ୱତ ସାଧକଙ୍କ ଜୀବନ ଯାତ୍ରା ।

ଈଶ୍ୱରଙ୍କ ସୃଷ୍ଟିରେ ଗୋଟିଏ ଦିଗ ଅନ୍ଧକାର ହୋଇଗଲେ ସୁଦ୍ଧା ଅପର ଦିଗଟି ଆଲୋକରେ ଉଦ୍‌ଭାସିତ ହୋଇଥାଏ । ସେହି ନ୍ୟାୟରେ ଦୁଃଖ ଓ ଯନ୍ତ୍ରଣାରେ ଜର୍ଜରିତ ହୋଇ ମଧ ଅଭୁତପୂର୍ବ ସୃଜନୀ ଶକ୍ତି ବଳରେ ସେ ହୋଇପାରିଥିଲେ ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟ ଏବଂ ଉପନ୍ୟାସ ଜଗତର ସମ୍ରାଟ । ୧୮୯୮ ମସିହାରେ ତାଙ୍କ ଲେଖନୀ ନିଃସୃତ 'ରେବତୀ' ଗଳ୍ପ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିବା ସଙ୍ଗେ ସଙ୍ଗେ ପ୍ରଥମ ଗଳ୍ପ ଭାବରେ ସାହିତ୍ୟିକମାନଙ୍କଦ୍ୱାରା ସ୍ୱୀକୃତ ହୋଇଥିଲା । ନାରୀ ଶିକ୍ଷା ପଥରେ ଥିବା ସାମାଜିକ ପ୍ରତିବନ୍ଧକ ତଥା ପାରମ୍ପରିକ ଅନ୍ଧବିଶ୍ୱାସପୂର୍ଣ୍ଣ ଗ୍ରାମୀଣ ସମାଜର ଚିତ୍ରକୁ ଅତି ନିଖୁଣ ଭାବରେ ଗାଳ୍ପିକ ଫକୀରମୋହନ ରେବତୀ ଗଳ୍ପରେ ପରିସ୍ଫୁଟିତ କରିଛନ୍ତି ।

ଶହେ ବର୍ଷ ପୂର୍ବେ ବ୍ୟାସ କବି ଯେଉଁ ସ୍ୱପ୍ନ ଦେଖିଥିଲେ, ସମାଜରେ ଆଜି ତା'ର ପ୍ରତିଫଳନ ଘଟୁଛି । 'ଡାକମୁନ୍‌ସୀ' ଗଳ୍ପର ପ୍ରାସଙ୍ଗିକତା ଆଜି ମଧ ସମାଜରେ ସୁସ୍ପଷ୍ଟ ଭାବରେ ପ୍ରତିଭାତ । ହରି ସିଂଙ୍କ ପରି ଅନେକ ବାପାମାଆ କଷ୍ଟାର୍ଜିତ ଧନରେ ପୁଅକୁ ଉଚ୍ଚ ଶିକ୍ଷିତ କରି ଜରାନିବାସର ଅନ୍ତେବାସୀ ହୋଇଛନ୍ତି । ହଜିଯାଉଛି ନୀତି ଓ ନୈତିକତା । ଅଥଳ ଗର୍ଭରେ ନିକ୍ଷେପିତ ମାନବିକତାର ମୂଲ୍ୟବୋଧ । ନିଶାମୁକ୍ତ ସମାଜ ଗଠନର ସ୍ୱପ୍ନ ଦେଖି ବ୍ୟାସକବି ରଚନା କରିଥିଲେ ଗଳ୍ପ 'ପେଟେଣ୍ଟ ମେଡିସିନ୍' । ଏକାଧାରରେ ଜନନୀ, ଭଗିନୀ ଓ ଜାୟା ରୂପେ ଅବତୀର୍ଣ୍ଣା ନାରୀଟିଏ ଇହକାଳ ଓ ପରକାଳର ଦେବତା ରୂପୀ ସ୍ୱାମୀଙ୍କୁ କୁ–ପଥରୁ ବିଚ୍ୟୁତ କରାଇ ସତ୍‌ପଥକୁ ଆଣିବା ନିମନ୍ତେ, ଯେ କୌଣସି ପ୍ରକାର ଉପାୟ ଯେ ଅବଲମ୍ବନ କରିପାରେ, ତା'ର ଏକ ନିଚ୍ଛକ ଚିତ୍ର କଥା ସମ୍ରାଟ ପ୍ରଦାନ କରିଛନ୍ତି 'ପେଟେଣ୍ଟ ମେଡିସିନ୍' ଗଳ୍ପରେ, ସୁଲୋଚନା ଚରିତ୍ର ମାଧ୍ୟମରେ ।

ଏକ ସୁଶୃଙ୍ଖଳିତ ତଥା ଶୋଷଣମୁକ୍ତ ସମାଜ ଗଠନର ଲକ୍ଷ୍ୟ ନେଇ ଫକୀର ମୋହନ ରଚନା କରିଥିଲେ 'ଧୁଳିଆବାବା' ଗଳ୍ପ । ତତ୍କାଳୀନ ସମାଜରେ ମୁଖା ପିନ୍ଧି ବାବା ସାଜିଥିବା ଭ୍ରଷ୍ଟାଚାରୀମାନେ ଧର୍ମ ଓ ବିଶ୍ୱାସର ସୀମା ସରହଦ ଭିତରେ ନିରୀହ ଜନସାଧାରଣଙ୍କୁ କିପରି ଶୋଷଣ କରନ୍ତି ଏବଂ ଏହି ଅନ୍ୟାୟର ପରିଣାମ ସ୍ୱରୂପ ସେମାନଙ୍କର କିପରି ହୁଏ ଅଧୋଗତି, ତାର ବାସ୍ତବ ଚିତ୍ର ଦେଖିବାକୁ ମିଳିଥାଏ ଏହି ଗଳ୍ପରେ । ଶହେ ବର୍ଷ ତଳେ ଫକୀରମୋହନଙ୍କ ମାନସ ପଟରେ ରୂପାୟିତ ହୋଇଥିବା ଭାବନାର ଚିତ୍ର ଓ ଚରିତ୍ର ଆଜି ବି ସମାଜରେ ସୁର ଓ ସାରଥି ରୂପରେ ଦୃଷ୍ଟି ପଥାରୂଢ଼ ହୁଅନ୍ତି ।

ଉଚ୍ଚକୋଟିର ଔପନ୍ୟାସିକ ରୂପେ ଫକୀର ମୋହନ ତତ୍କାଳୀନ ସମାଜର ଜମିଦାରମାନଙ୍କ କଳଙ୍କିତ ଚରିତ୍ରକୁ ଅତି ନିଖୁଣ ଭାବରେ ଉପସ୍ଥାପିତ କରିଛନ୍ତି 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସରେ । ନିରୀହ ଚରିତ୍ରମାନଙ୍କୁ ଜମିଦାରମାନେ କିପରି ଶୋଷଣ କରୁଥିଲେ ତାର ବାସ୍ତବ ଚିତ୍ର ପ୍ରଦାନ କରେ ଏହି ଉପନ୍ୟାସ । ନୀରିହ ନିଷ୍କପଟ ଚରିତ୍ର 'ସାରିଆ ଓ ଭଗିଆ'ଙ୍କ ପ୍ରାଣଠାରୁ ପ୍ରିୟ ଗାଈ ନେତ ଏବଂ ଚାଷ ଜମି 'ଛମାଣ ଆଠଗୁଣ୍ଠ' ସମ୍ପତ୍ତିକୁ ରାମଚନ୍ଦ୍ର ମଙ୍ଗରାଜ ଅନ୍ୟାୟ ଉପାୟରେ ଛଡାଇନେଇ ତାର ପ୍ରତିଫଳ ସ୍ୱରୂପ କିପରି ଅଧୋଗତିକୁ ଆମନ୍ତ୍ରଣ କରିଛି, ତା'ର ଜ୍ୱଳନ୍ତ ପ୍ରତିଫଳନ ହେଉଛି ଏହି ଉପନ୍ୟାସ । ଏହା ବ୍ୟତୀତ 'ମାମୁଁ' 'ଲଛମା' ଓ 'ପ୍ରାୟଶ୍ଚିତ' ଆଦି ଉପନ୍ୟାସମାନ ଫକୀର ମୋହନଙ୍କୁ ଆଣିଦେଇଛି ଅଜସ୍ର ସମ୍ମାନ ଓ ପ୍ରତିଷ୍ଠା ।

ଉପନ୍ୟାସମାନଙ୍କ ସହିତ ସେ ମଧ ଅନେକ ଗଳ୍ପ ଓ କବିତା ରଚନା କରି ଆମ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଉପର ଆଲୋଚ୍ୟ ଗଳ୍ପଗୁଡିକ ସମେତ ସେ 'ସୁନାବୋହୂ, ବିରେଇ ବିଶାଳ, ରାଣ୍ଡିପୁଅ ଅନନ୍ତା, ସଭ୍ୟ ଜମିଦାର, ଅଧର୍ମ ବିତ୍ତ, ପାଠୋଇ ବୋହୂ, ଗାରୁଡି ମନ୍ତ୍ର ଆଦି ଅନେକ ଗଳ୍ପ ରଚନା କରି ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି । ଏତଦ୍ ବ୍ୟତୀତ ତାଙ୍କର ପଦ୍ୟ କୃତି ମଧ ପାଠକୀୟ ଆଦୃତି ଲାଭ କରିଛି । ପ୍ରଥମ କବିତା ସଂକଳନ 'ଉତ୍କଳ ଭ୍ରମଣ' ସହିତ ସେ ପୁଷ୍ପମାଳା, ଉପହାର, ପୂଜାଫୁଲ, ପ୍ରାର୍ଥନା,ଅବସର ବାସରେ ଆଦି ଅନେକ କବିତା ସଂକଳନ ସୃଷ୍ଟି ପୂର୍ବକ କବି ନାମକରଣକୁ ଚରିତାର୍ଥ କରିଛନ୍ତି ।

ସାମଗ୍ରିକ ସାହିତ୍ୟକୃତି ନିମନ୍ତେ ସେ ବ୍ୟାସକବି ଭାବରେ ଖ୍ୟାତ ହୋଇଥିବାବେଳେ ବାମଣ୍ଡାର ରାଜାଙ୍କ ଦ୍ୱାରା 'ସରସ୍ୱତୀ' ସମ୍ମାନରେ ସେ ବିଭୂଷିତ ହୋଇଥିଲେ । ଏହି ଯଶସ୍ୱୀ ସାରସ୍ୱତ ସାଧକଙ୍କ ମହାପ୍ରୟାଣ ମଧ ସେହି ସଂକ୍ରାନ୍ତି ଅର୍ଥାତ୍ ୧୯୧୮ ମସିହା ଜୁନ୍ ମାସ ୧୪ ତାରିଖ ରଜ ସଂକ୍ରାନ୍ତିରେ ହୋଇଥିଲା । ଆଜି ସ୍ୱଦେହରେ ବ୍ୟାସକବି ନାହାଁନ୍ତି ସତ କିନ୍ତୁ ସାରସ୍ୱତ ପରିମଣ୍ଡଳର ଚିର ଅମ୍ଳାନ ଜ୍ୟୋତି ତଥା ଓଡ଼ିଆ ଜାତିର ସେନାପତି ଭାବରେ ଫକୀରମୋହନ ପ୍ରତ୍ୟେକ ଓଡିଆଙ୍କ ସ୍ମୃତିରେ ଉଜ୍ଜୀବିତ ହୋଇ ରହିବା ସଙ୍ଗେ ସଙ୍ଗେ ତାଙ୍କର କାଳଜୟୀ ସୃଷ୍ଟିକୁ ସମ୍ମାନ ଜଣାଇ ଏ ଜାତି ତାଙ୍କ ଚରଣଯୁଗଳରେ ମଥା ପାତି ଭକ୍ତି ଅର୍ଘ୍ୟ ଅର୍ପଣ କରୁଥିବ କାଳ କାଳ ପାଇଁ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ଶ୍ରୀକ୍ଷେତ୍ରବିହାର,ଭୁବନେଶ୍ୱର –୧୯
ମୋ:୯୮୬୧୪୭୦୧୯୮

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇରାନ...

ଜୁନରେ ଇସ୍ରାଏଲ ପକ୍ଷରୁ ଇରାନରେ ଅପରେସନ ରାଇଜିଂ ଲାୟନ କରାଯାଇଥିଲା । ୧୨ ଦିନିଆ ଯୁଦ୍ଧରେ ଇରାନର ବରିଷ୍ଠ ସାମରିକ କମାଣ୍ଡରମାନେ ପ୍ରାଣ ହରାଇଥିଲେ । ଆମେରିକା ସମର୍ଥନରେ ଇସ୍ରାଏଲ ଏଭଳି କରିଥିଲା । ଆମେରିକା ମଧ୍ୟ ଇରାନର ଆଣବିକ ପ୍ରତିଷ୍ଠାନକୁ ଧ୍ୱଂସ କରିଦେଇଥିଲା । ସେବେଠାରୁ ଇରାନର ଆର୍ଥିକ ସ୍ଥିତି ବିଗିଡି ଯିବାରୁ ଶାସନ ବିରୋଧରେ ଜନ ଅସନ୍ତୋଷ ବଢିବାରେ ଲାଗିଛି । ଗତ ୧୮ ଦିନ ହେଲା ସରକାରୀ ବିରୋଧୀ ଆନ୍ଦୋଳନ ତୀବ୍ର ହୋଇଛି । ଦେଶରେ ବଢୁଥିବା ବିକ୍ଷୋଭ ପାଇଁ ଇସ୍ରାଏଲ ଓ ଆମେରିକାକୁ ଦାୟୀ କରିଛି ।

## ଭଙ୍ଗାହେବ...

ବିଧାନସଭା କୋଠାକୁ ଭଙ୍ଗାଯିବ ନାହିଁ । ଯଦି ଆଗକୁ ଓଡିଶାକୁ ବିଧାନ ପରିଷଦ ଗଠନ ହୁଏ, ତେବେ ଏହି ପୁରୁଣା ବିଧାନସଭା ଗୃହକୁ ବିଧାନ ପରିଷଦ ଗୃହ ଭାବେ ବ୍ୟବହାର କରାଯିବ । ନୂଆ କରି ହେବାକୁ ଥିବା ବିଧାନସଭାରେ ୩୦୦ ସଦସ୍ୟ ବସି ପାରିବେ । ୨ ମହଲା ବିଶିଷ୍ଟ କୋଠା ଢାଞ୍ଚାରେ ନିର୍ମାଣ ହେବ । ଭୂତଳ ପାର୍କିଂ ଓ ସ୍ୱତନ୍ତ୍ର ପାର୍କିଂ ଅଞ୍ଚଳ ରହିବ । ଏଥିପାଇଁ ୩୮୭.୯୪ କୋଟି ଟଙ୍କା ଖର୍ଚ୍ଚ ହେବ । ୬୭ ବର୍ଷ ତଳେ ନିର୍ମାଣ ହୋଇଥିବା ଲୋକସେବା ଭବନକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ । ତେବେ ରାଜୀବ ଭବନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ ୧୯୯୭ ଫେବୃଆରୀ ୧୯ ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ମାତ୍ର ଦେଢ ବର୍ଷ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା ଓ ୧୯୯୮ ଅକ୍ଟୋବର ୩୦ ରେ ଏହାର ଉଦଘାଟନ ହୋଇଥିଲା । ୧ ଲକ୍ଷ ୨୪ ହଜାର ବର୍ଗଫୁଟ ଅଞ୍ଚଳରେ ଏହା ନିର୍ମାଣ କରାଯାଇଥିଲା ।

## କେନ୍ଦୁଝରରେ...

ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ମଧ୍ୟ ଶିଳାନ୍ୟାସ କରାଗଲା ।କେନ୍ଦୁଝରର ବିଭିନ୍ନ ସ୍ଥାନରେ ୨୧.୫୦ କୋଟି ଟଙ୍କା ବିନିଯୋଗରେ ୧୦୪ଟି ଏସିଆର, ଆଇସିଟି ଲ୍ୟାବ ଓ ପ୍ରାଚୀରର ଉଦ୍‌ଘାଟନ କରାଯାଇଛି । ଏଥିସହିତ ୧୪ କୋଟି ଟଙ୍କା ବିନିଯୋଗରେ ଚମ୍ପୁଆରେ ନିକଲସନ୍ ଫରେଷ୍ଟ ଟ୍ରେନିଂ ସ୍କୁଲ ମଧ୍ୟ ପ୍ରତିଷ୍ଠା କରାଯାଇଛି । ସେହିପରି ୯.୬୦ କୋଟି ଟଙ୍କାରେ ଖଣି କ୍ଷେତ୍ରରେ ସ୍ଥାନୀୟ ଯୁବକମାନଙ୍କୁ ସ୍କିଲ୍ ଟ୍ରେନିଂ ଦେବା ପାଇଁ ଡିଏମ୍‌ଏଫ୍ ଖଣି ଶକ୍ତିର ଉଦ୍‌ଘାଟନ କରାଯାଇଛି ।

ଯେବେଠୁ ମାଆ ତାରିଣୀଙ୍କ ପ୍ରକଳ୍ପର ଶିଳାନ୍ୟାସ ହୋଇଛି, ସେବେଠାରୁ କେନ୍ଦୁଝରର ବିକାଶର ଡବଲ ଇଂଜିନ ଗାଡିରେ ରକେଟ୍ ଇଞ୍ଜିନ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ । କେଉଁଝର କେବଳ ଏକ ଜିଲ୍ଲା ନୁହେଁ – ଏହା ଉତ୍କୃଷ୍ଟ ପ୍ରାକୃତିକ ସମ୍ପଦର ଭୂମି । ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ କର୍ମଠ ଲୋକଙ୍କ ଭୂମି । ଏହି ମାଟି ଓଡ଼ିଶାର ଆର୍ଥିକ ଶକ୍ତିରେ ଅପାର ଅବଦାନ ରଖିଛି । ଖଣିଜ ପଦାର୍ଥ ଠାରୁ ଆରମ୍ଭ କରି ଜଙ୍ଗଲ, କୃଷି ଠାରୁ ମାନବ ସମ୍ବଳ ପର୍ଯ୍ୟନ୍ତ, କେନ୍ଦୁଝର ସର୍ବଦା ରାଜ୍ୟର ଅଭିବୃଦ୍ଧିକୁ ଶକ୍ତି ପ୍ରଦାନ କରିଆସିଛି ।

କେନ୍ଦୁଝର ଏକ ଇସ୍ପାତ ନଗରୀ ଭାବେ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ ।କେନ୍ଦୁଝରକୁ ପ୍ରାୟଅଧିକାଂଶ ରାସ୍ତା ୬ ଥାକିଆ ବିଶିଷ୍ଟ କରାଯିବ ବଡ଼ବିଲରେ ଏକ ରିଙ୍ଗ ରୋଡ଼ କରାଯିବ । କେନ୍ଦୁଝର-ସେ କହିଥିଲେ, ଆସନ୍ତା ୩-୪ ବର୍ଷ ଭିତରେ କେନ୍ଦୁଝର ରାଜ୍ୟର ଏକ ଶ୍ରେଷ୍ଠ ଜିଲ୍ଲା ଭାବରେ ପ୍ରତିଷ୍ଠା ହାସଲ କରିବ । ସେହି କ୍ରମରେ କେନ୍ଦୁଝର ପାଇଁ ୧୭୦୮ କୋଟି ଟଙ୍କାର ୩୫ ଟି ପ୍ରକଳ୍ପର ଶିଳାନ୍ୟାସ ସହିତ,୧୯୪ କୋଟି ଟଙ୍କାର ୩୬ ଟି ପ୍ରକଳ୍ପ ଉଦ୍ଘାଟିତ ହେଉଛି ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଆମ ସରକାର ରାଜ୍ୟର ସନ୍ତୁଳିତ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି । ୨୦୦୦ ମସିହା ପରେ ମୁଁ ଅନେକ ବାର ବିଧାନସଭା ଭିତରେ ଏବଂ ବାହାରେ ଏହି ଆଞ୍ଚଳିକ ବୈଷମ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲି । କାରଣ ମୋ ନିଜ ଜିଲ୍ଲା ଏହି ଆଞ୍ଚଳିକ ବୈଷମ୍ୟତାର ଶିକାର ହୋଇଥିଲା । ଆମ ସରକାର ଆସିବା ମାତ୍ରେ ଲୋକଙ୍କ ଏହି ଅଭିଯୋଗକୁ ସମାଧାନ କରିବା ପାଇଁ ଆମ ସରକାର ତୁରନ୍ତ ଉତ୍ତର ଓଡିଶା ଏବଂ ଦକ୍ଷିଣ ଓଡିଶା ବିକାଶ ପରିଷଦ ପାଇଁ ଏକ ଟାସ୍କ ଫୋର୍ସ ଗଠନ କରିଥିଲେ । ରିପୋର୍ଟ ଆସିଲା ପରେ ଏହି ଦୁଇ ବିକାଶ ପରିଷଦ ସଂପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ ।

କେନ୍ଦୁଝରକୁ ଆସିବା ପୂର୍ବରୁ ରାଜ୍ୟର ସବୁ ୩୦ ଗୋଟି ଜିଲ୍ଲା ପାଇଁ ୧୧୦ ଟି ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥିଲା । ସେହିପରି ଦୁଇ ଦିନ ତଳେ ସମ୍ବଲପୁରରେ ୯୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ତାର ଠିକ୍ କିଛି ଦିନ ପୂର୍ବରୁ ପବିତ୍ର ଧନୁଯାତ୍ରା ଅବସରରେ ବରଗଡ ଜିଲ୍ଲା ପାଇଁ ପ୍ରାୟ ୯୮୦ କୋଟି ଟାଙ୍କର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ କରାଯାଇଥିଲା । ସରକାରଙ୍କ ଏହି ବିକାଶ ମୂଳକ କାର୍ଯ୍ୟ କେବଳ ଗୋଟିଏ ଜିଲ୍ଲା କି ଗୋଟିଏ ଅଞ୍ଚଳ ମଧ୍ୟରେ ସୀମାବଦ୍ଧ ନୁହେଁ । ବର୍ଷ ତମାମ, ପ୍ରତ୍ୟେକ ଜିଲ୍ଲା ପାଇଁ ଆଖିଦୃଶିଆ ବିକାଶ ମୂଳକ ପ୍ରକଳ୍ପ, ଯୋଜନା ଏବଂ ଭିତ୍ତିଭୂମି କରାଯାଉଛି ବୋଲି ସେ କହିଥିଲେ ।

ସେ ପୁଣି କହିଥିଲେ, ମୋର ଗୋଟିଏ ଲକ୍ଷ୍ୟ- ମୁଁ ମୋ ସ୍ୱପ୍ନର ସୁନାର ଓଡିଶା ତିଆରି କରିବି । ଯେପର୍ଯ୍ୟନ୍ତ ମୋ ଶରୀରରେ ରକ୍ତ ପ୍ରବାହିତ ହେଉଥିବ, ସେପର୍ଯ୍ୟନ୍ତ ଲୋକ ହିତରେ ପ୍ରତ୍ୟେକ କାମ କରିବି । ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନ ସମ୍ଭବ ହୋଇପାରିବ । ଓଡ଼ିଶାର ସାଧାରଣ ଲୋକଙ୍କ ଜୀବନ ଧାରଣର ମାନରେ ଗୁଣାତ୍ମକ ପରିବର୍ତ୍ତନ ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍ ।

ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଲକ୍ଷ୍ୟ ରଖିଛନ୍ତି ଯାହାର ମୂଳଦୁଆ ହେବ ରାଜ୍ୟର ତିରିଶ ଗୋଟି ଜିଲ୍ଲା । ଗୋଟିଏ ବି ଜିଲ୍ଲା ଦୁର୍ବଳ ହେଲେ ବିକଶିତ ଓଡିଶାର ସ୍ୱପ୍ନ ଅଧାରେ ରହିଯିବ । ତେଣୁ, ଓଡିଶାର ପ୍ରତ୍ୟେକ ଅଞ୍ଚଳ ହେବ ବିକଶିତ । ଓଡିଶାର ପ୍ରତ୍ୟେକ ଜିଲ୍ଲାରେ ହେବ ଶିଳ୍ପାୟନ ।

୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଏବଂ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରିକଳ୍ପିତ ବିକଶିତ ଭରତ ଗଠନ କରିବା ପାଇଁ ଓଡିଶାର ପ୍ରତ୍ୟେକ ନାଗରିକଙ୍କ ବିକାଶ ହେବା ଅତ୍ୟନ୍ତ ଜରୁରୀ । ଏହାକୁ ଦୃଷ୍ଟିରେ ରଖି ଆମ ସରକାର ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ କାର୍ଯ୍ୟରତ ବୋଲି ସେ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର ପକ୍ଷୀ ନାମକ ଏକ କଫି ଟେବୁଲ ବୁକ ଉନ୍ମୋଚନ କରିବା ସହିତ, ବିଭିନ୍ନ ଏସ୍‌ଏଚ୍‌ଜି ଗ୍ରୁପର ମହିଳା ହିତାଧିକାରୀଙ୍କୁ ସହାୟତା ରାଶି ଚେକ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ଚରଣ ନାୟକ, ବିଧାୟକ ସନାତନ ମହାକୁଡ, ବିଧାୟକ ଡାକ୍ତର ଫକୀର ଚରଣ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲାପାଳ ବିଶାଳ ସିଂ, ଡିଆଇଜି ବ୍ରିଜେସ ରାୟ, ଏସପି ନିତୀନ କୁଶଲକୁର, ଡିଏଫଓ ଏଚଡ଼ି ଧନରାଜ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଞ୍ଜାସୁତା...

ବେକ ଓ ହାତରେ ମାଞ୍ଜାସୂତାର ଗଭୀର ଆଘାତ ଲାଗିଛି । ସ୍ଥାନୀୟ ଲୋକେ ପୋଲିସକୁ ଖବର କରିବା ସହ ତାଙ୍କୁ ଚିକିତ୍ସା ବ୍ୟବସ୍ଥା କରାଇଥିଲେ । ପ୍ରଥମେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ନିଆଯାଇଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଭଲ ନଥିବାରୁ ତାଙ୍କ କହିବାନୁଯାୟୀ କଟକର ଘରୋଇ ହସ୍ପିଟାଲକୁ ସେ ସ୍ଥାନାନ୍ତର ହୋଇଛନ୍ତି ।

ମାଞ୍ଜାସୂତାକୁ ନେଇ ପୋଖରୀପୁଟ ଅଞ୍ଚଳରେ ଦୁର୍ଘଟଣା ଘଟିଥିବା ବେଳେ ଭୁବନେଶ୍ୱର ବଡଗଡ ଅଞ୍ଚଳରେ ପୋଲିସ ବିଭିନ୍ନ ଗୁଡି ଦୋକାନ ଓ ଗୁଡି ଉଡାଉଥିବା ପିଲାଙ୍କୁ ଯାଞ୍ଚ କରିଛି । ମାଞ୍ଜାସୂତା ଓ ଅନ୍ୟାନ୍ୟ କେତେକ ସରଞ୍ଜାମ ଜବତ ହୋଇଛି । କେବଳ ଭୁବନେଶ୍ୱର ନୁହେଁ କଟକରେ ମଧ୍ୟ ଡିସିପିଙ୍କ ନିର୍ଦ୍ଦେଶରେ ଘନ ଘନ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ମାଞ୍ଜାସୂତା ଲାଗି ପୂର୍ବରୁ କଟକରେ ଦୁଇଜଣଙ୍କ ମୃତ୍ୟୁହୋଇଥିବାରୁ ସେହିଦିନଠାରୁ ମାଞ୍ଜାସୂତା ଉପରେ କଟକଣା ଲାଗିଛି । କଟକଣା ଲାଗିଥିଲେ ମଧ୍ୟ ସେହି ସୂତାକୁ ବ୍ୟବସାୟୀମାନେ ଚୋରାରେ ବିକ୍ରି କରୁଛନ୍ତି । କଟକ ପୋଲିସ ଆକ୍ସନ ମୋଡ୍‌ରେ ଥିବାବେଳେ ପୋଖରୀପୁଟ ଘଟଣା ପରେ ଭୁବନେଶ୍ୱର ପୋଲିସ ମଧ୍ୟ ଆକ୍ସନ ମୋଡ୍‌କୁ ଆସିଛି ।

ଆସନ୍ତାକାଲି ମକର ସଂକ୍ରାନ୍ତି ଥିବାରୁ କେଉଁ ଯୁଗରୁ ଗୁଡିଉଡା ପରମ୍ପରା ଲାଗି ରହିଛି । ପରମ୍ପରା ପାଳନ କରିବା ଅର୍ଥ ନୁହେଁ ବିପଜ୍ଜନକ ମାଞ୍ଜାସୂତା ଲଗାଇ ସାଧାରଣ ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରିବା । ଗୁଡି ଉଡାଉଥିବା ଯୁବକ ବା ବ୍ୟକ୍ତିମାନେ ମାଞ୍ଜାସୂତା ବ୍ୟବହାର କରିବା ଉଦ୍ଦେଶ୍ୟ ସେମାନେ ଅନ୍ୟର ଗୁଡି ସୂତାକୁ କାଟିବା । ଉଦ୍ଦେଶ୍ୟ ଗୁଡିଉଡା ଟାଇମ ର ହୋଇଥିଲେ ମଧ୍ୟ ତାହା ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରୁଛି ।

ଭୁବନେଶ୍ୱର, କଟକ ଓ ପୁରୀରେ ମଧ୍ୟ ମାଞ୍ଜାସୂତା ଉପରେ ଯାଞ୍ଚ ତ୍ୱରାନ୍ୱିତ ହେଉଛି । ପୁରୀରେ ୨୨ ଦୋକାନରୁ ୪୭ ବଣ୍ଡଲ ମାଞ୍ଜାସୂତା ଜବତ କରାଯାଇଛି । ହେଲେ ସେମାନଙ୍କ ଉପରେ କିଛି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏହି ବିପଜ୍ଜନକ ସୂତାକୁ ନେଇ ଗୁଜରାଟର ସୁରଟରେ ସ୍ୱେଚ୍ଛାସେବୀମାନେ ବାଇକ୍ ଆରୋହୀ ସୁରକ୍ଷା ପାଇଁ ବାଇକ୍‌ରେ ଗାର୍ଡ ଓ ବେକରେ ଏକ ପ୍ରକାର କପଡା ବିତରଣ କରୁଥିବା ଖବର ମିଳିଛି । ଓଡ଼ିଶାରେ ଏହିପରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସାଙ୍ଗକୁ ମାଞ୍ଜାସୂତା ବିକ୍ରି କରୁଥିବା ବ୍ୟବସାୟଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ । ଏଥିସହ ମାଞ୍ଜାସୂତାରେ ଗୁଡି ଉଡାଉଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ଜରିମାନା ଆଦାୟ କରାଯିବା ଜରୁରୀ ବୋଲି ମତପ୍ରକାଶ ପାଉଛି ।

## ୧୮ ସୁଦ୍ଧା...

ସାଢେ ୪ ଲକ୍ଷରୁ ଊର୍ଦ୍ଧ୍ୱର୍ ହିତାଧିକାରୀମାନଙ୍କୁ ସୁଭଦ୍ରା ସହାୟତା ପ୍ରଦାନ କରାଯିବ । ଏଥିରେ ୧ ଲକ୍ଷ ୭୮ ହଜାର ୩୯୮ ନୂତନ ପଞ୍ଜୀକୃତ ସୁଭଦ୍ରା ହିତାଧିକାରୀ, ଆଗରୁ କୌଣସି କାରଣରୁ ବାଦ ପଡିଥିବା ଓ ପରେ ଅଭିଯୋଗ ଶୁଣାଣିର ତଦନ୍ତ ଦ୍ୱାରା ଯୋଡି ହୋଇଥିବା ୨୪ ହଜାର ୧୮ ଜଣ ହିତାଧିକାରୀ, ଅନ୍ୟ ୨ ଲକ୍ଷ ୫୫ ହଜାର ୨୨୬ ଜଣ ହିତାଧିକାରୀଙ୍କୁ ମିଶାଇ ସମୁଦାୟ ୪ ଲକ୍ଷ ୫୭ ହଜାର ୬୮୧ ଜଣ ହିତାଧିକାରୀଙ୍କୁ ବକେୟା ସୁଭଦ୍ରା ସହାୟତା କିସ୍ତି ପ୍ରଦାନ କରାଯିବ । ଆସନ୍ତା ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ମାର୍ଚ୍ଚ ୮ରେ ପ୍ରଦାନ କରିବାକୁ ଥିବା ଚତୁର୍ଥ କିସ୍ତି ଅର୍ଥ ଦିଆଯିବ । ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ଚତୁର୍ଥ କିସ୍ତି ପ୍ରଦାନ କରାଯିବ ।

ସୂଚନାଯୋଗ୍ୟ, ୨୦୨୪ ସେପ୍ଟେମ୍ବର ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ବଟନ ଟିପି ଏହି ଯୋଜନାର ଶୁଭାରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ । ଏହାଫଳରେ ହିତାଧିକାରୀ ମହିଳାମାନଙ୍କ ଆକାଉଣ୍ଟକୁ ସିଧାସଳଖ ୫ ହଜାର ଟଙ୍କାର ପ୍ରଥମ କିସ୍ତି ଯାଇଥିଲା ।

## ଚାରିଦିନ...

ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ସମେତ ପଶ୍ଚିମ ଓ ଉପକୂଳରେ ରାତିର ତାପମାତ୍ରା ସ୍ୱାଭାବିକ ଠାରୁ କମ୍ ରହିବ । ଫଳରେ ପ୍ରବଳ ଥଣ୍ଡା ଅନୁଭୂତ ହେବ । ସ୍ଥାନେ ସ୍ଥାନେ ପାରଦ ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ଖସି ଯାଇପାରେ । ପଶ୍ଚିମାଝଡ ପ୍ରଭାବରେ ୧୮ ତାରିଖରୁ ତାପମାତ୍ରା ବୃଦ୍ଧି ସହ ଶୀତରେ ବ୍ରେକ ଲାଗିବ ।

ପାଣିପାଗ ବିଭାଗର ସୂଚନା ଅନୁସାରେ, ମଙ୍ଗଳବାର ଭୋରରୁ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲା ଓ ଫୁଲବାଣୀରେ ୭.୧ ଡିଗ୍ରୀ, ଝାରସୁଗୁଡାରେ ୭.୨ ଡିଗ୍ରୀ,ଦାରିଙ୍ଗବାଡିରେ ୮ ଡିଗ୍ରୀ, ସେମିଳିଗୁଡାରେ ୮.୧ ଡିଗ୍ରୀ, କିରେଇ ୮.୯ ଡିଗ୍ରୀ, ଅନୁଗୁଳରେ ୮.୮ ଡିଗ୍ରୀ, କେନ୍ଦୁଝରରେ ୯.୪ ଡିଗ୍ରୀ, ସୁନ୍ଦରଗଡରେ ୯.୬ ଡିଗ୍ରୀ, ଚିପିଲିମାରେ ୯,୫ ଡିଗ୍ରୀ,ଢେଙ୍କାନାଳ, ନବରଙ୍ଗପୁର ଓ ବୌଦ୍ଧରେ ୧୦ ଡିଗ୍ରୀ, ଭୁବନେଶ୍ୱରରେ ୧୨.୪ ଡିଗ୍ରୀ ଓ କଟକରେ ୧୧. ୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଲହରୀ ଲାଗି ସତର୍କତା ଜାରି କରାଯାଇଛି । ଆସନ୍ତାକାଲି ସୁନ୍ଦରଗଡ, ପୁରୀ, କେନ୍ଦ୍ରାପଡା, ଜଗତସିଂହପୁର ଓ କୋରାପୁଟର କେତେକ ସ୍ଥାନରେ ଘନ କୁହୁଡି ହୋଇପାରେ । ସେହିପରି କଟକ,ଜଗତସିଂପୁର, ଅନୁଗୁଳ, ଝାରସୁଗୁଡା ଓ ଖୋର୍ଦ୍ଧା ଜିଲ୍ଲାର କିଛି ସ୍ଥାନରେ ଶୀତ ଲହରୀ ପ୍ରବାହିତ ହେବ । ୧୫ ତାରିଖରେ କଟକ, ଜଗତସିଂହପୁର, ଅନୁଗୁଳ ଓ ଖୋର୍ଦ୍ଧା ଜିଲ୍ଲାର କେତେକ ସ୍ଥାନରେ ଶୀତ ଲହରୀ ଜାରି ରହିବ । ଏହା ସହିତ ବାଲେଶ୍ୱର ଓ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର ଏବଂ ସୁନ୍ଦରଗଡ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ହାଲକା କୁହୁଡି ପଡିବ ।

# ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ଅଝଦମପୁର ସ୍ଥିତ ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ର ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଆଜି ଉଦଯାପିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ରଥ କ୍ରୀଡା ପତାକାକୁ ଉଦଘାଟନ କରି କ୍ରୀଡା ଉତ୍ସବର ଆରମ୍ଭ କରିଥିଲେ। ଅତିଥି ଭାବେ ଏସ ଏମ ସି ସଭାପତି ବରଦା ପ୍ରସନ ନାୟକ ଯୋଗ ଦେଇଥିଲେ। ଦୁଇ ଦିନ ଧରି ଖେଳକୁ ଶିକ୍ଷୟିତ୍ରୀ କ୍ରିଷ୍ଣା ରାଣୀ ବେହେରା, ଲମ୍ବୋଦର ନାୟକ, ସୁନନ୍ଦା ସାହୁ, ରାଧାରାଣୀ ସେଠି, ସଞ୍ଜୟ କୁମାର ମଲିକ, ଅନୁପମା ବେହେରା, ପ୍ରଫୁଲ୍ଲ କୁମାର ଗୁରୁ, ଘନଶ୍ୟାମ ବାରିକ, ସୁପ୍ରଭା ନାୟକ, ଏମ, ଡି, କସୁର, କାଞ୍ଚନ ହୋତା ଯୋଗ ଦେଇ ଖେଳ ପରିଚାଳନା କରିଥିଲେ। ଜୁନିଅର ଚମ୍ପିୟାନ ବାଳକ ପ୍ରୀତେଶ ସେଠି, ବାଳିକା ସୋନାଲି ସେଠି, ଓ ସିନୀ ଅର ଚମ୍ପିୟାନ ସୁନନ୍ଦ ସାମଲ କୃତିତ୍ୱ ହାସଲ କରି ଥିଲେ ।


**OFFICE OF THE DISTRICT INFORMATION & PUBLIC RELATIONS OFFICER, KEONJHAR**

Tender Call No.: 55/ DIPRO, Keonjhar Date: 12.01.2026

F-106 **SHORT TENDER CALL NOTICE**

Sealed tenders are invited from eligible and registered firms for supply and installation of Audio-Visual (AV) Equipments for the Office of the District Information & Public Relations Officer, Keonjhar from from 10.00 am of 17.01.2026 to 05.30 PM of 31.01.2026.

Detailed tender documents containing eligibility criteria, terms & conditions and Financial Bid format can be downloaded from the Keonjhar District Website https://kendujhar.odisha.gov.in/. The authority reserves the right to accept or reject any or all tenders without assigning any reason thereof.

Sd/- District Information & Public Relations Officer, Keonjhar

**ପୌର ପରିଷଦ କାର୍ଯ୍ୟାଳୟ, ଭବାନୀପାଟଣା**
**OFFICE OF THE MUNICIPAL COUNCIL BHAWANIPATNA**

C-2077

At-Po- Bhawanipatna Dist. - Kalahandi, Pin-766001 Odisha, Phone No-(06670) 230424 Mail-eobptm@yahoo.com

Letter No. 108/BPM Dt. 13.01.2026

**CORRIGENDUM**

In continuation to the Quotation Call Notice No. 4154/BPM, dated 29.12.2025 and Corrigendum Letter No. 29, dated 06.01.2026, it is hereby informed to all concerned that the last date of submission of quotation/ tender papers, i.e., 11.01.2026, has already been closed. However, the opening of the quotation papers, which was earlier scheduled on 13.01.2026 at 11:30 AM, is hereby rescheduled due to unavoidable circumstances, as detailed below, and Other terms & conditions are remain unchanged.

| Description | As per Previous Published in Tender Paper | Now Changed |
|---|---|---|
| Opening of Quotation Paper | 13/01/2026, 11.30 AM | 20/01/2026, 11.30 AM |

Sd/- Executive Officer Bhawanipatna Municipality

**ODISHA HYDRO POWER CORPORATION LTD.,**
O/O Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT: SAMBALPUR (ODISHA)
PHONE: 0663-2950721 (O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-W-208/337 Date : 13.01.2026

CAD-2998 TENDER CALL NOTICE NO. HHEP-05/2026

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from reputed firm / supplier / authorized dealer for supply of following materials to HHEP,Burla as mentioned below

| Description of work | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply of consumables materials for Up-keeping and cleaning works of different areas under HHEP, Bural | Rs. 2360/- (Rs. 2000 + GST @ 18%) | 4210/- |

- Sale of tender paper:16.01.2026 (10.00AM) to 28.01.2026 upto 01.00PM
- Receipt of tender paper: 28.01.2026 upto 01.30PM
- Date & time of opening of tender: 28.01.2026 at 04.00PM
- Further details of tender documents, terms & conditions, corrigendum etc to the tender call notice, please visit our website www.ohpcltd.com

Sd/- C&P Head, HHEP, Burla

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ଖଣ୍ଡ, କୋରାପୁଟ**
**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION DIVISION, KORAPUT**

ମାଳିସାହି, ଏସ୍.ବି.ଆଇ. ବ୍ୟାଙ୍କର ପଛପାର୍ଶ୍ୱ କୋରାପୁଟ, ପିନ୍-୭୬୪୦୨୦
At- Malisahi, Back side of SBI bank, Koraput, Pin-764020
Email-eerwss_kpt@rediffmail.com

O-1948

Tender Identification No. 17/SE/RWSS/KPT/2025-26/05.01.2026

The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detaile in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1. | Nature of work | Power supply to PWS Point at Pardiguda inconnection with PWS to Pardiguda G.P. Odiapentha under Laxmipur Block JJM |
| 2. | Time period for completion | 2 (Two) Months. |
| 3. | Estimated Cost | 9.26 Lakhs |
| 4. | Total Nos of works | 1 nos. |
| 5. | Tender cost | Rs. 4,000.00 |
| 6. | Class of Contractor | HT, (Elect.) |
| 7. | Availability of Bid document in the website | Dt. 15.01.2026 at 17.00 hours to 27.01.2026 up to 17.00 hours |
| 8. | Date of Seeking clarification | During the Office hours of 15.01.2026 to 22.01.2026 |
| 9. | Date of Opening of Bid | Dt. 28.01.2026 at 11.00 AM |

Further details can be seen in the bidding documents which is available in the e-procurement portal https/www.tendersorissa.gov.in. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

Sd/- Addl. Chief Engineer, RWS&S, Division, Koraput

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, BANSPAL**
E-mail-eerwbansapal@gmail.com
**"e" Procurement Notice for Road Works**
**Identification No Road Online NCB - 08/2025-26.**

O-2005

1. Name of the Work : Road Works in the District of Keonjhar for the year 2025-26.
2. Total Number of Work : 11 Nos.
3. Estimated Cost : Rs. 12.71 Lakhs to 82.63 Lakhs (Approx.)
4. Class of Contractor : "B", "D" & "C", "C" & "B" Class
5. Period of Completion : As per annexure of e-Procurement Notice No. 08 of 2025-26.
6. Other Details : NA

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. | |
|---|---|---|---|---|---|---|
| | | From | To | | For Single Cover/ Doble Cover (Technical Bid) | For Double Cover (Financial Bid) |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Banspal | Road Online NCB No.08 | Dt.15.01.2026 at 11.00 A.M. | Dt.21.01.2026 up to 5.00 P.M. | Dt.20.01.2026 up to 5.00 P.M. | 22.01.2026 At 11.00 A.M. | Will be intimated later |

Further details can be seen from the Website www.tenderodisha.gov.in

Sd/- Superintending Engineer, R.W. Division, Banspal

ଭାରତ ସରକାର
କର୍ପୋରେଟ କାର୍ଯ୍ୟ ମନ୍ତ୍ରାଳୟ
ତ୍ୱରିତ କର୍ପୋରେଟ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ)
ଆଇଆଇସିଏ ବିଲ୍ଡିଂ, ୭ମ ମହଲା,
ପ୍ଲଟ ପି-୬,୭,୮, ସେକ୍ଟର-୫, ଆଇଏମଟି ମାନେସର, ଗୁରଗାଓଁ,
ହରିୟାଣା-୧୨୨୦୫୦
Email : roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE)
IICA building, 7th Floor,
Plot P-6,7,8, Sector-5, IMT Manesar,
Gurgoan, Haryana-122050
Email : roc.cpace@mca.gov.in

**ଫର୍ମ ନଂ. ଏସଟିକେ--୬**
**ସାର୍ବଜନୀନ ନୋଟିସ୍**
କମ୍ପାନୀ ଆଇନ, ୨୦୧୩ ର ଧାରା ୨୪୮ ର ଉପ-ଧାରା (୨) ଏବଂ ଉପ-ଧାରା (୪) ଏବଂ କମ୍ପାନୀଗୁଡିକର ନିୟମ ୭ (କମ୍ପାନୀଗୁଡିକର ପଞ୍ଜିକାରରୁ କମ୍ପାନୀଗୁଡିକର ନାମ ବାଦ ଦେବା) ନିୟମ, ୨୦୧୬ ର ନିୟମ ଅନୁଯାୟୀ

ସାର୍ବଜନୀନ ନୋଟିସ୍ : ROC/C-PACE/STK-୨/୨୪୮(୨)/୨୦୨୫-୨୬/୧୨୧୬ ତାରିଖ: -୦୬/୦୧/୨୦୨୬

**ସନ୍ଦର୍ଭ:**
କମ୍ପାନୀ ଆଇନ,୨୦୧୩ ର ଧାରା ୨୪୮ ଅନୁଯାୟୀ ଓଡିଶା ରାଜ୍ୟରେ (୧) କମ୍ପାନୀର ନାମ ବାଦ ଦେବା କିମ୍ବା କାଟି ଦେବା ବିଷୟରେ :

| କ୍ର.ନଂ. | କାର୍ଯ୍ୟ ସାମଗ୍ରୀ | ସିଆଇଏନ | କମ୍ପାନୀ ନାମ |
|---|---|---|---|
| 1 | AC0914195 | U66110OD2024PTC044802 | RITBIK FINTECH SERVICES PRIVATE LIMITED |

୨. ଏତଦ୍ୱାରା ସୂଚନା ଦିଆଯାଉଛି ଯେ କମ୍ପାନୀଗୁଡିକର ପଞ୍ଜିକା ଉପରୋକ୍ତ କମ୍ପାନୀଗୁଡିକ ଠାରୁ ଆବେଦନ ଗ୍ରହଣ କରିଥିଲେ କମ୍ପାନୀ ଆଇନ, ୨୦୧୩ ର ଧାରା ୨୪୮ (୨) ଅନୁଯାୟୀ କମ୍ପାନୀଗୁଡିକର ପଞ୍ଜିକାରୁ ସେମାନଙ୍କର ନାମ (ଗୁଡିକ) ବାଦ ଦେବା ପାଇଁ ଏହି ଆଧାରରେ ଯେ ସେମାନେ ସେମାନଙ୍କର ପ୍ରତିଷ୍ଠାର ଗୋଟିଏ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଏହି ଆଧାରରେ ଯେ କମ୍ପାନୀ (ଗୁଡିକ) ପୂର୍ବ ଦୁଇ ଆର୍ଥିକ ବର୍ଷ ପାଇଁ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ କରୁନାହିଁ/ କରୁନାହାନ୍ତି ଏବଂ କମ୍ପାନୀ ଆଇନ, ୨୦୧୩ ର ଧାରା ୪୫୫ ଅନୁଯାୟୀ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ପାଇବା ପାଇଁ ଏପରି ସମୟ ମଧ୍ୟରେ କୌଣସି ଆବେଦନ (ଗୁଡିକ) କରିନାହିଁ/ କରିନାହାନ୍ତି କିମ୍ବା କମ୍ପାନୀ (ଗୁଡିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ପାଇଛନ୍ତି/ସ୍ମାରକପତ୍ରରେ ସବସ୍କ୍ରିପସନ ଦେଇନାହାନ୍ତି ଯାହା ସେମାନେ ଏକ କମ୍ପାନୀର ପ୍ରତିଷ୍ଠା ସମୟରେ ଦେବାକୁ ପ୍ରତିବଦ୍ଧ ହୋଇଥିଲେ ଏବଂ ଏହି ପ୍ରଭାବ ପାଇଁ ଏକ ଘୋଷଣା ଧାରା ୧୦ଏ ର ଉପଧାରା (୧) ଅନୁଯାୟୀ ଏହାର ଅନ୍ତର୍ଭୁକ୍ତ ହେବାର ଏକ ଶହ ଅଶୀ ଦିନ ମଧ୍ୟରେ ଦାଖଲ କରାଯାଇନାହିଁ/ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ କରୁନାହିଁ, ଯେପରି ଧାରା ୧୨ ର ଉପଧାରା (୯) ଅନୁଯାୟୀ କରାଯାଇଥିବା ଭୌତିକ ଯାଞ୍ଚ ପରେ ପ୍ରକାଶିତ ହୋଇଛି, କିନ୍ତୁ ଏହା/ସେମାନେ ଚାହୁଁନାହାନ୍ତି ଯେ କମ୍ପାନୀ ଭାବରେ ଏହାର/ସେମାନଙ୍କର ପଞ୍ଜୀକରଣ ଜାରି ରଖିବା ଏବଂ ତେଣୁ, କମ୍ପାନୀ ପଞ୍ଜୀକରଣରୁ ଏହାର/ସେମାନଙ୍କର ନାମ ବାଦ ଦେବା/କାଟି ଦେବା ପାଇଁ ଅନୁରୋଧ କରାଯାଇଛି ।
୩. ତଦନୁସାରେ, କମ୍ପାନୀ ରେଜିଷ୍ଟ୍ରାର କମ୍ପାନୀ ପଞ୍ଜୀକାରରୁ ଉପରୋକ୍ତ କମ୍ପାନୀଗୁଡିକର ନାମ ବାଦ ଦେବା କିମ୍ବା କାଟି ଦେବା ପାଇଁ ପ୍ରସ୍ତାବ ଦେଉଛନ୍ତି ।
୪. କମ୍ପାନୀ ପଞ୍ଜିକାରରୁ ପ୍ରସ୍ତାବିତ କମ୍ପାନୀଗୁଡିକର ନାମ ବାଦ ଦେବା କିମ୍ବା କାଟି ଦେବା ଉପରେ ଆପତ୍ତି କରୁଥିବା ଯେକୌଣସି ବ୍ୟକ୍ତି ଏହି ସୂଚନା ପ୍ରକାଶନ ତାରିଖରୁ ତିରିଶ ଦିନ ମଧ୍ୟରେ ଉପରେ ଉଲ୍ଲେଖ କରାଯାଇଥିବା କାର୍ଯ୍ୟାଳୟ ଠିକଣାରେ ତାଙ୍କର ଆପତ୍ତି ପଠାଇପାରିବେ ।

ଭରକାନ୍ ତିର୍କି
ଡେପୁଟି ରେଜିଷ୍ଟ୍ରାର
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0596/2526

**LOST**

I, Mr Jipuneswar Jena(27) (Borrower), S/o- Jambeswar Jena and Mrs Usharani Jena(53) (Co-Borrower),W/o-Jambeswar Jena of At- Kadalibasta, P.o.- Champatipur, Ps-Itamati,Dist-Nayagarh State that my Original R.S.D., No-466/2003/1, Date-10.02.03 bearing Khata-1321/1656,Plot No-545/4907 Area-0.05Dec, Mouza- Itamati, Tahasil-Nayagarh has lost same where elase on the way from my Village to Itamati on-10-11-2025 about 11AM any benevolent got the missing doucments Kindly Contact No-8658823533.

This Affidavit has been Published to avail an Housing Loan From SBI,Itamati(64922) in order to Create mortgage over the FIR has been Ladged on-16-11-2025 at Itamati PS regarding the lost event.

**AFFIDAVIT**

I, **Jyoti Agarwalla**, W/o: Ajay Kumar Agrawalla, Siddhivinayak Enclave, C Block, Flat No.107, Lakshmi Sagar, Cuttack Road, Bhubaneswar (M.C.), PO- Budheswari Colony, District: Khorda, State: Odisha, PIN-751006, declare by this affidavit No. C.F No-39, Dtd-12.01.2026, that now onwards I shall be known as **Jyoti Agrawalla** for all future purposes.

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/2025-26/ E-procurement Tender Notice/16, ତା.09.01.2026ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି ।

କ୍ରମ ସଂ. 01 : ଟେଣ୍ଡର ସଂ. 81256043C, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ମେସର୍ସ SCHUNK କାର୍ବନ ଟେକ୍ନୋଲୋଜି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ମୋଡେଲ-WBL 22.03 କିମ୍ବା ଅନୁରୂପର 3-ଫେଜ୍ MEMU ନିମନ୍ତେ ନ୍ୟୁମେଟିକ୍ (Pneumatic) କଣ୍ଟ୍ରୋଲ ୟୁନିଟ ସହିତ କମ୍ପ୍ଲିଟ୍ ପାଣ୍ଟୋଗ୍ରାଫ ଆସେମ୍ବ୍ଲି ଏବଂ ବେସ୍ ଇନ୍ସୁଲେଟର ସହିତ ଭାଲ୍ଭ ପ୍ଲେଟ ଆସେମ୍ବ୍ଲି, ପରିମାଣ : 10 ସଂଖ୍ୟକ ।

କ୍ରମ ସଂ. 02 : ଟେଣ୍ଡର ସଂ. 81265016, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : LHB କୋଚ୍‌ଗୁଡ଼ିକ ନିମନ୍ତେ କମ୍ପ୍ରିହେନ୍ସିଭ ଭାଲ୍ଭ, ପରିମାଣ : 22 ସଂଖ୍ୟକ ।

କ୍ରମ ସଂ. 03 : ଟେଣ୍ଡର ସଂ. 81256542B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସିଙ୍ଗଲ ଲିଫ୍ ଅଟୋମେଟିକ ସ୍ଲାଇଡିଙ୍ଗ ମେନ୍ ଏଣ୍ଟ୍ରାନ୍ସ ପ୍ଲଗ ଡୋର ର ଯୋଗାଣ, ପରିମାଣ : 04 ସେଟ୍ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 02.02.2026, 1500 ଘଣ୍ଟାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-1009/Q/25-26

E-Mail I.D.-eerbjspr@gmail.com

**OFFICE OF THE SUPERINTENDING ENGINEER**
**JAGATSINGHPUR (R&B) DIVISION, JAGATSINGHPUR**
**GOVERNMENT OF ODISHA**

B-961

**('e' PROCUREMENT NOTICE)**
**Bid Identification No. S.E. ,JSPR (R&B)-13 of 2025-26**
**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Double cover system in ONLINE MODE from eligible contractor for Building works as mentioned below.
2. No. of Work : 01 No.
3. Nature of work : Civil .E.I & P.H
4. Class of Contractor : "B" Class
5. Tender Paper Cost : Rs. 10,000.00/- (Online)
6. Available of bid documents in the website : From 15/1/2026 to 5.00 PM of 29/1/2026
7. Date of Opening of Bid : 11.00 AM of 30/1/2026

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd/- (Er Sarbendu Sutar) Superintending Engineer, Jagatsinghpur (R&B) Division

**Government of Odisha**
E-mail ID: eerbkbj@rediffmail.com
**OFFICE OF THE SUPERINTENDING ENGINEER**
**KANTABANJI (R&B) DIVISION**

B-965

**Bid Identification No,14 / KBJ / 2025-26**

The **Superintending Engineer, Kantabanji (R&B) Division** on behalf of Governor of Odisha invites **Percentage** Rate bid for Road work detailed in the table below in **Single & Double Cover** system **ONLINE MODE** from the Class of Contractors mentioned in **Column-7** registered with the State Government and contractors of equivalent Grade / Class registered with Central Government / MES / Railways for execution of Civil works. The proof of registration from the appropriate authority shall be enclosed along with the bid.

1) No. of work : 02 Nos.
2) Nature of work : Road work
3) Class of contractor : "B" Class
4) Approximate value of work : Rs.34.36 Lakh & Rs.53.47 Lakh
5) Tender cost : Rs.6,000.00 & Rs.10,000.00
6) Date and time of vailability of Bid documents in online : From Dt. 15.01.2026 at 11:00 A.M. to Dt.21.01.2026 up to 05:00 P.M.
7) Date of Opening : Dt. 22.01.2026 at 11:30 A.M.
8) Other details can be seen in the bidding documents from the e-procurement portal "www.tendersodisha.gov.in"
9) The bidders have to participate in ONLINE bidding only. Further details can be seen from the website: www.tendersodisha.gov.in. All future corrigendum will be available on ONLINE MODE only.

Sd/- Superintending Engineer Kantabanji (R&B) Division

**OFFICE OF THE CCSO-cum-DISTRICT MANAGER, ODISHA STATE CIVIL SUPPLIES CORPORATION LIMITED, KORAPUT, JEYPORE**

No. 105-1 // Dated. 12.01.2026

CAD-3013 **Quotation/Tender Call Notice**

Sealed Quotation/Tenders are invited from the interested Travel Agencies/Tour Operators or Private Individuals for providing One (1) no. of BS-VI emission compliant vehicle having sitting capacity not more than Five (5) including driver for Office use and One (1) no. of BS-VI emission compliant vehicle having sitting capacity not more than Seven (7) including driver, which shall conform to the terms and conditions at Annexure-A for Supervision of Paddy Procurement use for the KMS-2025-26 for the Official use at the Office of CCSO-cum-District Manager, OSCSC Limited, Jeypore, Koraput on monthly rent basis. The application form of Quotation/Tender containing General bid Information & Terms and Conditions for hiring of vehicles etc. will be available in the Office of CCSO-cum-District Manager, OSCSC Ltd., Jeypore, Koraput from 15.01.2026 to 21.01.2026 till 11.00 AM during Office Hours (Except Govt. Holidays) .The Quotation completed in all respect should reach the undersigned on or before 21.01.2026 by 4.00 PM and shall be opened on 22.01.2026 at 11.30 AM in presence of the District Level Tender Committee members and bidders or their authorized representatives in the Office Chamber of ADM (General), Koraput.

The interested bidders who have valid GST registration shall submit their tenders in a sealed envelope duly super-scribing on the top of envelope i.e. "Tender for Hiring vehicles for Office Use" or "Tender for Hiring of vehicle for Supervision of Paddy Procurement use" along with Tender No. and date.

Sd/- CSO-cum-District Manager OSCSC Ltd., Jeypore (K)



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ 'ନିଶାମୁକ୍ତ କ୍ୟାମ୍ପସ ଅଭିଯାନ'ର ଶୁଭାରମ୍ଭ

# ଅଭିଯାନକୁ ସଫଳ କରିବା ପାଇଁ ନେବା ଦୃଢ଼ ସଂକଳ୍ପ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ) : ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ 'ନିଶାମୁକ୍ତ କ୍ୟାମ୍ପସ ଅଭିଯାନ' ଶୁଭାରମ୍ଭ ହୋଇଯାଇଛି । ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହା କେବଳ ଏକ ଅଭିଯାନ ନୁହେଁ, ବରଂ ଆମର ଯୁବଶକ୍ତି, ସମାଜ ଏବଂ ରାଷ୍ଟ୍ର ପ୍ରତି ଏକ ଦୃଢ଼ ସଂକଳ୍ପ । ଦିଲ୍ଲୀ ବିଶ୍ୱବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ଏହା ନୂତନ ଚିନ୍ତାଧାରା ଏବଂ ମୂଲ୍ୟବୋଧ ସୃଷ୍ଟିର ଏକ ସଶକ୍ତ କେନ୍ଦ୍ର । ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶା ସେବନ ଭଳି ଏକ ଗମ୍ଭୀର ଚ୍ୟାଲେଞ୍ଜର ସମାଧାନ ପାଇଁ ନିଆଯାଇଥିବା ଏହି ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ । ଏହି ଅଭିଯାନ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଏକ ଅତ୍ୟନ୍ତ ଗମ୍ଭୀର ଏବଂ ଯୁବ-କୈନ୍ଦ୍ରିକ ଆହ୍ୱାନର ସମାଧାନ ଦିଗରେ ଏକ ସଫଳ ପଦକ୍ଷେପ ଗ୍ରହଣ କରିଛି । ଏଭଳି ପରିପ୍ରେକ୍ଷୀରେ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏହି ଅଭିଯାନ ନିଶା ବିରୋଧରେ ଚାଲିଥିବା ଦେଶବ୍ୟାପୀ ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ଉଭା ହେବ ।



ଶ୍ରୀ ପ୍ରଧାନ କହିଛନ୍ତି, ନିଶା କେବଳ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁହେଁ, ବରଂ ଏହା ଦେଶର ଭବିଷ୍ୟତ ତଥା ଦକ୍ଷ ନାଗରିକ ଗଠନ ପଥରେ ଏକ ବଡ଼ ବିପଦ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ'ର ସ୍ୱପ୍ନ ସେତେବେଳେ ସଫଳ ହେବ, ଯେତେବେଳେ ଆମର ଯୁବପିଢ଼ି ସୁସ୍ଥ, ସଚେତନ, ଆତ୍ମନିର୍ଭର ହେବା ସହ ସମାଜରେ ସକରାତ୍ମକ ପରିବର୍ତ୍ତନ ପାଇଁ ଉଦ୍ଦେଶ୍ୟ ରଖିବେ । 'ବିକଶିତ ଭାରତ'ର ମାର୍ଗ 'ନିଶାମୁକ୍ତ ଯୁବଶକ୍ତି' ଦେଇ ହିଁ ଗତି କରିଥାଏ । ଏହି ଦୂରଦର୍ଶୀ ଏବଂ ପ୍ରେରଣାଦାୟୀ ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ଶୁଭେଚ୍ଛା ଜଣାଇବା ସହ ଏହି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରି ଏହାକୁ ଏକ 'ଜନ-ଆନ୍ଦୋଳନ'ରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି । ନିଶାମୁକ୍ତ, ସୁସ୍ଥ ତଥା ସଶକ୍ତ ଭାରତ ନିର୍ମାଣରେ ନିଜର ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ଉପରାଷ୍ଟ୍ରପତି 'ନିଶାମୁକ୍ତ ପରିସର ଅଭିଯାନ' ଅଧୀନରେ ଏକ ସ୍ୱତନ୍ତ୍ର ଇ-ଶପଥ ପ୍ଲାଟଫର୍ମ (https://pledge.du.ac.in/home) ଏବଂ ମୋବାଇଲ୍ ଆପ୍ଲିକେସନର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏଥିସହ ସେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଏବଂ ନିଶାମୁକ୍ତ କ୍ୟାମ୍ପସ ପାଇଁ ଶପଥ ନେବାକୁ ଆହ୍ୱାନ କରିଛନ୍ତି । ଏହି 'ନିଶାମୁକ୍ତ କ୍ୟାମ୍ପସ ଅଭିଯାନ' ଯେପରି ସମସ୍ତ କେନ୍ଦ୍ରୀୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବ, ତାହା ନିଶ୍ଚିତ କରିବାକୁ ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପରାମର୍ଶ ଦେଇଛନ୍ତି ।

## ଶକ୍ତି ବିଭାଗ, ଟିପିସିଓଡିଏଲ୍‌କୁ ହାଇକୋର୍ଟ ମାଗିଲେ ଜବାବ

କଟକ,(ସବ୍ୟୁ): ଅତିରିକ୍ତ ବିଦ୍ୟୁତ୍ ସୁରକ୍ଷା ରାଶିକୁ ବିରୋଧ କରି ରୁଜୁ ମାମଲାରେ ହାଇକୋର୍ଟ ଆଜି ରାଜ୍ୟ ଶକ୍ତି ବିଭାଗ ସଚିବ, ଟାଟା ପାଓ୍ୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ), ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) କୁ ଜବାବ ମାଗିବା ସହ ନୋଟିସ ଜାରି କରିଛନ୍ତି । ଆସନ୍ତା ଫେବ୍ରୁଆରୀ ୧୭କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି । ଭଏସ୍ ଅଫ କଟକର ସଭାପତି ସିଦ୍ଧାର୍ଥ ମହାନ୍ତିଙ୍କ ପକ୍ଷରୁ ରୁଜୁ ମାମଲାର ଆଜି ପ୍ରାଥମିକ ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ଆବେଦନକାରୀ ଦର୍ଶାଯାଇଥିଲେ ଯେ, ଅତିରିକ୍ତ ବିଦ୍ୟୁତ୍ ସୁରକ୍ଷା ରାଶି ଲାଗୁ କ୍ଷେତ୍ରରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଆଇନ ଏବଂ ଓଡ଼ିଶା ବିଦ୍ୟୁତ୍ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ହୋଇଛି ।



କେନ୍ଦ୍ରାପଡା କଲେଜର ୧୯୮୦-୮୪ ବ୍ୟାଚ୍‌ର 'ସ୍ମୃତି ଓ ସମ୍ପର୍କ' ବନ୍ଧୁମିଳନ ଜାତୀୟ ରାଜପଥର ଗୋପଛକ, କମଳ ଭବନରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରେ ରହୁଥିବା ଶତାଧିକ ପୁରାତନ ଛାତ୍ରଛାତ୍ରୀ ଏଥିରେ ଯୋଗଦେଇଥିଲେ ।

# ପାଣ୍ଡରା, ପଥରଗାଡ଼ିଆରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର(ସବ୍ୟୁ): ପାଣ୍ଡରା ମୌଜାରେ ସରକାରୀ ପ୍ଲଟ-୪୦୪୬ ଏବଂ ୩୮୫୯ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ କରାଯାଇଛି । ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍-୧, ୨, ୩, ୫ ଓ ୬ ଟିମ ଏହି ଉଚ୍ଛେଦେ ସାମିଲ ହୋଇଥିଲା । ଉଚ୍ଛେଦ ସମୟରେ ୧୪ ଟି ଆଜବେଷ୍ଟସ ଘର, ୨ଟି ଦୋକାନ, ୨ଟି ବାଉଁଶ ଓ ପଲିଥିନ୍ ନିର୍ମିତ ସେଡ୍ ଭାଙ୍ଗି ଦିଆଯାଇଥିଲା । ପ୍ରାୟ ୩୦୦ ଡିସିମିଲ ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଥିଲା । ପ୍ଲଟ ନଂ ୩୮୫୯ରୁ ୨୦୦ ଡିସିମିଲ ଏବଂ ପ୍ଲଟ ନଂ-୪୦୪୬ରୁ ୧୦୦ ଡିସିମିଲ ଜମିରୁ ଉଚ୍ଛେଦ କରାଯାଇଥିଲା ।



ଏହା ସହିତ ବିଡିଏ ଉଚ୍ଛେଦକାରୀ ଦଳ ପଥରଗାଡିଆରେ ପାଣି ପାଇପ୍ ଲାଇନ୍ ବିଛାଇବା ଲାଗି ଜବରଦଖଲ ଉଚ୍ଛଦ କରାଯାଇଥିଲା । ବିଡିଏର ଏନଫୋର୍ସମେଣ୍ଟ ଅଫିସର, ବିଡିଏର ଲିଆସନ ଅଫିସର, ୱାଟକୋ ଏସ୍‌ଡିଓ, ଇନଫୋସିଟି ପୋଲିସ ଏବଂ ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ -୩, ୫, ୬ ଏବଂ ୭ ଉପସ୍ଥିତିରେ ଉଚ୍ଛେଦ ହୋଇଥିଲା । ଉଚ୍ଛେଦରେ ମୋଟ ୩୫ ଟି ଅନଧିକୃତ ନିର୍ମାଣ ଭାଙ୍ଗି ଦିଆଯାଇଥିଲା । ଏଥିରେ ୩ଟି ହୋଟେଲ, ୧୫ଟି କ୍ୟାବିନ୍, ଗୋଟିଏ କବାଡିଆ ଦୋକାନ, ୨ଟି ଗ୍ୟାରେଜ, ୧୦ ଟିଫିନ୍ ଷ୍ଟଲ୍ ଏବଂ ୪ଟି ଦୋକାନ ମାଟିରେ ମିଶିଥିଲା । ପ୍ରାୟ ୨୦୦ ଡିସିମିଲ ରାସ୍ତା ପାଶ୍ୱର୍ ସରକାରୀ ଜମି ଜବରଦଖଲମୁକ୍ତ ହୋଇଥିଲା ।

## ଓଡ଼ିଆ ଛାତ୍ରୀ ଦୀକ୍ଷା ମହାପାତ୍ରଙ୍କ କୃତିତ୍ୱ

ଭୁବନେଶ୍ୱର (ସବ୍ୟୁ): ରାଜସ୍ଥାନର ଜୟପୁରରେ ଓଡ଼ିଆ ଛାତ୍ରୀ କୁମାରୀ ଦୀକ୍ଷା ମହାପାତ୍ର ଜୁନିୟର ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ପ୍ରଥମ ହୋଇ ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ଉପାଧି ହାସଲ କରିଛନ୍ତି। ଉଲ୍ଲେଖନୀୟ ଯେ, ୧୩ରୁ ୧୪ବର୍ଷ ବୟସ ମଧ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଗତ ୬ରୁ ୮ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁର ଠାରେ ଅନୁଷ୍ଠିତ ହୋଇଥିଲା। କୁମାରୀ ଦୀକ୍ଷା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ସେ ଭୁବନେଶ୍ୱର ଲୟଲା ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ ପୂର୍ବତନ ପ୍ରଶାସନିକ ଅଧିକାରୀ ଶ୍ରୀ ବାସବ ମହାପାତ୍ର ଓ ବିଶିଷ୍ଟ ସାହିତ୍ୟିକା ଡ. ମନୋରମା ମହାପାତ୍ର ବିଶ୍ୱାଳଙ୍କ ସେ ନାତୁଣି। ଚୂଡାନ୍ତ ପ୍ରତିଯୋଗିତାରେ ଦେଶରୁ ୧୮୦ ଜଣ ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ।



# କେୟାର ହସ୍ପିଟାଲ୍ସରେ ଜରୁରୀକାଳୀନ ବିରଳ ହୃଦ୍ ଅସ୍ତ୍ରୋପଚାର

ଭୁବନେଶ୍ୱର, (ସବ୍ୟୁ) : ଏକ ଉଲ୍ଲେଖନୀୟ ଚିକିତ୍ସା ସଫଳତାରେ, କେୟାର ହସ୍ପିଟାଲ୍ସ , ଭୁବନେଶ୍ୱରର ଡାକ୍ତରମାନେ ଜଣେ ୨୫ ବର୍ଷୀୟ ଯୁବ ରୋଗୀଙ୍କ ଜୀବନ ବଞ୍ଚାଇଲେ ଯାହାଙ୍କୁ ଏକ ବିରଳ ଏବଂ ଜୀବନ ପ୍ରତି ବିପଦପୂର୍ଣ୍ଣ ହୃଦ୍ ରୋଗ ଚିହ୍ନଟ କରାଯାଇଥିଲା ରୋଗୀଙ୍କୁ ହଠାତ୍ ଏବଂ ଗଭୀର ଛାତି ଯନ୍ତ୍ରଣା ସହିତ ଜରୁରୀକାଳୀନ ବିଭାଗରେ ଭର୍ତ୍ତି କରାଯାଇଥିଲା। ରୋଗୀ ଅବସ୍ଥାର ଗମ୍ଭୀରତାକୁ ଚିହ୍ନି, ଜରୁରୀକାଳୀନ ଡାକ୍ତରୀ ଦଳ ଶୀଘ୍ର କାର୍ଯ୍ୟ କଲେ ଏବଂ ଉନ୍ନତ ରୋଗ ନିର୍ଣ୍ଣୟ ପରୀକ୍ଷା ଆରମ୍ଭ କଲେ। ତଦନ୍ତରୁ ନିଶ୍ଚିତ ହୋଇଛି ଯେ ଆଓର୍ଟିକ ଡିସେକ୍ସନ, ଏକ ଜଟିଳ ଅବସ୍ଥା ଯାହା ମହାଧମନୀରେ ଛିଣ୍ଡିଯାଏ - ମୁଖ୍ୟ ରକ୍ତବାହୀ ଯାହା ହୃଦୟରୁ ଶରୀରର ଅନ୍ୟାନ୍ୟ ଅଂଶକୁ ରକ୍ତ ବହନ କରେ। ଏହି ଅବସ୍ଥାକୁ ଏକ ଜରୁରୀକାଳୀନ ଭାବରେ ବିବେଚନା କରାଯାଏ ଏବଂ ତୁରନ୍ତ ଶଲ୍ୟଚିକିତ୍ସା ହସ୍ତକ୍ଷେପ ଆବଶ୍ୟକ ପଡିଥାଏ । ରୋଗୀଙ୍କୁ ଜରୁରୀକାଳୀନ ଓପନ୍-ହାର୍ଟ ସର୍ଜରୀ ପାଇଁ ନିଆଯାଇଥିଲା, ଯାହା ଡାକ୍ତର ଶୁଭକାନ୍ତ ବିଶ୍ୱାଲ, ବରିଷ୍ଠ ପରାମର୍ଶଦାତା - ସିଟିଭିଏସ୍‌ଙ୍କ ନେତୃତ୍ୱରେ ଏକ ଉଚ୍ଚ ଦକ୍ଷ କାର୍ଡିଓଥୋରାସିକ୍ ଏବଂ ଭାସ୍କୁଲାର ସର୍ଜରୀ (ସିଟିଭିଏସ୍), ଡାକ୍ତର ସୋମେନ, ପରାମର୍ଶଦାତା - ସିଟିଭିଏସ୍ ଏବଂ ସିଟିଭିଏସ୍ ନର୍ସିଂ ଷ୍ଟାଫଙ୍କ ଏକ ଉତ୍ସର୍ଗୀକୃତ ଦଳଙ୍କ ସହାୟତାରେ ସଫଳତାର ସହ ସମ୍ପାଦିତ ହୋଇଥିଲା। ଡାକ୍ତର ମନୋରଞ୍ଜନ ପାଢି ଏବଂ ଡାକ୍ତର ଧର୍ମଜୀବନଙ୍କ ନେତୃତ୍ୱରେ କାର୍ଡିଆକ୍ ଆନାସ୍ଥେସିଆ ଦଳ ଦ୍ୱାରା ଅସ୍ତ୍ରୋପଚାରକୁ ଦକ୍ଷତାର ସହିତ ପରିଚାଳିତ କରାଯାଇଥିଲା, ଯାହା ଏକ ସୁଗମ ଏବଂ ସୁରକ୍ଷିତ ପ୍ରକ୍ରିୟା ସୁନିଶ୍ଚିତ କରିଥିଲା।

# ହାଇଟେକରେ ଜାତୀୟ ଦନ୍ତ ଚିକିତ୍ସା ସମ୍ମିଳନୀ



ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ଡେଣ୍ଟାଲ କଲେଜ ଓ ହସ୍ପିଟାଲ ପ୍ରେକ୍ଷାଳୟରେ ଜାତୀୟ ସମନ୍ୱିତ ଅର୍ଥୋଡୋକ୍ ଦକ୍ଷତା କର୍ମଶାଳାର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସାରା ଭାରତରୁ ସୁଦକ୍ଷ ଦନ୍ତ ଚିକିତ୍ସକମାନେ ଯୋଗଦେଇ ଦନ୍ତ ଚିକିତ୍ସା ପ୍ରଣାଳୀର ବୈଜ୍ଞାନିକ ପଦ୍ଧତି ଉପରେ ବିଶେଷାତ୍ମକ ଗବେଷଣାର ସନ୍ଦର୍ଭ ପାଠ କରିଥିଲେ । ଦାନ୍ତ କେବଳର ମୁହଁର ଶୋଭା ବର୍ଜନ କରି ନଥାଏ, ଖାଦ୍ୟ ହଜମରେ ମଧ୍ୟ ସହାୟକ ହୋଇଥାଏ । ବର୍ତ୍ତମାନ ଦାନ୍ତ ଏବଂ ମାଢିରେ ଦେଖା ଦେଉଥିବା ଅନେକ ପ୍ରକାର ରୋଗକୁ ଅଣଦେଖା କରି ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେବେ ଅଙ୍କାବଙ୍କା ଦାନ୍ତ, ଦାନ୍ତର ଆକାର ଅନୁସାରେ ମାଢି ଛୋଟ ଥିଲେ ଆଧୁନିକ ଚିକିତ୍ସା ପଦ୍ଧତିରେ ଏଭଳି ସମସ୍ୟାର ସମାଧାନ କରାଯାଇପାରୁଛି ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ । ଏଥିରେ ଅତିଥି ଭାବେ ହାଇଟେକ୍ ଡେଣ୍ଟାଲ କଲେଜ ଓ ହସ୍ପିଟାଲର କାର୍ଯ୍ୟକାରୀ ଅଧ୍ୟକ୍ଷା ଇଂ ମଧୁସ୍ମିତା ପାଣିଗ୍ରାହୀ, ହାଇଟେକ୍ ଗ୍ରୁପ୍ ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ, ଆଇଓଏସ୍ ସଭାପତି ପ୍ରଫେସର୍ ଡ. ଶ୍ରୀଦେବୀ ପଦ୍ମନାଭନ, ଓଡିଶା ରାଜ୍ୟ ଡେଣ୍ଟାଲ କାଉନ୍‌ସିଲ ସଭାପତି ପ୍ରଫେସର୍ ଡ. ଆଶିଷ୍ କୁମାର ବାରିକ୍, ଆୟୋଜକ ଅଧ୍ୟକ୍ଷ ପ୍ରଫେସର୍ ଡ. ସୁବାଷ ଚନ୍ଦ୍ର ନାୟକ, ସଙ୍ଗଠନ ସଚିବ ପ୍ରଫେସର୍ ଡ. ଆନନ୍ଦ ଗରାବଡୁ ଯୋଗଦାନ କରିଥିଲେ ।

## ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ଜିଲ୍ଲାପାଳଙ୍କୁ ଭେଟିଲେ ୱାର୍ଡ ସଭ୍ୟା

ଖୋର୍ଦ୍ଧା, (ସବ୍ୟୁ): ପୌର ପରିଷଦ ଅନ୍ତର୍ଗତ ୧୮ ନଂ ୱାର୍ଡ ପୌରସଭ୍ୟା ବିଦୁଲତା ସାହୁ ୱାର୍ଡ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ଜିଲ୍ଲାପାଳ ଆମ୍ରିତ ଋତୁରାଜଙ୍କୁ ଜିଲ୍ଲାପାଳ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟି ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳଙ୍କୁ ଇଂରାଜୀ ନୂତନ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି । ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଧବଳେଶ୍ୱର ପୀଠ ଏହି ୧୮ ନଂ ୱାର୍ଡରେ ଅବସ୍ଥିତ ।ଏଠାକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଆସିଥାନ୍ତି ।ଜନ ସମାଗମ ଏବଂ ଯାତାୟତ ଦୃଷ୍ଟିରୁ ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡ ମଧ୍ୟରେ ଏହି ୱାଡଟି ଗୁରୁତ୍ୱ ବହନ କରିଥାଏ। ଏହି ୱାର୍ଡ ଅନ୍ତର୍ଗତ ମାଳିସାହି ଛକ ଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ସହିତ ଏହାକୁ ସଂଲଗ୍ନ କରୁଥିବା ବିଭିନ୍ନ ଗଳି ରାସ୍ତାର ଉନ୍ନତି କରଣ ନିମନ୍ତେ ପୌର ସଭ୍ୟା ଶ୍ରୀମତୀ ସାହୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବର୍ତମାନ ନିର୍ମାଣ ଥିବା ନୂତନ ରାଜପଥ ଏହି ୱାର୍ଡ ମଧ୍ୟରେ ଏବଂ ସୀମାର ଅତି ନିକଟବର୍ତୀରେ ଅବସ୍ଥିତ। ତେଣୁ ୧୮ ନଂ ୱାର୍ଡ ଅନ୍ତର୍ଗତ ଦ୍ୱାରିକା ନଗର ଆଦି ବିଭିନ୍ନ ସ୍ଥାନରେ ଏକର ଏକର ସରକାରୀ ଜମି ଜବରଦଖଲ କରି ଖୁଲମ ଖୋଲା ଭାବେ ବିକ୍ରି କରାଯାଉଛି। ୱାର୍ଡକୁ ଜବର ଦଖଲ ମୁକ୍ତ କରିବା ସହିତ ଜବର ଦଖଲ କଲେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ପୌର ସଭ୍ୟା ଶ୍ରୀମତୀ ସାହୁ ମଧ୍ୟ କରିଛନ୍ତି। ଅତି ଗୁରୁତର ସହିତ ସମସ୍ତ ଅଭିଯୋଗ ଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ସହିତ ଖୁବ ଶୀଘ୍ର ଏହା ଉପରେ ବିଭାଗୀୟ ଅଧିକାରୀ ମାନଙ୍କୁ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତି ଶ୍ରୁତି ଜିଲ୍ଲାପାଳ ଶ୍ରୀ ଋତୁରାଜ ଦେଇଥିବାର ପୌର ସଭ୍ୟା ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି ।ସାକ୍ଷାତ ଆଲୋଚନା ସମୟରେ ସଭ୍ୟାଙ୍କ ପ୍ରତିନିଧି ବଦ୍ରି ନାରାୟଣ ସାହୁ ଉପସ୍ଥିତ ଥିଲେ।

# ଏଫ୍‌ଏଫ୍‌ସିର ନୂତନ କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର, (ସବ୍ୟୁ) : ୱାକର୍‌ସ ଇଣ୍ଟରନ୍ୟାସନାଲ ଦ୍ୱାରା ଅନୁବନ୍ଧିତ ପ୍ରାତଃ ଭ୍ରମଣକାରୀ ସଙ୍ଗଠନ "ଫନ ଆଣ୍ଡ ଫିଟନେସ୍ ୱାକର୍‌ସ କ୍ଲବ, ଡେ କେୟାର ସେଣ୍ଟରରେ




ଅଧିଷ୍ଠାନ ଦିବସ ପାଳନ କରିଅଛି । ଏଥରେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ୧୦୪ ରାଜକିଶୋର ସ୍ୱାଇଁ ଓ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମୁକ୍ତିକାନ୍ତ ଅଗସ୍ତ୍ୟ ୨୦୨୬ ମସିହା ପାଇଁ ନିର୍ବାଚିତ ସଭାପତି-ସୁଧାକର ଷଡ଼ଙ୍ଗୀ ଉପ-ସଭାପତି, ଭବାନୀ ପଟ୍ଟନାୟକ ଓ ଜୟସୁରୀଆ କାନୁନଗୋ, ସମ୍ପାଦକ ସୌଭାଗ୍ୟ ନାୟକ, ଯୁଗ୍ମ-ସମ୍ପାଦକ ପ୍ରଫୁଲ୍ଲ କୁମାର ଲେଙ୍କା, ପ୍ରତାପ ରାଉତରାୟ, କୋଷାଧ୍ୟକ୍ଷ ପ୍ରଦୀପ୍ତ କିଶୋର ପଣ୍ଡା, ଜଲ୍ଲି ୱାର୍କର ବାବୁରାମ ସେଠୀ, ପି.ଆର.ଓ ଅମିୟ ଶର୍ମା, ବୋର୍ଡ ଅଫ୍ ଡିରେକ୍ଟର ସଭ୍ୟଭାବେ ଲିପିକା ଦାସ, ଅମିତ ଜେନା, ପ୍ରଭାତି ସାହୁ, ମଧୁସ୍ମିତା ପ୍ରିୟଦର୍ଶିନୀ, ସୁରେନ୍ଦ୍ର ନାଥ ସେଠୀ, ବିବେକାନନ୍ଦ ବାରିକ, ପ୍ରଦୀପ କୁମାର ମହାନ୍ତି, ଡଃ ରଙ୍ଗାଧର ସାହୁ, ଦୁର୍ଗା ପ୍ରସାଦ ସାହୁ, ଲଳିତ ମୋହନ ଦାସ ଅଧିକାରୀ, ଲାଲମୋହନ ପ୍ରଧାନ, ମୁନିରାମ ମୁଣ୍ଡାରୀ, ବୈଷ୍ଣବ ଚରଣ ଓଝାଙ୍କୁ " ସ୍ୱାସ୍ଥ୍ୟ ହିଁ ସମ୍ପଦ" ଚାଲିବା ଏବଂ ସୁସ୍ଥ ରହିବାର ବାର୍ତ୍ତାକୁ ପ୍ରଚାର ପ୍ରସାରଣ କରିବା ପ୍ରତିଜ୍ଞାବୋଧର ଶପଥପାଠ କରାଇଥିଲେ । ଏହି ଅବସରରେ ଏଫ.ଏଫ.ସି.ର ମାର୍ଗଦର୍ଶକ ଭାବେ ବରିଷ୍ଠ ସଭ୍ୟ ମୁଖ୍ୟ ଉପଦେଷ୍ଟା ନିକୁଞ୍ଜ ଛୋଟରାୟ, ଉପଦେଷ୍ଟା ଭାବେ କେଦାର ପଟ୍ଟନାୟକ, ପୂର୍ବତନ ସଭାପତି ଆଶୀଷ ପଟ୍ଟନାୟକ ଓ ପ୍ରେମାନନ୍ଦ ପୃଷ୍ଟି ମନୋନୀତ ହୋଇଛନ୍ତି । ଏତଦ୍‌ବ୍ୟତୀତ ଅନୁଷ୍ଠାନର ଅନ୍ୟତମ ସମ୍ମାନୀୟ ଉପଦେଷ୍ଟା ଭାବେ ଡଃ. ଗୋବିନ୍ଦ ଦାସ, ଡଃ. ଶଶୀକାନ୍ତ ମିଶ୍ର, ଇଂ. ଅସୀମାନନ୍ଦ ମହାନ୍ତି, ପୂର୍ବତନ ଉଇଙ୍ଗ୍ କମାଣ୍ଡର ଅଶୋକ ମହାନ୍ତି, ପୂର୍ବତନ ଇଞ୍ଜିନିୟର-ଇନ-ଚିଫ୍ ଅନୀଲ ତ୍ରିପାଠୀ, ସମାଜସେବୀ ଓ ଖଣି ବ୍ୟବସାୟୀ ତାରିଣୀ ପ୍ରସାଦ ମହାନ୍ତି ଏବଂ ବରିଷ୍ଠ ଆଇନଜିବୀ ସୂର୍ଯ୍ୟନାରାୟଣ ଦାସ ସର୍ବସମ୍ମତ ମନୋନୀତ ହୋଇଛନ୍ତି ।

## ସୁନା ଜବତ : ବେପାରୀ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ଏକ ଦୋକାନରୁ ସୁନା ଓ ରୂପା ଅଳଙ୍କାର ଲୁଟ୍ ଘଟଣାରେ ପୁଲିସ ଚୋରା ସୁନା ରଖିଥିବା ଜଣେ ବେପାରୀ କୁ ଗିରଫ କରିଛି। ଗିରଫ ବେପାରୀ ଜଣକ ହେଲେ ବିକାଶ ଅଗ୍ରୱାଲ (୪୨)। ପୁଲିସ ତାଙ୍କ ଠାରୁ ୧୭.୫୪୦ଗ୍ରାମ ଓଜନ ର ସୁନା ଅଳଙ୍କାର କୁ ଜବତ କରିଛି। ଗତ ଡିସେମ୍ବର ୧୪ ତାରିଖ ରାତିରେ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ଏକ ସୁନା ଦୋକାନରୁ ଲୁହାରଡରେ ଦୋକାନ ଗ୍ରିଲ ସଟର ତାଡି ସୁନା ଅଳଙ୍କାର ଲୁଟ୍ କରି ନେଇଥିବା ଦୋକାନୀ ମାଲିକ ଦିନେଶ ସାଥୁଆ ଏନେଇ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ କ୍ରମେ ପୋଲିସ ୫୩୩/୨୫ ରେ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୋଷାଦାର ଅପରାଧି ଗଡଖୋର୍ଦ୍ଧା ହାଉସିଂବୋର୍ଡ କଲୋନୀ ର ଚନ୍ଦନ ନାୟକ କୁ ଗିରଫ କରିଥିଲା।

## ଲୋକାୟୁକ୍ତରେ ବିଭିନ୍ନ ପଦବୀ ଖାଲି, ସରକାର ରଖିଲେ ଜବାବ

କଟକ,(ସବ୍ୟୁ): ଗୋଟେ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଓଡ଼ିଶା ଲୋକାୟୁକ୍ତ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିଲାବେଳେ ଏନେଇ ରୁଜୁ ମାମଲାରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଜବାବ ଦାଖଲ କରାଯାଇଥିଲା । ଏଥିରେ କୁହାଯାଇଛି ଯେ, ଓଡ଼ିଶା ଲୋକାୟୁକ୍ତ ଅଧିନିୟମ,୨୦୧୪ ରେ ସଂଶୋଧନ ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି । ତେଣୁ ଏଥିପାଇଁ ରାଜ୍ୟ ସରକାର ଆଉ କିଛି ସମୟ ଆବଶ୍ୟକ କରୁଛନ୍ତି । ହାଇକୋର୍ଟ ଏହି ପ୍ରାର୍ଥନାକୁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ୬ ସପ୍ତାହ ସମୟ ଦେଇଛନ୍ତି । ୨୦୨୪ ଅଗଷ୍ଟ ୯ ତାରିଖରୁ ଲୋକାୟୁକ୍ତ ଅଚଳ ହୋଇଯାଇଥିବାରୁ ସରକାର ଏହାର ଅଧ୍ୟକ୍ଷ ଓ ସଦସ୍ୟଙ୍କ ନିଯୁକ୍ତି ପାଇଁ ତତ୍ପରତା ଦେଖାଇ ଉପଯୁକ୍ତ ପଦକ୍ଷେପ ନେବାକୁ ସ୍ପଷ୍ଟ କରିଛନ୍ତି । ମାମଲାର ଶୁଣାଣି ଫେବ୍ରୁଆରୀ ୨୪କୁ ଧାର୍ଯ୍ୟ ହୋଇଛି ।

### ଅକାଶରେ ସବୁଜ ସଂକଳ୍ପ

# ଗୁଡି ବାଣ୍ଟୁଛି ପରିବେଶ ସୁରକ୍ଷାର ବାର୍ତ୍ତା

ଭୁବନେଶ୍ୱର (ସବ୍ୟୁ): ଆଜି ପବିତ୍ର ମକର ସଂକ୍ରାନ୍ତି। ଏହି ଅବସରରେ



ଆକାଶ ରଙ୍ଗ ବେରଙ୍ଗ ଗୁଡ଼ିରେ ଝଲସି ଉଠୁଥିବା ବେଳେ, ଏହି ପାରମ୍ପାରିକ ପର୍ବରେ ଦେଖିବାକୁ ମିଳିଛି ଏକ ନିଆରା ପରିବର୍ତ୍ତନ। ପରିବେଶ ସୁରକ୍ଷାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ ତୂଳୀରେ ନିଖୁଣ ରୂପେ ସୁନ୍ଦର ଗୁଡ଼ି ଚିତ୍ର ଆଙ୍କି ପରିବେଶ ସୁରକ୍ଷାର ବଳିଷ୍ଠ ବାର୍ତ୍ତା ଦେଇଛନ୍ତି। ଗୁଡ଼ି ଗୁଡ଼ିକେରେ 'ବୃକ୍ଷରୋପଣ-ଜୀବନ ବଞ୍ଚାଅ', 'ପ୍ଲାଷ୍ଟିକ୍ ମୁକ୍ତ ପୃଥିବୀ' ଏବଂ 'ସ୍ୱଚ୍ଛ ନଦୀ: ସୁସ୍ଥ ଜୀବନ ଭଳି ମନଛୁଆଁ ସ୍ଲୋଗାନ ରହିଛି ଯାହା ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେବା ସହ ଶାନ୍ତନୁ କୁହନ୍ତି, ମକର ସଂକ୍ରାନ୍ତି ହେଉଛି ଏକ ଶ୍ରେଷ୍ଠ ପର୍ବ। ତେଣୁ ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ଶପଥ ନେବାର ଏହା ଏକ ଶ୍ରେଷ୍ଠ ସମୟ। ଏହା ସହିତ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଘାତକ ଚାଇନିଜ୍ ମାଞ୍ଜା ସୂତା ତ୍ୟାଗ କରି କେବଳ ସୂତା ବ୍ୟବହାର କରିବାକୁ ସେ ଏହି ଚିତ୍ର ମାଧ୍ୟମରେ ଆହ୍ୱାନ ଦେଇଛନ୍ତି। ପରମ୍ପରା ମଧ୍ୟରେ ଦାୟିତ୍ୱବୋଧର ଏହି ପ୍ରୟାସକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ଯୁବ ଦିବସ

କଟକ, (ସ୍ୱପ୍ର): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ସୋମବାର ଜାତୀୟ ଯୁବ ଦିବସ ପାଳିତ ହୋଇଛି । ବିଶ୍ୱବିଦ୍ୟାଳୟ ରୋଭର୍ସ ଏବଂ ରେଞ୍ଜର୍ସୟୁନିଟ୍, ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଏନଏସଏସୟୁନିଟ୍ ତଥା ଏନସିସି ଆର୍ମି ଓ ନାଭାଲ୍ ୱିଙ୍ଗ୍ ପକ୍ଷରୁ ମିଳିତ ଭାବରେ ଏହାର ଆୟୋଜନ କରାଯାଇଥିଲା । ଆତ୍ମନିର୍ଭରତା, ରାଷ୍ଟ୍ରୀୟ ଗୌରବ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ସକ୍ରିୟ ଅଂଶଗ୍ରହଣ ନିମନ୍ତେ ଏଥିରେ "ରନ୍ ଫର୍ ସ୍ୱଦେଶୀ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ତେଜପ୍ରତାପ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ରିସର୍ଚ୍ଚ ଏବଂ ଏକାଡେମିକ୍ ଡିନ୍ ଡ. କେଶରୀ ସିଂହ ତଥା ବିଦ୍ୟାର୍ଥୀ କଲ୍ୟାଣ ଡିନ୍ ପ୍ରୋ. ଡ. ଜୟପ୍ରକାଶ ଭଞ୍ଜ ଉପସ୍ଥିତ ଥିଲେ । ଡ. ତେଜପ୍ରତାପ ଆତ୍ମନିର୍ଭର ଭାରତ ନିର୍ମାଣରେ ଯୁବଶକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସେଲଫ କ୍ଲବ୍ ଦ୍ୱାରା ସଂଗୀତ, ଧ୍ୟାନ ଏବଂ ଜ୍ଞାନ ଆଧାରିତ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା । ଏଥିସହ ବିଦ୍ୟାର୍ଥୀମାନେ ସୋଆ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଜାତୀୟ ଯୁବ ଦିବସ ମାରାଥନରେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଯେଉଁଥିରେ ପ୍ରତିଯୋଗୀମାନେ ୧୦ କିମି ବର୍ଗରେ ୨ଟି ସ୍ୱର୍ଣ୍ଣପଦକ ତଥା ୫ କିମି ବର୍ଗରେ ୪ଟି କାଂସ୍ୟପଦକ ହାସଲ କରିଥିଲେ । ଏହାବ୍ୟତୀତ, ଏନ୍‌ଏସ୍‌ଏସ୍ ସ୍ୱୟଂ ସେବକମାନଙ୍କ ଦ୍ୱାରା ଧବଳେଶ୍ୱର ମନ୍ଦିର ପରିସରରେ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା । "ରନ୍ ଫର୍ ସ୍ୱଦେଶୀ' କାର୍ଯ୍ୟକ୍ରମ ଅନ୍ତର୍ଗତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ୨ କିମି ଦୌଡ଼ରେ ପ୍ରାୟ ୭୫ରୁ ଅଧିକ ବିଦ୍ୟାର୍ଥୀ ଭାଗ ନେଇଥିଲେ । ଏହି ଅବସରରେ ଶିକ୍ଷକମାନଙ୍କ ସହ ସେଲ୍‌ଫି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ରୋଭର ସ୍କାଉଟ୍ ଲିଡର ଡ. ସନ୍ଦୀପ ରାଉତ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଅମ୍ବିକା ପ୍ରସାଦ ମିଶ୍ର, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ସୋନମ ଅଗ୍ରଓ୍ୱାଲ, ଡ. ମନୋଜ କୁମାର ଦାସ, ଏନସିସି ଆର୍ମି ୱିଙ୍ଗ୍ ଏଏନ୍‌ଓ ଡ. ନେହା ତଥା ନାଭାଲ୍ ୱିଙ୍ଗ୍ ଏଏନ୍‌ଓ ଡ. ରଜତ ବଳିଆରସିଂ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

# ଆଇଆଇଏମଟି ଭୁବନେଶ୍ୱରରେ ଜାତୀୟ ଯୁବ ଦିବସ

ଭୁବନେଶ୍ୱର, (ସବ୍ୟୁ) : ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି), ଭୁବନେଶ୍ୱର ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ୧୬୪ତମ ଜନ୍ମଜୟନ୍ତୀ "ଜାତୀୟ ଯୁବ ଦିବସ" ଭାବରେ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ "ସ୍ୱଦେଶୀ ଓ ସ୍ୱାବଲମ୍ବନ" ବିଷୟରେ ଏକ ପ୍ରେରଣାଦାୟକ ବ୍ୟାଖ୍ୟାନର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମଟି ଆଇଆଇଏମଟି ଭୁବନେଶ୍ୱରର ଅଧ୍ୟକ୍ଷ ପ୍ରଫେସର (ଡ଼.) ଶ୍ରୀକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ଶ୍ରୀମତୀ ସୋମା ମିତ୍ର, ଏସୋସିଏଟ୍ ଡିନ୍ (ଆର୍ ଆଣ୍ଡ ପି), ଆଇଆଇଏମଟି ଭୁବନେଶ୍ୱର ସ୍ୱାଗତ ସମ୍ଭାଷଣ ଦେଇଥିଲେ, ଯେଉଁଠାରେ ସେ ଆଜିର ଯୁବ ପିଢ଼ି ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବ୍ୟାଖ୍ୟାନ ପ୍ରଦାନ କରିଥିଲେ ପ୍ରଫେସର (ଡ଼.) କମଳା ପ୍ରସାଦ ମହାପାତ୍ର, ବରିଷ୍ଠ ଶିକ୍ଷାବିଦ୍, ପ୍ରଖ୍ୟାତ ବ୍ୟକ୍ତିତ୍ୱ, ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକର ପୂର୍ବତନ



ଇଂରାଜୀ ପ୍ରଫେସର "ସ୍ୱଦେଶୀ ଓ ସ୍ୱାବଲମ୍ବନ" ବିଷୟରେ ତାଙ୍କ ମତାମତ ଉପସ୍ଥାପନ କରିଥିଲେ। ପ୍ରଫେସର (ଡ଼.) ଉମାରଞ୍ଜନ ଜେନା, କଣ୍ଟ୍ରୋଲର ଅଫ୍ ଏଗ୍ଜାମିନେସନ୍‌ସ, ଆଇଆଇଏମଟି ଭୁବନେଶ୍ୱର ପ୍ରଫେସର (ଡ଼.) କମଳା ପ୍ରସାଦ ମହାପାତ୍ରଙ୍କୁ ତାଙ୍କର ପ୍ରଭାବଶାଳୀ ଓ ଜ୍ଞାନବର୍ଦ୍ଧକ ବ୍ୟାଖ୍ୟାନ ପାଇଁ ସମ୍ମାନିତ କରିଥିଲେ। ଏହି ଅବସରରେ ଆଇଆଇଏମଟି ପକ୍ଷରୁ ଦୁଇଜଣ ଉପଲବ୍ଧଶୀଳ ଛାତ୍ର ଲମ୍ବୋଧର ଜେନା (ଏମ୍‌ସିଏ ଛାତ୍ର) ଓ କିରଣ ମହାନ୍ତି (ଏମ୍‌ବିଏ ଛାତ୍ର) ଙ୍କୁ ସେମାନଙ୍କର ଗବେଷଣା କାର୍ଯ୍ୟ ମାଧ୍ୟମରେ ସମାଜ ପ୍ରତି ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ସମାପନୀ ମନ୍ତବ୍ୟ ଡ଼. ଜୟଦେବ କର, ଡାଇରେକ୍ଟର, ଆଇଆଇଏମଟି ଭୁବନେଶ୍ୱର ପ୍ରଦାନ କରିଥିଲେ। ପ୍ରଫେସର (ଡ଼.) କବିରାଜ ସେଠୀ, ପ୍ରିନ୍ସିପାଲ, ଆଇଆଇଏମଟି ଭୁବନେଶ୍ୱର ଧନ୍ୟବାଦ ଜ୍ଞାପନ କରିଥିଲେ।

## ଭାରତକୁ ଟ୍ରମ୍ପଙ୍କ ଟାର୍ଗେଟ୍

# ଇରାନ ସହ ସମ୍ପର୍କ ମହଙ୍ଗା ପଡିବ

**ୱାଶିଂଟନ:** ଭାରତ ପାଇଁ ନିଯୁକ୍ତି ପାଇଥିବା ଆମେରିକା ରାଷ୍ଟ୍ରଦୂତ ସେରଗିଓ ଗୋର ନୂଆଦିଲ୍ଲୀ ସମ୍ପର୍କରେ ମିଠାମିଠା କଥା କହିବାର କିଛି ଘଣ୍ଟା ପରେ ନିଜର ଅସଲ ଚେହେରା ପୁଣି ସମସ୍ତଙ୍କୁ ଦେଖାଇଛନ୍ତି ଟ୍ରମ୍ପ ।ଭାରତ ହେଉଛି ଆମେରିକାର ସବୁଠାରୁ ଜରୁରୀ ସହଯୋଗୀ ବୋଲି ଗୋର କହିଥିଲେ। କିନ୍ତୁ ତାଙ୍କ ବସ୍ ଟ୍ରମ୍ପ ସଙ୍କଟ ସ୍ଥିତିର ସମ୍ମୁଖୀନ ହେଉଥିବା ଇରାନ ସହ ବ୍ୟବସାୟ କରୁଥିବା ଦେଶଗୁଡ଼ିକ ଉପରେ ୨୫% ଟାରିଫ ଲାଗୁ କରିଛନ୍ତି। ଟ୍ରମ୍ପଙ୍କ ଏପରି ଟାରିଫ ନିଷ୍ପତ୍ତି ଭାରତକୁ ଗଭୀର ଭାବେ ପ୍ରଭାବିତ କରିବ ।କାରଣ ଭାରତ ହେଉଛି ଇରାନର ଟପ୍ ୫ ବ୍ୟବସାୟିକ ସହଯୋଗୀଙ୍କ ମଧ୍ୟରୁ ଜଣେ। ଏହାର ଅର୍ଥ ଇରାନ ସହ ବ୍ୟବସାୟ କରୁଥିବାରୁ ଭାରତ ଉପରେ ଆମେରିକା ଆଉ ୨୫% ଟାରିଫ ଲାଗୁ କରିଛି। ପୂର୍ବରୁ ରୁଷ ଠାରୁ ତେଲ କିଣୁଥିବାରୁ ଟ୍ରମ୍ପ ଭାରତୀୟ ଦ୍ରବ୍ୟ ଉପରେ ୫୦% ଟାରିଫ ଲାଗୁ କରିଥିଲେ। ଏବେ ୨୫% ଟାରିଫ ଯୋଗୁ ଏହା ୭୫%ରେ ପହଞ୍ଚି ଯାଇଛି। ଇରାନ ଏବେ ସବୁଠାରୁ ବଡ଼ ସରକାରୀ ବିରୋଧୀ ଆନ୍ଦୋଳନ ଯୋଗୁ ଚିନ୍ତାରେ ରହିଛି। ଏସବୁ ଭିତରେ ଇରାନ ଉପରେ ଚାପକୁ ଆହୁରି ବୃଦ୍ଧି କରିବାକୁ ଟ୍ରମ୍ପ ଟାରିଫ ଲାଗୁ କରିଛନ୍ତି।



ଟ୍ରମ୍ପ କହିଛନ୍ତି ଯେ "ଇରାନ ସହ ଯେଉଁ ଦେଶ ବ୍ୟବସାୟ କରିବେ ସେମାନଙ୍କ ଉପରେ ତତ୍କାଳ ୨୫% ଟାରିଫ ଲାଗୁ ହେବ। ଏହି ନିର୍ଦ୍ଦେଶ ଚୂଡ଼ାନ୍ତ।"ଆମେରିକା ସହ ବାଣିଜ୍ୟ ଡିଲ ଚୂଡ଼ାନ୍ତ କରିପାରି ନଥିବା ଭାରତ ପୂର୍ବରୁ ହିଁ ୫୦% ଟାରିଖର ବୋଝ ବୋହୁଛୁ। ଏହା ମଧ୍ୟରେ ୨୫% ପାରସ୍ପରିକ ଟାରିଫ ଓ ରୁଷ ଠାରୁ ତେଲ କିଣୁଥିବାରୁ ଅତିରିକ୍ତ ୨୫% ଟାରିଫ ରହିଛି। ଏବେ ନୂଆ ୨୫% ଟାରିଫ ଯୋଗୁ ଭାରତର ଟାରିଫ ବୋଝ ୭୫%କୁ ବଢ଼ି ଯାଇଛି। କଟକଣା ସତ୍ତ୍ୱେ ରୁଷ ଠାରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୫୦୦% ଯାଏ ଟାରିଫ ଲାଗୁ କରିବାର ଟ୍ରମ୍ପ ଆଉ ଏକ ଧମକ ମଧ୍ୟ ରହିଛି ।ଏହି ବିଲକୁ ଟ୍ରମ୍ପ ସବୁଜ ସଙ୍କେତ ଦେଇ ସାରିଛନ୍ତି। ସଂସଦରେ ବିଲ ପାରିତ ହେଲେ ଭାରତ, ଚାଇନା ଓ ବ୍ରାଜିଲ ଭଳି ଦେଶ ଉପରେ ଆମେରିକା ୫୦୦% ଯାଏ ଟାରିଫ ଲାଗୁ କରିବାକୁ ଆଇନଗତ ମାନ୍ୟତା ପାଇଯିବ। ଭାରତ ଓ ଇରାନ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ବେଶ ପୁରୁଣା। ଏହା ମଧ୍ୟରେ ଶକ୍ତି ଆମଦାନୀ ଠାରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ଚାବାହାର ବନ୍ଦରର ବିକାଶ ରହିଛି। ଏହି ପୋର୍ଟ ଜରିଆରେ ପାକିସ୍ତାନକୁ ବାଇପାସ କରି ଆଫଗାନିସ୍ତାନ ଓ କେନ୍ଦ୍ରୀୟ ଏସିଆରେ ଭାରତ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ହେଲେ ଟ୍ରମ୍ପଙ୍କ ଟାରିଫ ନିଷ୍ପତ୍ତି ଭାରତର ସମସ୍ୟାକୁ ବଢ଼ାଇ ଦେଇଛି। ବର୍ତ୍ତମାନ ଯାଏ ଚାଇନା ହେଉଛି ଇରାନର ସବୁଠାରୁ ବଡ଼ ବାଣିଜ୍ୟ ପାର୍ଟନର। ହେଲେ ଟ୍ରମ୍ପଙ୍କ ନିଷ୍ପତ୍ତି ଭାରତ ପାଇଁ ବାଣିଜ୍ୟ ଠାରୁ ମଧ୍ୟ ଅଧିକ କିଛି ଗୁରୁତ୍ୱ ବହନ କରୁଛି। ଏପରି ଘୋଷଣାର ସମୟ ବେଶ ମହତ୍ତ୍ୱପୂର୍ଣ୍ଣ। କାରଣ ଭାରତ ଓ ଆମେରିକା ଅଧିକାରୀମାନେ ବାଣିଜ୍ୟ ଡିଲ ସମ୍ପର୍କରେ ଆଲୋଚନା କରିବାକୁ ଯାଉଥିବା ବେଳେ ଟ୍ରମ୍ପଙ୍କ ଟାରିଫ ଘୋଷଣା ସାମ୍ନାକୁ ଆସିଛି ।ଆମେରିକାର ବାଣିଜ୍ୟ ଡିଲ ସର୍ତ୍ତରେ ଚାପ ପକାଇ ଭାରତକୁ ରାଜି କରିବା ହିଁ ଟ୍ରମ୍ପଙ୍କ ଏକମାତ୍ର ଉଦ୍ଦେଶ୍ୟ। ଖାସ ସେଥିପାଇଁ ସେ ଇରାନ ଆଳରେ ଭାରତକୁ ଟାର୍ଗେଟ କରିଥିବା ବିଶେଷଜ୍ଞମାନେ ମତ ରଖିଛନ୍ତି। ଇରାନ ଲିଙ୍କରେ ଲାଗୁ ହୋଇଥିବା ଟାରିଫ ଭାରତ ଉପରେ ଚାପକୁ ଆହୁରି ବୃଦ୍ଧି କରିବ। କାରଣ ଭାରତ ହେଉଛି ଇରାନର ଅନ୍ୟତମ ସର୍ବବୃହତ୍ତ ବ୍ୟବସାୟିକ ସହଯୋଗୀ। ସରକାରୀ ତଥ୍ୟ ଅନୁସାରେ, ୨୦୨୪-୨୫ରେ ଭାରତ ଓ ଇରାନ ମଧ୍ୟରେ ପ୍ରାୟ ୧୪ ହଜାର କୋଟିର ବ୍ୟବସାୟ ହୋଇଥିଲା। ଭାରତ ୧୦ ହଜାର କୋଟିର ଦ୍ରବ୍ୟ ରପ୍ତାନୀ କରିଥିବା ବେଳେ ଇରାନ ଠାରୁ ୩,୭୦୦ କୋଟିର ଜିନିଷ ଆମଦାନୀ କରିଥିଲା। ଏଠାରେ ସମସ୍ତେ ଜାଣିବା ଦରକାର ଯେ ୨୦୧୯ ଠାରୁ ଭାରତ-ଇରାନ କାରବାର ସାମାନ୍ୟ ହ୍ରାସ ପାଇଛି। କାରଣ ଟ୍ରମ୍ପଙ୍କ କଟକଣା ଯୋଗୁ ଇରାନୀୟ ତୈଳ ଆମଦାନୀକୁ ଭାରତ ବନ୍ଦ କରି ଦେଇଛି। ଭାରତ ମୁଖ୍ୟତଃ ଅର୍ଗାନିକ କେମିକାଲ, ବାସ୍ମତି ଚାଉଳ, ଚା', ଚିନି, ପାର୍ମାସିଟ୍ୟୁକାଲ୍ସ, ଫଳ, ଡାଲି ଜାତୀୟ ଦ୍ରବ୍ୟ ଓ ମାଂସ ଇରାନକୁ ରପ୍ତାନୀ କରିଥାଏ।

▸▸ ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଇଲଗ୍ ୨୦୨୬

# ଯୁବପିଢ଼ି ଦାସତ୍ୱରୁ ମୁକ୍ତ ପାଇଁ ସଂକଳ୍ପ ନିଅନ୍ତୁ: ମୋଦୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରେ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଇଲଗ୍ ୨୦୨୬'ର ସମାପନୀ ଅଧିବେଶନରେ ଉଦବୋଧନ ଦେଇଛନ୍ତି। ଏହି ଅବସରରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଥିଲେ ଯେ, ଯେତେବେଳେ ସେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଥିଲେ, ଆଜିର ଯୁବ ନାଗରିକଙ୍କ ମଧ୍ୟରୁ ଅନେକ ଜନ୍ମ ହୋଇନଥିଲେ ଏବଂ ଯେତେବେଳେ ସେ ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ଥିଲେ। ସମୟ ବିତିବା ସତ୍ତ୍ୱେ, ଯୁବ ପିଢ଼ି ପ୍ରତି ତାଙ୍କର ବିଶ୍ୱାସ ସ୍ଥିର ଏବଂ ଅଟଳ ରହିଛି ବୋଲି ସେ କହିଛନ୍ତି। ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ, "ମୁଁ ସର୍ବଦା ତୁମର ସାମର୍ଥ୍ୟ, ତୁମର ପ୍ରତିଭା, ତୁମର ଉର୍ଜ୍ଜାରୁ ଶକ୍ତି ଆହରଣ କରିଛି ଏବଂ ଆଜି ଦେଖନ୍ତୁ, ଆପଣମାନେ ସମସ୍ତେ ଏକ ବିକଶିତ ଭାରତ ପରିକଳ୍ପନାର ନିୟନ୍ତ୍ରଣ ନେଉଛନ୍ତି।"ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ୨୦୪୭ ପର୍ଯ୍ୟନ୍ତ ସମୟ, ଯେତେବେଳେ କି ଭାରତ ତା'ର ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ, ସେହି ଅବଧି ଉଭୟ ଦେଶ ଏବଂ ତା'ର ଯୁବପିଢ଼ି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଟେ। ସେ କହିଥିଲେ ଯେ ଯୁବ ଭାରତୀୟଙ୍କ ଶକ୍ତି ଏବଂ ଦକ୍ଷତା, ଭାରତର ଶକ୍ତିକୁ ଆକାର ଦେବା ସହ ସେମାନଙ୍କ ସଫଳତା ଦେଶକୁ ନୂତନ ଉଚ୍ଚତାରେ ପହଞ୍ଚାଇବ। 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଇଲଗ'ର ଅଂଶଗ୍ରହଣକାରୀମାନଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ ଏକ ବିକଶିତ ଭାରତର ସ୍ୱପ୍ନ ହାସଲ କରିବାରେ ଯୁବ ନେତୃତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ।ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଏହି କାର୍ଯ୍ୟକ୍ରମ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ସହିତ ମେଳ ଖାଉଛି। "ଆମେ ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତିରେ ପ୍ରତିବର୍ଷ ଜାନୁଆରୀ ୧୨ ତାରିଖରେ ଜାତୀୟ ଯୁବ ଦିବସ ପାଳନ କରୁ।




ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, ଜାନୁଆରୀ ୧୨ ତାରିଖକୁ ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଇଲଗ୍ ପାଇଁ ବାଛିଛୁ। ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଆମ ସମସ୍ତଙ୍କ ପାଇଁ ଏକ ମହାନ ମାର୍ଗଦର୍ଶିକା" ଶ୍ରୀ ମୋଦୀ ଗୁରୁତ୍ୱାରୋପ କରି କହିଥିଲେ। ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଇଲଗର ବର୍ଦ୍ଧିଷ୍ଣୁ ଲୋକପ୍ରିୟତା ଉପରେ ସନ୍ତୋଷ ପ୍ରକାଶ କରି ଶ୍ରୀ ମୋଦୀ ଏହାକୁ ଏକ ଶକ୍ତିଶାଳୀ ମଞ୍ଚ ଭାବରେ ବର୍ଣ୍ଣନା କରିଥିଲେ ଯାହା ଭାରତର ବିକାଶ ଏଜେଣ୍ଡା ଗଠନରେ ଯୁବପିଢ଼ିଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣକୁ ସକ୍ଷମ କରିଥାଏ। ଶ୍ରୀ ମୋଦୀ ଆଲୋକପାତ କରିଥିଲେ, "ଏହି ପ୍ରୟାସରେ କୋଟି କୋଟି ଯୁବକ ଯୋଗଦାନ କରିବା, ୫୦ ଲକ୍ଷରୁ ଅଧିକ ପଞ୍ଜୀକରଣ, ୩୦ ଲକ୍ଷରୁ ଅଧିକ ଯୁବକ ବିକଶିତ ଭାରତ ଚ୍ୟାଲେଞ୍ଜରେ ଅଂଶଗ୍ରହଣ କରିବା ଏବଂ ଦେଶର ବିକାଶ ପାଇଁ ସେମାନଙ୍କର ଚିନ୍ତାଧାରା ବାଣ୍ଟିବା ସହିତ, ଯୁବଶକ୍ତିର ଏତେ ବଡ଼ ପରିମାଣର ଯୋଗଦାନ ଅଭୂତପୂର୍ବ।" ମିଳିଥିବା ଉତ୍ତମ ମତାମତଗୁଡ଼ିକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ, ବିଶେଷକରି 'ମହିଳା ନେତୃତ୍ୱାଧୀନ ବିକାଶ' ଏବଂ 'ଗଣତନ୍ତ୍ରରେ ଯୁବ ଅଂଶଗ୍ରହଣ' ଭଳି ପ୍ରମୁଖ ବିଷୟବସ୍ତୁ ଉପରେ ଉପସ୍ଥାପିତ ବିଚାରଗୁଡ଼ିକୁ ବିଶେଷ ଭାବରେ ପ୍ରଶଂସା କରିଥିଲେ।

# ୧୬ ଖଣ୍ଡ ହେବ ପାକିସ୍ତାନ!

**ଇସଲାମାବାଦ:** ପାକିସ୍ତାନର ଆର୍ଥିକ ସଙ୍କଟ ଏବଂ ପ୍ରଶାସନିକ ବିଫଳତା ଜାରି ରହିଛି। ଏହି ସମୟରେ ଦେଶକୁ ଅନେକ ଭାଗରେ ବିଭକ୍ତ କରିବା ପାଇଁ ଦାବି ଉଠିଛି। ଇସ୍ତେଖକାମ ପାକିସ୍ତାନ ପାର୍ଟିର



ସଭାପତି ତଥା କେନ୍ଦ୍ରୀୟ ମନ୍ତ୍ରୀ ଅବଦୁଲ ଅଲିମ ଖାନ ପାକିସ୍ତାନକୁ ବର୍ତ୍ତମାନର ଚାରୋଟି ପ୍ରଦେଶ ବଦଳରେ ୧୬ଟି ଛୋଟ ପ୍ରଦେଶରେ ବିଭକ୍ତ କରିବା ପାଇଁ ଏକ ବଡ଼ ପ୍ରସ୍ତାବ ରଖିଛନ୍ତି। ସେ ଯୁକ୍ତି ଦେଇଛନ୍ତି ଯେ, ବଡ଼ ପ୍ରଦେଶଗୁଡ଼ିକରେ ସାଧାରଣ ଜନତାଙ୍କ ପାଇଁ ମୌଳିକ ସେବାର ଅଭାବ ରହିଛି। ଏହା ସହିତ ସେଠାରେ ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି। ମନ୍ତ୍ରୀ ଏଭଳି ଦାବି ପାକିସ୍ତାନୀ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିବା ସହିତ ବେଲୁଚିସ୍ତାନ ଓ ସିନ୍ଧ ଭଳି ଅଶାନ୍ତ ଅଞ୍ଚଳରେ ବିଚ୍ଛିନ୍ନତାବାଦୀ ବିତର୍କ ନିଆଁରେ ଘିଅ ଢ଼ାଳିବାର କାମ କରିଛି। ମନ୍ତ୍ରୀ କହିଛନ୍ତି, ପାକିସ୍ତାନର ବର୍ତ୍ତମାନର ସମସ୍ୟାର ଏକମାତ୍ର ସମାଧାନ ହେଉଛି ଛୋଟ ପ୍ରଶାସନିକ ଅଞ୍ଚଳ ସୃଷ୍ଟି କରିବା। କାମୋକେରେ ଏକ ସମ୍ମିଳନୀରେ ଭାଷଣ ଦେଇ ସେ କହିଛନ୍ତି ଯେ, ୧୬ଟି ପ୍ରଦେଶ ସୃଷ୍ଟି ହେବା ଦ୍ୱାରା ଲୋକମାନଙ୍କୁ ସେମାନଙ୍କର କାମ ପାଇଁ ଦୂର ଯାତ୍ରା କରିବାକୁ ପଡିବ ନାହିଁ। ଏହି ପଦକ୍ଷେପ ସେବାକୁ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚାଇବ। ଏହା ସହିତ ସରକାରୀ ଦୁର୍ନୀତି ହ୍ରାସ କରିବାରେ ଏଭଳି ପଦକ୍ଷେପ ଏକ ବୈପ୍ଳବିକ ଭୂମିକା ଗ୍ରହଣ କରିପାରିବ। ମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି, ଜନବହୁଳ ପ୍ରଦେଶ ପଞ୍ଜାବକୁ ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମ ପଞ୍ଜାବ ଚାରିଟି ସ୍ୱତନ୍ତ୍ର ଭାଗରେ ବିଭକ୍ତ କରାଯିବା ଉଚିତ।

# ଜି-୭ ଅର୍ଥମନ୍ତ୍ରୀ ବୈଠକରେ ଯୋଗଦେଲେ ଅଶ୍ୱିନୀ ବୈଷ୍ଣବ

**ନୂଆଦିଲ୍ଲୀ:** ଆମେରିକାର ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟଙ୍କ ଦ୍ୱାରା ଆହୂତ ଜି-୭ ଅର୍ଥମନ୍ତ୍ରୀ ବୈଠକରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି କେନ୍ଦ୍ର ରେଳ, ସୂଚନା ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବିଶ୍ୱରେ ରେୟାର ଆର୍ଥ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀର ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ପାଇଁ ଏହି ବୈଠକ ହୋଇଛି। ଗୁରୁତ୍ୱପୂର୍ଣ୍ଣ ଖଣିଜ ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବା ପାଇଁ ହୋଇଥିବା ଏହି ବୈଠକ ଭାରତର ବିନିର୍ମାଣ କ୍ଷମତା ଏବଂ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଇଲେକ୍ଟ୍ରୋନିକ୍ସ କ୍ଷେତ୍ରକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ୍ କରିଛନ୍ତି ।ଆମେରିକାର ଟ୍ରେଜେରି



ସଚିବ ବେସେଣ୍ଟ କହିଛନ୍ତି ଯେ ଅଂଶଗ୍ରହଣକାରୀମାନେ ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀ ଯୋଗାଣ ଶୃଙ୍ଖଳରେ ରହିଥିବା ଦୁର୍ବଳତାକୁ ଦୂର କରିବା ଉପରେ ଦୃଢ଼ ମତ ରଖିଛନ୍ତି। ବର୍ତ୍ତମାନ ଏ କ୍ଷେତ୍ରରେ ରହିଥିବା ସମସ୍ୟାକୁ ଦୂର କରିବା କ୍ଷେତ୍ରରେ ଦେଶଗୁଡ଼ିକ ନିର୍ଣ୍ଣାୟକ ନିଷ୍ପତ୍ତି ନେବା ଉଚିତ ବୋଲି ସେ କହିଛନ୍ତି। ଏହି ବୈଠକରେ ଅଷ୍ଟ୍ରେଲିଆ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ମେକ୍ସିକୋ, ଦକ୍ଷିଣ କୋରିଆ, ୟୁରୋପୀ ସଂଘ ଏବଂ ବ୍ରିଟେନର ଅର୍ଥମନ୍ତ୍ରୀ ଓ ଅଧିକାରୀମାନେ ସାମିଲ ହୋଇଥିଲେ ।ଆମେରିକା ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହାୟକ ତଥା ହ୍ୱାଇଟ୍ ହାଉସ କାର୍ଯ୍ୟାଳୟର ବିଜ୍ଞାନ ଓ ପ୍ରଯୁକ୍ତି ନୀତି ମହାନିର୍ଦ୍ଦେଶକ ମାଇକେଲ୍ କ୍ରେଟସିଓସ ଏବଂ ଆମେରିକାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ବିନୟ କ୍ୱାତ୍ରାଙ୍କୁ ସାକ୍ଷାତ କରିଛନ୍ତି। ଆଗାମୀ ଦିନରେ ଭାରତରେ ହେବାକୁ ଥିବା ଇଣ୍ଡିଆ-ଏଆଇ ଇମ୍ପାକ୍ଟ ସମ୍ମିଳନୀର ପ୍ରସ୍ତୁତି ଉପରେ ବୈଠକରେ ଆଲୋଚନା ହୋଇଛି। ଉଲ୍ଲେଖଯୋଗ୍ୟ, ଆସନ୍ତାମାସ ୧୯ ଓ ୨୦ ତାରିଖରେ ନୂଆଦିଲ୍ଲୀରେ ଇଣ୍ଡିଆ-ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬ ଅନୁଷ୍ଠିତ ହେବ।

# କାନାଡାରୁ ସୁନା ଲୁଟ୍: ଅଭିଯୁକ୍ତ ଗିରଫ

**ଟରଣ୍ଟୋ:** କାନାଡା ପୁଲିସ ଦେଶର ସବୁଠାରୁ ବଡ ସୁନା ଚୋରି ମାମଲାରେ ଏକ ବଡ ସଫଳତା ପାଇଛି। "ପ୍ରୋଜେକ୍ଟ ୨୪କେ"ର ଏକ ଅଂଶ ଭାବରେ, ୪୩ ବର୍ଷୀୟ ଅର୍ସଲାନ ଚୌଧୁରୀଙ୍କୁ ଟୋରଣ୍ଟୋ ପିଅର୍ସନ ଅନ୍ତର୍ଜାତୀୟ ବିମାନବନ୍ଦରରେ ଗିରଫ କରାଯାଇଛି । ସେ ଦୁବାଇରୁ କାନାଡା ଫେରୁଥିଲେ । ପୁଲିସ ଅନୁସାରେ, ଚୌଧୁରୀଙ୍କର କୌଣସି ସ୍ଥାୟୀ ଠିକଣା ନାହିଁ ।ଏପ୍ରିଲ ୨୦୨୩ ରେ ବିମାନବନ୍ଦରରୁ ୪୦୦ କିଲୋଗ୍ରାମ ଖାଣ୍ଟି ସୁନା (ପ୍ରାୟ ୬,୦୦୦ବାର୍) ଓ ୨.୫ ନିୟୁତ ଡଲାର ବିଦେଶୀ ମୁଦ୍ରା ଚୋରି ହୋଇଥିଲା। ଏହା ଜୁରିଚ୍ରୁ ଆସିଥିଲା ଏବଂ ରହସ୍ୟମୟ ଭାବରେ ବିମାନବନ୍ଦର ପରିସରରୁ ଗାଏବ ହୋଇଯାଇଥିଲା। ଚୌଧୁରୀଙ୍କ ବିରୋଧରେ ୫,୦୦୦ ଡଲାରରୁ ଅଧିକ ଚୋରି, ଅପରାଧ ଦ୍ୱାରା ପ୍ରାପ୍ତ ସମ୍ପତ୍ତି ଦଖଲ ଏବଂ ଷଡ଼ଯନ୍ତ୍ର ଅଭିଯୋଗ ରହିଛି। ଏହି ମାମଲାରେ ଏପର୍ଯ୍ୟନ୍ତ ୧୦ ଜଣଙ୍କ ବିରୋଧରେ ଅଭିଯୋଗ କରାଯାଇ ୱାରେଣ୍ଟ ଜାରି ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଅଭିଯୁକ୍ତମାନଙ୍କ ମଧ୍ୟରୁ ଅନ୍ୟ ଜଣକ ଏୟାର କାନାଡାର ପୂର୍ବତନ କର୍ମଚାରୀ ସିମରନ ପ୍ରୀତ ପାନେସର। ସେ ଭାରତରେ ଲୁଚି ରହିଛନ୍ତି। ସେ ଏୟାରଲାଇନ୍ସର ସିଷ୍ଟମକୁ ହେରଫେର କରି ଚାଲାଣକୁ ଅନ୍ୟତ୍ର ପଠାଇବାରେ ସାହାଯ୍ୟ କରିଥିଲେ। ଗତ ବର୍ଷ, ସେ ଚଣ୍ଡିଗଡ଼ର ଉପକଣ୍ଠରେ ଏକ ଭଡା ଘରେ ରହୁଥିବାରୁ ସନ୍ଧାନ ମିଳିଥିଲା। ତାଙ୍କ ବିରୋଧରେ କାନାଡାରେ ୱାରେଣ୍ଟ ଜାରି କରାଯାଇଛି। ଅନ୍ୟ ଜଣେ ଅଭିଯୁକ୍ତ, ବ୍ରାମ୍ପଟନ୍ ନିବାସୀ ଅର୍ଚ୍ଚିତ ଗ୍ରୋଭରଙ୍କୁ ଭାରତରୁ ଆସିବା ସମୟରେ ମେ' ୨୦୨୪ରେ ପିଅର୍ସନ ଅନ୍ତର୍ଜାତୀୟ ବିମାନବନ୍ଦରରେ ଗିରଫ କରାଯାଇଥିଲା। ଏପର୍ଯ୍ୟନ୍ତ ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ଏୟାର କାନାଡାର ପୂର୍ବତନ କର୍ମଚାରୀ ପରମପାଲ ସିଦ୍ଧୁ (୫୪) ଅଣ୍ଟାରିଓ ବାସିନ୍ଦା ଅମିତ ଜଲୋଟା (୪୦)। ଏହି ମାମଲାରେ ବ୍ରାମ୍ପଟନର ୩୬ ବର୍ଷୀୟ ପ୍ରସାଦ ପାରାମାଲିଙ୍ଗମ ଏବଂ ଟୋରଣ୍ଟୋର ୩୭ ବର୍ଷୀୟ ଅଲି ରାଜାଙ୍କୁ ମଧ୍ୟ ଗିରଫ କରାଯାଇଛି ।ବ୍ରାମ୍ପଟନ୍ ବାସିନ୍ଦା ୪୩ ବର୍ଷୀୟ ଅମ୍ମାଦ ଚୌଧୁରୀ ଏବଂ ୨୭ ବର୍ଷୀୟ ଡୁରାଣ୍ଟେ କିଙ୍ଗ-ମ୍ୟାକଲିନ୍ଙ୍କୁ ମଧ୍ୟ ଗିରଫ କରାଯାଇଛି।

# ଉତ୍ତରାଖଣ୍ଡରେ ଭୂମିକମ୍ପ

**ପିଥୋରାଗଡ଼:** ମଙ୍ଗଳବାର ସକାଳେ ଉତ୍ତରାଖଣ୍ଡର ବାଗେଶ୍ୱର ଜିଲ୍ଲା ନିକଟରେ ୩.୫ ଭଳି ନିମ୍ନ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏଥିରେ କୌଣସି ଧନଜୀବନ ହାନି ହୋଇନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟର କହିବା ଅନୁସାରେ, ସକାଳ ୭ଟା ୨୫ ମିନିଟ୍ରେ ୩.୫ ତୀବ୍ରତାର ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ବାଗେଶ୍ୱର ଜିଲ୍ଲା ମୁଖ୍ୟାଳୟଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା କାପକୋଟ ସହର ନିକଟରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା। ବାଗେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଶିଖା ସୁୟାଲ କହିଛନ୍ତି ଯେ, ଏପର୍ଯ୍ୟନ୍ତ କୌଣସି ଜୀବନ କିମ୍ବା ସମ୍ପତ୍ତି ନଷ୍ଟ ହୋଇନାହିଁ।

## ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର

# ନବନିଯୁକ୍ତ କର୍ମଚାରୀଙ୍କୁ ମାର୍ଗଦର୍ଶନ କଲେ ପିଆଇବି ଏଡିଜି

**ନୂଆଦିଲ୍ଲୀ:** ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରର ସମାଚାର ପ୍ରଭାଗରେ ନବନିଯୁକ୍ତ ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ପ୍ରଶିକ୍ଷାର୍ଥୀ ସାମ୍ବାଦିକମାନଙ୍କୁ ନେଇ ଆଜି ଏକ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ସେ ନୂତନ ଭାବେ ଦୂରଦର୍ଶନ କେନ୍ଦ୍ରରେ ଯୋଗ



ଦେଇଥିବା ଚୁକ୍ତିଭିତ୍ତିକ କର୍ମଚାରୀ ଓ ପ୍ରଶିକ୍ଷାର୍ଥୀ ସାମ୍ବାଦିକମାନଙ୍କୁ ବୃତ୍ତିଗତ ମନୋଭାବ, କର୍ତ୍ତବ୍ୟ ପ୍ରତି ସମର୍ପଣ ଏବଂ କାର୍ଯ୍ୟସ୍ଥଳରେ ବ୍ୟକ୍ତିଗତ ପ୍ରଗତି ଆଦି ପ୍ରସଙ୍ଗରେ ମାର୍ଗଦର୍ଶନ କରିଥିଲେ। ସେ ଯୋଗାଯୋଗର ବିଭିନ୍ନ ଉପାଦାନ ବିଷୟରେ ମତ ରଖିବା ସହିତ ଯୁବ ପେସାଦାରମାନଙ୍କୁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ଏକାଗ୍ରତା, ଉତ୍ପାଦକତା ଏବଂ ଦକ୍ଷତାରେ ସୁଧାର ଆଣିବା ଲାଗି ତାଲିକା ପ୍ରସ୍ତୁତ କରି କାର୍ଯ୍ୟ କରିବାର ଅଭ୍ୟାସ ବିକଶିତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ସମାଚାର ବିଭାଗ ମୁଖ୍ୟ ତଥା ଉପନିର୍ଦ୍ଦେଶକ ଡକ୍ଟର ଅଭିଷେକ ମିଶ୍ରା, ବାର୍ତ୍ତା ସମ୍ପାଦକ ସୁଦର୍ଶନ ସାହୁ, ପଦ୍ମଲୋଚନ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଫାଶୀ ଖୁଣ୍ଟରେ ଝୁଲିବେ ଆନ୍ଦୋଳନ କରି ଗିରଫ ହୋଇଥିବା ଯୁବକ

**ତେହେରାନ:** ବର୍ତ୍ତମାନ ସରକାରୀ ବିରୋଧୀ ଆନ୍ଦୋଳନ ଚାଲିଛି। ସମୟ ଗଡ଼ିବା ସହ ଆନ୍ଦୋଳନ ମଧ୍ୟ ତୀବ୍ର ହୋଇଛି। ଆନ୍ଦୋଳନକାରୀଙ୍କୁ ଦମନ କରିବା ପାଇଁ ଇରାନର ଖାମେନେଇ ସରକାର ସବୁ ପ୍ରକାରର ବଳ ପ୍ରୟୋଗ କରୁଛନ୍ତି। ପୁଲିସ୍ ଗୁଳିରେ ୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ହଜାର ହଜାର ବିକ୍ଷୋଭକାରୀ ଗିରଫ ହୋଇଛନ୍ତି।

ଏସବୁ ଭିତରେ ଇରାନର ଖାମେନେଇ ସରକାର ବିକ୍ଷୋଭ ବେଳେ ଗିରଫ ହୋଇଥିବା ଜଣେ ୨୬ ବର୍ଷୀୟ ଯୁବକଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇବାକୁ ନିଷ୍ପତ୍ତି ନେଇଛି। ଆନ୍ଦୋଳନ ବେଳେ ଗିରଫ ହୋଇ ଫାଶୀ ଦଣ୍ଡ ପାଇବା ବିଶ୍ୱ ଇତିହାସରେ ପ୍ରଥମ ଘଟଣା।

ଫାଶୀ ଖୁଣ୍ଟିରେ ଝୁଲିବାକୁ ଯାଉଥିବା ୨୬ ବର୍ଷୀୟ ଯୁବକ ଜଣଙ୍କ ହେଲେ ଇରଫାନ ସୁଲତାନୀ। ତାଙ୍କୁ ଗତ ସପ୍ତାହରେ ତେହରାନ ନିକଟ କାରାଜ ପାଖରୁ ଗିରଫ କରାଯାଇଥିଲା। ଦେଶରେ ଅରାଜକତା ସୃଷ୍ଟି କରିବା ଅଭିଯୋଗରେ ସୁଲତାନୀଙ୍କୁ ଗିରଫ କରାଯାଇଥିବା ବେଳେ ବିନା ଶୁଣାଣିରେ ତାଙ୍କୁ ବୁଧବାର ଫାଶୀ ଖୁଣ୍ଟରେ ଝୁଲାଇବାକୁ ନିଷ୍ପତ୍ତି ନିଆଯାଇଛି।

ନରୱେ ଭିତ୍ତିକ ଏନଜିଓ ଇରାନ ହ୍ୟୁମାନ ରାଇଟ୍ସ(ଆଇଏଚଆର) କହିଛି ଯେ "ଇରାଫନ ସୁଲତାନୀ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥିବା ତାଙ୍କ ପରିବାର ଲୋକଙ୍କୁ କୁହାଯାଇଛି। ଜାନୁଆରୀ ୧୪ରେ ଏହି ଦଣ୍ଡାଦେଶକୁ କାର୍ଯ୍ୟକାରୀ କରାଯିବ।"

ଆଇଏଚଆର ନିଶ୍ଚିତ କରିଛି ଯେ ୧୮ ଦିନ ହେଲା ଇରାନରେ ଚାଲିଥିବା ଖାମେନେଇ ବିରୋଧୀ ବିକ୍ଷୋଭ ବେଳେ ୬୪୮ ଜଣ ଲୋକଙ୍କ ମୃତ୍ୟୁ ହୋଇ ସାରିଲାଣି। ଏମାନଙ୍କ ମଧ୍ୟରେ ୯ ଜଣ ନାବାଳିକା/ନାବାଳକ ରହିଛି। ତେବେ ଏହି ମୃତ୍ୟୁସଂଖ୍ୟା ଅଧିକ ରହିଥାଇ ପାରେ ବୋଲି ଆଶଙ୍କା କରାଯାଉଛି। କିଛି ରିପୋର୍ଟରେ ଇରାନ ସରକାର ବିକ୍ଷୋଭକୁ ଦମନ କରିବା ପାଇଁ ୬ ହଜାରରୁ ଅଧିକ ଲୋକଙ୍କୁ ହତ୍ୟା କରି ସାରିଥିବା ସଂସ୍ଥା ସୂଚନା ଦେଇଛି।

# ଇପିଏଫ୍ଓର ମାଗଣା ଡିଜିଟାଲ ଜୀବନ ପ୍ରମାଣପତ୍ର ସେବା

**ନୂଆଦିଲ୍ଲୀ:** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ) ପକ୍ଷରୁ ଡାକ ବିଭାଗ ସହଯୋଗରେ କର୍ମଚାରୀ ପେନ୍ସନ୍ ସ୍କିମ୍ (ଇପିଏସ୍) ପେନ୍ସନ୍ଭୋଗୀଙ୍କ ପାଇଁ ମାଗଣା ଡିଜିଟାଲ ଜୀବନ ପ୍ରମାଣପତ୍ର ସେବା ଆରମ୍ଭ କରାଯାଇଛି। ଏହାଦ୍ୱାରା ସେହି ପେନ୍ସନ୍ଭୋଗୀମାନେ ଉପକୃତ ହେବେ ଯେଉଁମାନେ ସ୍ମାର୍ଟଫୋନ୍ ବ୍ୟବହାର କରିଜାଣିନାହାନ୍ତି କିମ୍ବା ବ୍ୟାଙ୍କ ଓ ଇପିଏଫ୍ଓ କାର୍ଯ୍ୟାଳୟରେ ପହଞ୍ଚିପାରୁନାହାନ୍ତି।

ନୂତନ ଅଭିଯାନରେ ସେମାନଙ୍କ ପାଖକୁ ଡାକ ସେବକ ଯାଇ ସମ୍ପୂର୍ଣ୍ଣ ମାଗଣାରେ ଡିଜିଟାଲ ପ୍ରମାଣପତ୍ର ପଞ୍ଜୀକରଣ କରିବେ। ପେନ୍ସନ୍ଭୋଗୀଙ୍କ ପେନ୍ସନ୍ ଜାରି ରଖିବାକୁ ହେଲେ ସେମାନଙ୍କୁ ଜୀବିତ ଥିବାର ପ୍ରମାଣ ଦେବାକୁ ପଡ଼େ। ସଂପ୍ରତି ଡିଜିଟାଲ ମାଧ୍ୟମରେ ସେହି ସୁବିଧା ଉପଲବ୍ଧ ହୋଇଛି। କିନ୍ତୁ ବି ବହୁ ପେନ୍ସନ୍ଭୋଗୀ ରହିଛନ୍ତି ଯେଉଁମାନେ ଡିଜିଟାଲ ମାଧ୍ୟମକୁ ବ୍ୟବହାର କରିପାରୁନାହାନ୍ତି।


ସେମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଇପିଏଫ୍ଓ ପକ୍ଷରୁ ମାଗଣା ଡିଜିଟାଲ ପ୍ରମାଣପତ୍ର ସେବା ଆରମ୍ଭ କରାଯାଇଛି। ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଏହି ପ୍ରମାଣପତ୍ର ଦାଖଲ କରିବାକୁ ପଡୁଥିଲା। ଏବେ କିନ୍ତୁ ଯେକୌଣସି ସମୟରେ ତାହା ଦାଖଲ କରାଯାଇପାରୁଛି। ଦାଖଲ କରାଯିବା ତାରିଖଠାରୁ ଏକ ବର୍ଷ ପର୍ଯ୍ୟନ୍ତ ତାହା ବୈଧ ରହିବ। ଇପିଏସ୍-୯୫ ପେନ୍ସନ୍ଭୋଗୀମାନେ ପେନ୍ସନ୍ ବିତରଣ କରୁଥିବା ବ୍ୟାଙ୍କ, ଜନ ସେବା କେନ୍ଦ୍ର, ଡାକଘର, ଡାକ ସେବକ, ଉମଙ୍ଗ ଆପ୍ ଓ ନିକଟସ୍ଥ ଇପିଏଫ୍ଓ କାର୍ଯ୍ୟାଳୟରେ ନିଜର ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ।

# ଆତଙ୍କୀ ଲିଙ୍କ୍: ଜାମ୍ମୁ-କାଶ୍ମୀରର ୫ ସରକାରୀ କର୍ମଚାରୀ ବହିଷ୍କୃତ

**ନୂଆଦିଲ୍ଲୀ:** ଆତଙ୍କବାଦୀ ଅନୁଷ୍ଠାନ ସହ ସମ୍ପୃକ୍ତି ଥିବା ସନ୍ଦେହରେ ଜମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ମଙ୍ଗଳବାର ୫ ଜଣ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛନ୍ତି। ସମ୍ବିଧାନର ଧାରା ୩୧୧ (୨)(ସି) ଅଧୀନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି । ବହିଷ୍କୃତ କର୍ମଚାରୀମାନେ ହେଉଛନ୍ତି ମହମ୍ମଦ ଇସଫାକ୍ (ଶିକ୍ଷକ), ତାରିକ ଅହମଦ ରାହ (ଲ୍ୟାବ ଟେକନିସିଆନ), ବସିର ଅହମଦ ମୀର (ଆସିଷ୍ଟାଣ୍ଟ ଲାଇନମ୍ୟାନ), ଫାରୁକ ଅହମଦ ଭଟ (ବନ ବିଭାଗରେ ଜଣେ କର୍ମଚାରୀ) ଏବଂ ମହମ୍ମଦ ୟୁସୁଫ ( ସ୍ୱାସ୍ଥ୍ୟ ବିଭାଗରେ ଜଣେ ଡ୍ରାଇଭର)।

ସେମାନଙ୍କ ବିରୋଧରେ ଥିବା ତଥ୍ୟ ଅନୁଯାୟୀ ମହମ୍ମଦ ଇସଫାକ ପାକିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ ଲସ୍କର ଏ ତଏବା (ଏଲଇଟି) ପାଇଁ କାର୍ଯ୍ୟ କରୁଥିଲା । ସେ ଏଲଇଟି କମାଣ୍ଡର ମହମ୍ମଦ ଅମିନ ଓରଫ ଅବୁ ଖୁବେବ ସହ ନିୟମିତ ଯୋଗାଯୋଗରେ ଥିଲା। ଇସଫାକକୁ ଏଲଇଟି ଦ୍ୱାରା ଏକ ସକ୍ରିୟ ସଞ୍ଚାଳକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୨୦୨୨ରେ ଦୋଦାରେ ଜଣେ ପୁଲିସ ଅଫିସରଙ୍କୁ ହତ୍ୟା ଘଟଣାରେ ତାର ସମ୍ପୃକ୍ତି ଥିଲା।

ତାରିକ ଅହମଦ ଯୁବ ବୟସରୁ ହିଜବୁଲ ମୁଜାହିଦ୍ଦିନ ଦ୍ୱାରା ପ୍ରଭାବିତ ହୋଇଛି। ୨୦୦୫ରେ ହିଜବୁଲ




ଆତଙ୍କବାଦୀ ଅମିନ ବାବା ପାକିସ୍ତାନକୁ ଖସି ପଳାଇବା ଘଟଣାରେ ଏସ୍ଆଇଏ ( ରାଜ୍ୟ ତଦନ୍ତକାରୀ ସଂସ୍ଥା) ର ତଦନ୍ତ ପରେ ରାହ ଆତଙ୍କବାଦୀ ସଂଗଠନ ସହ ଜଡ଼ିତ ଥିବା ଜଣାପଡ଼ିଥିଲା। ବସିର ଅହମଦ ମୀରର ସ୍ୱାସ୍ଥ୍ୟ ବିଭାଗରେ ଚାକିରି ୧୯୯୬ରେ ରେଗୁଲାର ହୋଇଥିଲା।

ବାନ୍ଦିପୁରାର ଗୁରେଜ ଅଞ୍ଚଳରେ ଏଲଇଟିର ସେ ଜଣେ ସକ୍ରିୟ ସଦସ୍ୟ। ଫାରୁକ ଅହମଦ ସକ୍ରିୟ ଭାବେ ହିଜବୁଲ ମୁଜାହିଦ୍ଦିନ ସହ କାମ କରୁଛି। ମହମ୍ମଦ ୟୁସୁଫ ଆତଙ୍କବାଦୀଙ୍କ ସହ ନିୟମିତ ଯୋଗାଯୋଗରେ ଥିଲା। ଉଲ୍ଲେଖଯୋଗ୍ୟ ଯେ ୨୦୨୦ରୁ ସିହ୍ନାଙ୍କ ଅଧୀନରେ କେନ୍ଦ୍ରଶାସିତ ପ୍ରଶାସନ ୮୫ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛି। ଆତଙ୍କୀ ଇକୋସିଷ୍ଟମ୍ର ମୂଳକୁ ଟାର୍ଗେଟ୍ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ଅଧିକାରୀମାନେ କହିଛନ୍ତି।

### ଅଲ ଓଡିଶା ପୁରୁଷ କବାଡି ପ୍ରିମିୟର ଲିଗ

## ମହାବୀର ୱାରିୟର୍ସ ଚାମ୍ପିଅନ




ଭୁବନେଶ୍ୱର,୧୩।୧(ସବ୍ୟୁ): ପଟିଆ ଗଡ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ଅଲ ଓଡିଶା ପୁରୁଷ କବାଡି ପ୍ରିମିୟର ଲିଗରେ ମହାବୀର ୱାରିୟର୍ସ ଚାମ୍ପିଅନ ହୋଇଛି । ଫାଇନାଲ ମହାବୀର ୱାରିୟର୍ସ ଓ ମା' ମଙ୍ଗଳା ମଧ୍ଯରେ ଖେଳା ଯାଇଥିଲା । ଏଥିରେ ୱାରିୟର୍ସ ୩୩-୩୩ (୬-୪)ରେ ବିଜୟୀ ହୋଇଥିଲା ।

ଉଦଯାପନୀ ଉତ୍ସବରେ ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଧାୟିକା ସୋଫିଆ ଫିର୍ଦୋସ, ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ସହ, ଲକ୍ଷ୍ମୀପ୍ରିୟା ପରିଡା, ଚିତ୍ତରଞ୍ଜନ ପାତ୍ର, ସନ୍ତୋଷ ପରିଡା, ସୁବାସ ପାତ୍ର, ସଞ୍ଜୟ ସେଠୀ, ଅଜୟ ବେହେରା, ସୂର୍ଯ୍ୟକାନ୍ତ ମହାନ୍ତି, ଶ୍ରୀମୟୀ ମିଶ୍ର, ପ୍ରଦୀପ ଜେନା, ପ୍ରଶାନ୍ତ ପରିଡା, ପିଣ୍ଟୁ ପାତ୍ର, ରିଙ୍କୁ ବଡଜେନା, ଅଜୟ ନାୟକ, ଯଯାତି ଜେନା ଓ ଟିକି ନାୟକଙ୍କ ସହ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ମୋଟ ୬ଟି ଦଳ ଏଥର ଲିଗରେ ସାମିଲ ହୋଇଥିଲେ । ପରିବର୍ତ୍ତୀ ସଂସ୍କରଣଠୁ ଉଭୟ ପୁରୁଷ ଓ ମହିଳା ବର୍ଗରେ ଲିଗ ଆୟୋଜନ କରାଯିବ ବୋଲି କହିଛନ୍ତି ସଭାପତି ସୁବାସ ପରିଡା ।

# ଆଜି ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିନିକିଆ

ରାଜକୋଟ୍,୧୩।୧(ଏଜେନ୍ସି): ବୁଧବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ ରାଜକୋଟରେ ଖେଳାଯିବ । ଏବେ ସୁଧା ଭାରତ ୧-୦ରେ ଅଗ୍ରଣୀ ରହିଛି । ତେଣୁ ବୁଧବାର ଦ୍ୱିତୀୟ ଦିନିକିଆ ଜିତି ଟିମ୍ ଇଣ୍ଡିଆ ଆଗୁଆ ଶୃଙ୍ଖଳା କବ୍ଜା କରିବା ଲକ୍ଷ୍ୟରେ ରହିଛି । ପ୍ରତିପକ୍ଷ ନ୍ୟୁଜିଲାଣ୍ଡ ପାଇଁ ଏହି ମ୍ୟାଚ କର ବା ମର ଭଳି । କାରଣ ପ୍ରଥମ ମ୍ୟାଚ ଦଳ ହାରି ସାରିଥିବାରୁ ଶୃଙ୍ଖଳା ବଞ୍ଚାଇବା ଲାଗି ଦ୍ୱିତୀୟ ମ୍ୟାଚ ଜିତିବା ନିତ୍ୟାନ୍ତ ଜରୁରୀ । ତେବେ ଭାରତୀୟ ଦଳ ଏକ ଶକ୍ତିଶାଳୀ ଚୂଡାନ୍ତ ଏକାଦଶ ନେଇ ପଡିଆକୁ ଓହ୍ଲାଇବ । ସବୁଠାରୁ ବଡ଼ କଥା ହେଲା ଯେ ଦ୍ୱିତୀୟ ଦିନିକିଆ ପୂର୍ବରୁ ଭାରତୀୟ ଦଳକୁ ଝଟକା ଲାଗିଛି । ୱାଶିଂଟନ ସୁନ୍ଦର ଆହତ କାରଣରୁ ଶୃଙ୍ଖଳାରୁ ବାଦ ପଡିଛନ୍ତି । ଭଦୋଦରାରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ସେ ଆହାତ ହୋଇଥିଲେ । ସେ ଅଣ୍ଟା ଓ ପିଠିର ମାଂସପେଶୀରେ କଷ୍ଟ ଅନୁଭବ କରୁଛନ୍ତି । ତେଣୁ ତାଙ୍କୁ ବିଶ୍ରାମ ଦରକାର । ଏଦୃଷ୍ଟିରୁ ସୁନ୍ଦରଙ୍କ ସ୍ଥାନରେ ଆୟୁଷ ବଦୋନୀଙ୍କୁ ଦଳରେ ସାମିଲ କରାଯାଇଛି । ସେ ରାଜକୋଟରେ ଦଳ ପାଇଁ ପଦାର୍ପଣ କରିପାରନ୍ତି । ଦଳକୁ ନଂ ୫ ସ୍ଥାନରେ ଏପରି ଜଣେ ବ୍ୟାଟର ଦରକାର । ଯେକି ବୋଲିଂ ମଧ୍ୟ କରିପାରୁଥିଲେ ।

ଘରୋଇ ଫର୍ମାଟରେ ବଦୋନୀ ଲଗାତାର ଭଲ ପ୍ରଦର୍ଶନ କରୁଛନ୍ତି । ବିଜୟ ହଜାରେ ଟ୍ରଫିରେ ସେ ଦିଲ୍ଲୀ ପାଇଁ ପ୍ରମୁଖ ଅଲରାଉଣ୍ଡର ଭାବେ ଉଭା ହୋଇଥିଲେ । ରେଳବାଇ ବିରୋଧରେ ସେ ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ନେଇଥିଲେ । ଭଲ ସ୍ପିନ ବୋଲିଂ କରିପାରନ୍ତି । ଦଳରେ ନୀତିଶ କୁମାର ରେଡ୍ଡୀ ଓ ଧ୍ରୁବ ଜୁରେଲ ରହିଛନ୍ତି । ଜୁରେଲ ମଧ୍ୟ ୱିକେଟ୍ କିପର ବ୍ୟାଟର । ଦଳ ପାଖରେ ଲୋକେଶ ରାହୁଲଙ୍କ ଭଳି କିପର ରହିଛନ୍ତି । ତେଣୁ ଜୁରେଲଙ୍କ ଆବଶ୍ୟକତା ଏବେ କମ୍ ରହିଛି । ବଦୋନୀଙ୍କ ସୁଯୋଗ ମିଳିବା ଏକ ପ୍ରକର ସ୍ପଷ୍ଟ । ଦଳରେ ଅଧିକ ପରିବର୍ତ୍ତନ ହେବ ନାହିଁ । ତେଣୁ ବାମହାତି ଦ୍ରୁତ ବୋଲର ଚୂଡାନ୍ତ ଏକାଦଶରୁ ବାଦ ପଡିପାରନ୍ତି ।

ଭାରତୀୟ ସମୟ ଅପରାହ୍ଣ ୧.୪୫ ମିନିଟରେ ମ୍ୟାଚ ଆରମ୍ଭ ହେବ । ଦର୍ଶକ ଏହି ମ୍ୟାଚର ସିଧାପ୍ରସାରଣ ଷ୍ଟାର ନେଟୱାର୍କରେ ଦେଖିବାକୁ ପାଇବେ ।



**ସମ୍ଭାବ୍ୟ ଭାରତୀୟ ଦଳ:** ଶୁଭମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟାସ ଆୟର, ଲୋକେଶ ରାହୁଲ, ନୀତିଶ କୁମାର ରେଡ୍ଡୀ/ଆୟୁଷ ବଦୋନୀ, ରବିନ୍ଦ୍ର ଜାଡେଜା, ହର୍ଷିତ ରାଣା, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ମହମ୍ମଦ ସିରାଜ ।

**ସମ୍ଭାବ୍ୟ ନ୍ୟୁଜିଲାଣ୍ଡ ଦଳ:** ଦେବନ କନୱେ, ହେନରି ନିକୋଲାସ, ୱିଲୟଙ୍ଗ,. ଡାର୍ଲି ମିଚେଲ, ମିଚେଲ ହେ, ଗ୍ଲେନ୍ ଫିଲିପ୍ସ, ମିଚେଲ ବ୍ରାସୱେଲ (ଅଧିନାୟକ), ଖ୍ରୀଷ୍ଟିଆନ୍ କ୍ଲାର୍କ, କାଏଲ ଜାମିସନ, ଜ୍ୟାକ ଫଲକିସ, ଆଦିତ୍ୟ ଅଶୋକ, ଜୟଦିନ ନିଲକ୍ସ ।

## ଗମ୍ଭୀରଙ୍କ ଦୋମୁହାଁ ନୀତି

ଆହତ ୱାଶିଂଟନ ସୁନ୍ଦର ପ୍ରଥମ ଦିନିକିଆରେ ବ୍ୟାଟିଂ କରିଥିଲେ । ଶେଷ ଯାଏ ଲୋକେଶ ରାହୁଲଙ୍କ ସହ ମିଶି ଅପରାଜିତ ୭ ରନ୍ କରିଥିଲେ । ଭାରତ ମ୍ୟାଚ ଜିତିଥିଲେ ବି ଅଧିନାୟକ ଶୁଭମନ ଗିଲ ଏବଂ ଗୌତମ ଗମ୍ଭୀରଙ୍କ ମନୋଭାବକୁ ନେଇ ପ୍ରଶ୍ନ ଉଠିଛି । ଗୋଟିଏ ମ୍ୟାଚ ଖେଳି ୱାଶିଂଟନ ଶୃଙ୍ଖଳାରୁ ବିଦା ହୋଇଛନ୍ତି । ତାଙ୍କ ସ୍ଥାନରେ ଆୟୁଷ ବଦୋନୀଙ୍କୁ ସୁଯୋଗ ମିଳିଛି । ଆହତ ହୋଇ ଯନ୍ତ୍ରଣାରେ ୱାଶିଂଟନ ବ୍ୟାଟିଂ ପାଇଁ ଆସିଥିବାରୁ ପୂର୍ବତନ ଖେଳାଳି ମହମ୍ମଦ କୈଫ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଦଳର ମ୍ୟାନେଜମେଣ୍ଟ ଦୋମୁହାଁ ନୀତି ଆପଣାଉଛି । ଯେତେ ବେଳେ ଦ.ଆଫ୍ରିକା ବିପକ୍ଷ ଶୃଙ୍ଖଳାରେ ଗିଲ ଆହତ ହୋଇଥିଲେ ତାଙ୍କୁ କୋଚ ଓ ମ୍ୟାନେଜମେଣ୍ଟ ସୁରକ୍ଷା ଦେଇଥିଲା । କିନ୍ତୁ ସୁନ୍ଦରଙ୍କ କ୍ଷେତ୍ରରେ ସେପରି କିଛି ଦେଖିବାକୁ ମିଳିନଥିଲା । ଯଦି ସେହି ମ୍ୟାଚରେ ଗିଲ ୨୦/୩୦ ରନ କରିଥାନ୍ତେ ତା'ହେଲେ ଯାଇ ଭାରତ ଜିତିପାରିଥାନ୍ତା । ସୁନ୍ଦରଙ୍କ ସହ ଦଳ ଠିକ କରିନାହିଁ । ଭାରତ ମ୍ୟାଚ ଜିତିଥିଲେ ବି ସୁନ୍ଦରଙ୍କୁ ବ୍ୟାଟିଂ ପାଇଁ ପଠାଯିବା ନିଷ୍ପତ୍ତି ଠିକ୍ ନଥିଲା । ଚାପରେ ଥିବା ବେଳେ ଆହତ ବ୍ୟାଟରଙ୍କୁ ଖେଳିବାକୁ ପଠାଇଲେ ସ୍ଥିତି ଅଧିକ ବିଗିଡି ଯାଏ ବୋଲି କୈଫ କହିଛନ୍ତି ।




### ବିଜୟ ହଜାରେ ଟ୍ରଫି

## ସୌରାଷ୍ଟ୍ର-ପଞ୍ଜାବ, କର୍ଣ୍ଣାଟକ-ବିଦର୍ଭ ସେମିଫାଇନାଲ

ବେଙ୍ଗାଲୁରୁ,୧୩।୧(ଏଜେନ୍ସି): ବିସିସିଆଇ ଏକଦିବସୀୟ ଘରୋଇ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫିର ସେମିଫାଇନାଲ ଲାଇନ ଅପ୍ ଚୂଡାନ୍ତ ହୋଇଛି । ପ୍ରଥମ ସେମିଫାଇନାଲ କର୍ଣ୍ଣାଟକ-ବିଦର୍ଭ, ଦ୍ୱିତୀୟ ସେମିଫାଇନାଲ ସୌରାଷ୍ଟ୍ର-ପଞ୍ଜାବ ମଧ୍ୟରେ ଖେଳାଯିବ । ମଙ୍ଗଳବାର ଅନୁଷ୍ଠିତ ଚତୁର୍ଥ ତଥା ଶେଷ କ୍ୱାର୍ଟରଫାଇନାଲରେ ବିଦର୍ଭ ୭୬ ରନରେ ଦିଲ୍ଲୀକୁ ଧରାଶାୟୀ କରି ସେମିଫାଇନାଲରେ ପ୍ରବେଶ କରିଥିଲା । ପ୍ରଥମ ସେମିଫାଇନାଲ ୧୫ ତାରିଖରେ ଓ ଦ୍ୱିତୀୟ ସେମିଫାଇନାଲ ୧୬ ତାରିଖରେ ଖେଳାଯିବ । ଦୁଇଟିଯାକ ମ୍ୟାଚ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ । ମଙ୍ଗଳବାର ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟରରେ ବିଦର୍ଭ ୫୦ ଓଭରରେ ୯ ୱିକେଟ୍ ହରାଇ ୩୦୦ ରନ୍ କରିଥିଲା । ଦଳ ପକ୍ଷରୁ ଅର୍ଥବ ତାଇଡେ ୬୨, ଧ୍ରୁବ ସୋରି ୪୯, ଯଶ ରାଠୋଡ ୮୬ ରନ୍ କରିଥିଲେ । ଦିଲ୍ଲୀର ଇଶାନ୍ତ ଶର୍ମା, ନବଦୀପ ସାଇନୀ, ପ୍ରିନ୍ସ ଯାଦବ ଓ ନୀତିଶ ରାଣା ପ୍ରତ୍ୟେକ ଦୁଇଟି କରି ୱିକେଟ୍ ସଫଳତା ହାସଲ କରିଥିଲେ । ୩୦୧ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଦିଲ୍ଲୀ ପକ୍ଷରୁ ବୈଭବ କନ୍ଦପାଳ ୨୮, ପ୍ରିୟନ୍ସ ଆର୍ଯ୍ୟ ୨୮, ଅନୁଜ ରାୱତ ୬୬ ରନ୍, ହର୍ଷ ତ୍ୟାଗୀ ୨୭ ଓ ହୃତିକ ସୋକିନ ୨୧ ରନ୍ କରିଥିଲେ । ଏହା ସତ୍ତ୍ୱେ ଦିଲ୍ଲୀ ୪୫.୧ ଓଭରରେ ୨୨୪ ରନ୍ କରି ଅଲଆଉଟ୍ ହୋଇଥିଲା । ନଚିକେତ ଭୂତେ ୪ଟି, ହର୍ଷ ଦୁବେ ୩ଟି, ପ୍ରଫୁଲ୍ଲ ହିଙ୍ଗ ୨ଟି ଓ ଯସ କଦମ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ । ଯସ ରାଠୋରଙ୍କୁ ୮୬ ରନର ଇନିଂସ ପାଇଁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା ।




## କେପିଏଲ ଲିଗ କ୍ରିକେଟ ପଞ୍ଚମ ଦିନ: ବାଲୁଙ୍କେଶ୍ୱର ବିଜୟୀ

କୁଆଖିଆ,୧୩।୧(ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ହାଇସ୍କୁଲ ପଡିଆରେ ୭ ମ ଖଣ୍ଡିତର କେ ପି ଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପଞ୍ଚମ ଦିବସରେ ବାଲୁଙ୍କେଶ୍ୱର ବୁଲସ ସହ ରୟଲ ଚାଲେଞ୍ଜସ ବାହାଦଲପୁର ମଧ୍ୟରେ ହୋଇଥିଲା । ବାଲୁଙ୍କେଶ୍ୱର ବୁଲସ ୭୬ ରନ କରି ଥିବା ବେଳେ ରୟାଲ ଚାଲେଞ୍ଜସ ମାତ୍ର ୨୬ ରନ କରି ଅଲ ଆଉଟ ହୋଇଥିଲେ । କାତରଝପୁର ଲିୟନ୍ସ ୯୫ ରନ କରି ଥିବା ବେଳେ ଜେ ଏମ ସି ପରିଡ଼ାବାଦ ୧ ରନ ରେ ମ୍ୟାଚ ହାରିଯାଇଥିଲା । ଚତୁର୍ଥ ଦିବସ ରେ ଇଲେଭେନ ଷ୍ଟାର ଜଗତପୁର ସହ କତରଝ ପୁର ଲିୟନ୍ସ ମଧ୍ୟରେ ଖେଳ ହୋଇଥିଲା । ଦଳ ର ପଙ୍କଜ ଜେନା ୪୨ ରନ କରି ଥିବା ବେଳେ ଦଳ ୯୧ ରନ କରିଥିଲା କାତରପୁର ଲିୟନ୍ସ ମାତ୍ର ୪୯ ରନ କରି ଅଲ ଆଉଟ ହୋଇଥିଲେ । ଦ୍ୱିତୀୟ ଖେଳ ରୁଥ ଲେସସ ହାର୍ଡ ହିଟର ସହ ରୟାଲ ଚାଲେଞ୍ଜସ ମଧ୍ୟରେ ହୋଇଥିଲା । ରୁଥ ଲେସସ ହାର୍ଡ ହିଟର ୧୧୩ ରନ କରି ଥିବା ବେଳେ ବାହାଦଲପୁର ରୟାଲ ଚାଲେଞ୍ଜସ ମାତ୍ର ୧୦୨ ରନ କରି ପରାସ୍ତ ହୋଇଛି । ଉଦଘାଟନ ଉତ୍ସବ ରେ ଅଧାପକ ସମରେନ୍ଦ୍ର ଦାଶ ସଭାପତିତ୍ବ କରିଥିଲେ । ମୁଖ୍ୟ ଅତିଥି ଉଦଘାଟନ ରେ ସମାଜସେବୀକା ମିନତୀ ସାହୁ ଯୋଗ ଦେଇଥିଲେ । ଅତିଥି ଭାବେ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ, ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ, ବି ଜେ ପି ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, ମୁରବି ମନୁ ସାହୁ, ଧନଞ୍ଜୟ ସାହୁ ଯୋଗ ଦେଇଥିଲେ । ତୃତୀୟ ଦିବସ ରେ ବାଲୁଙ୍କେଶ୍ୱର ବୁଲସ ସହ ନିମପଝଟଣ ମଧ୍ୟରେ ଖେଳ ହୋଇଥିଲା । ନିମପଟଣା ନାଇଟ୍ ଏଙ୍ଗଲ ୫ ଓ୍ୱ କେଟ ରେ ବିଜୟୀ ହୋଇଛି । ଦଳ ର ଶୁଭ ସିଦ୍ଧାନ୍ତ ବାଭି ୨୫ ବଲରୁ ୪୪ ରନ କରି ମ୍ୟାନ ଅଫ ମ୍ୟାଚ ହୋଇଛନ୍ତି । ସେହିପରି ଖଣ୍ଡିତର କେ ପି ଏଲ ରେ ବହୁ ଜବରଦସ୍ତ ଖେଳ ହୋଇଛି । ଜିତେନ୍ଦ୍ର ସାହୁ ମ୍ୟାନ ଅଫ ମ୍ୟାଚ ହୋଇଛି । ଏହି ଖେଳ ୧୪ ତାରିଖ ଯାଏ ଚାଲିବ । ଆମ୍ପାୟାର ଶ୍ରୀକାନ୍ତ ନନ୍ଦ, ସୁବାସ ମଲିକ, ପରିଚାଳନା କରୁଥିବା ବେଳେ କେ ପି ଏଲ ର ରଜନୀକାନ୍ତ ପଣ୍ଡା, ଶିବାନୀ ଶଙ୍କର ପଣ୍ଡା, ତପନ ଦଳାଇ, ବିପ୍ର ପ୍ରତାପ ପୃଷ୍ଟି, ଜିତେନ୍ଦ୍ର ସାହୁ, ସତ୍ୟବ୍ରତ ପଣ୍ଡା, ସଂଜୀବ ସେଠି, ସୌମ୍ୟ ରଞ୍ଜନ କର, ଭରତ ସାହୁ, ହେମନ୍ତ କର ଖେଳ ପରିଚାଳନା କରିଥିଲେ ।




## ଡ୍ରିମ୍ସରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ

କଟକ,୧୩।୧(ସବ୍ୟୁ): ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଗ୍ରାଉଣ୍ଡରେ ଚାଲିଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣମେଣ୍ଟ ଦ୍ୱିତୀୟ ଦିବସରେ ସହିଦ୍ ଏନ୍ ପଟେଲ ବିଶ୍ୱବିଦ୍ୟାଳୟ ଓ ଆସାମ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛି । ରେଭେନ୍ସା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସ ପ୍ରଥମ ମ୍ୟାଚରେ ରାଧାଗୋବିନ୍ଦଚନ୍ଦ୍ର ବିଶ୍ୱବିଦ୍ୟାଳୟକୁ ସହିଦ୍‌ଜଏନ୍ ପଟେଲ ବିଶ୍ୱବିଦ୍ୟାଳୟ ୧୦ ୱିକେଟ୍ ଏବଂ ସେହିପରି ଦ୍ୱିତୀୟ ମ୍ୟାଚରେ ବିର୍ଲା ଇନ୍‌ଷ୍ଟିଟ୍ୟୁଟ୍ ଟେକ୍‌ନୋଲୋଜିକୁ ଆସାମ ବିଶ୍ୱବିଦ୍ୟାଳୟ ୫ ୱିକେଟ୍‌ରେ ପରାସ୍ତ କରିଥିଲା । ଏହି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହେବା ସହିତ ଶୁଭେଚ୍ଛା ଜଣାଇଥିଲେ । ଆୟୋଜକ କମିଟି ସଂପାଦକ ଅଞ୍ଜନ କୁମାର ଖୁଣ୍ଟିଆ , କ୍ରୀଡା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



## ଚରପଡା ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ : ଅବଦୁଲପୁର ଚାମ୍ପିଅନ

ରାଜକନିକା,୧୩।୧(ସବ୍ୟୁ):ରାଜକନିକା ବ୍ଲକ ଚରପଡା ଯୁବକ ସଙ୍ଘ ଆନୁକୂଲ୍ୟରେ ଚାଲିଥିବା ୯ ତମ ଚରପଡା ପ୍ରିମିଅର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳ କ୍ରିଶୋଲ ଷ୍ଟାଇକର ଦଇତରିପୁର ବନାମ ଅବଦୁଲପୁର ଡୋମିନେଟରସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉଦଯାପନୀ ଖେଳରେ କ୍ରିଶୋଲ ଷ୍ଟାଇକର ଦଇତରିପୁର କୁ ୩ ୱିକେଟରେ ହରାଇ ଅବଦୁଲପୁର ଚାମ୍ପିଅନ ହୋଇଛି । ପ୍ରଥମେ କ୍ରିଶୋଲ ଷ୍ଟାଇକର ଦଇତରିପୁର ବ୍ୟାଟିଂ କରି ୧୫ ଓଭରରେ ୧୦ ୱିକେଟ ହରାଇ ୧୧୩ରନ କରିଥିଲା ଏହାର ଜବାବ ରେ ଅବଦୁଲପୁର ୧୪ ଓଭରରେ ୭ ୱିକେଟ ହରାଇ ୧୧୪ ରନ କରି ବିଜୟ ଲାଭ କାରିଥିଲା । ଏହି ଖେଳରେ ଶିକ୍ଷବିତ ନିରଞ୍ଜନ ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର, ମୁଖ୍ୟ ବକ୍ତାଭାବେ ଓଡ଼ିଶାର ସର୍ବ କନିଷ୍ଠ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଓ ସମ୍ମାନିତ ଅତିଥି ଭାବେ ମହାକାଳପଡ଼ାର ଯୁବ ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ, ଆଳି ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା,ସନସାଇନ ମେଡିକାଲର ଅଧକ୍ଷ ଅୟସକାନ୍ତ ମହାନ୍ତି ଅନ୍ୟତମ ଅତିଥି ଭାବେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଶୁଭ୍ରରଞ୍ଜନ ସାମଲ ଏବଂ ଓଲିଉଡ଼ ଅଭିନେତ୍ରୀ ଭୂମିକା ଦାଶ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ଚାମ୍ପିଅନ ଟ୍ରଫି ସହିତ ୧୧୧୧୧୧ଟଙ୍କା ଓ ଉପବିଜେତା ଦଳକୁ ରନର୍ସ ଅପ ଟ୍ରଫି ସହିତ ୫୫୫୫୫୫ ଟଙ୍କା ପ୍ରଦାନ କରିଥିଲେ । ଏହି ଖେଳରେ ଗୁଲସନ କୁମାର ମ୍ୟାନ ଅଫ ଦ ମ୍ୟାଚ ହୋଇଥିବାବେଳେ ଶୁଭକାନ୍ତ ମଲିକ ମ୍ୟାନ ଅଫ ଦ ସିରିଜ ବିବେଚିତ ହୋଇଥିଲେ । ଖେଳ ଶେଷରେ ଓଲିଉଡ଼ ଅଭିନେତ୍ରୀ ଭୂମିକା ଦାଶଙ୍କ ଦ୍ୱାରା ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା । ଚରପଡା ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟର ସଭାପତି ଶୁଭରକାନ୍ତ ସାମଲ,ସମ୍ପାଦକ ରାଜେଶ ସାମଲ ,ଲକି,ରାଜା,ଚିକୁ,ଲିପୁ,ସିପୁ,ଲାଲଟୁ,ବାୟା,ସାନୁ,ବିପୁଲି, ଚିନୁଆ,ଗୁଡୁ,ଜଗାଙ୍କ ସମେତ ସମସ୍ତ ସଦସ୍ୟ ଏହି ଖେଳକୁ ସହଯୋଗ କରିବା ସହିତ ଟୁର୍ଣ୍ଣାମେଣ୍ଟ କୁ ସମାପନ କରିଥିଲେ ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ପେମେଣ୍ଟ କରି ପେମେଣ୍ଟ ରସିଦକୁ ବିଜ୍ଞାପନ ସହ [illegible] / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible]ରେ ଯୋଗାଯୋଗ କରନ୍ତୁ ।

## ଟି-୨୦ ବିଶ୍ୱକପ୍ ବାଂଲାଦେଶ ପାଖରେ ଦୁଇଟି ବିକଳ୍ପ

ନୂଆଦିଲ୍ଲୀ,୧୩।୧(ଏଜେନ୍ସି): ଟି-୨୦ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ଖୁବ୍ କମ ଦିନ ରହିଲା । କିନ୍ତୁ ଏପର୍ଯ୍ୟନ୍ତ ବାଂଲାଦେଶ ପ୍ରସଙ୍ଗର ସମାଧାନ ହୋଇପାରିନାହିଁ । ଆଇପିଏଲରୁ ବାଂଲାଦେଶ ଖେଳାଳି ମୁସ୍ତାଫିଜୁର ରହମାନଙ୍କୁ ବାହାର କରାଯିବା ପରେ ବାଂଲାଦେଶ କ୍ରିକେଟ୍ ବୋର୍ଡ ଭାରତରେ ଟି-୨୦ ବିଶ୍ୱକପ୍ ଖେଳିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲା । ଭାରତରେ ଖେଳାଯିବାକୁଥିବା ମ୍ୟାଚ ଶ୍ରୀଲଙ୍କାରେ ଖେଳିବା ପାଇଁ ଜିଦ ପାଇଁ ଅଡି ବସିଛି ବାଂଲାଦେଶ । ଏହା ପଛରେ ସୁରକ୍ଷା କାରଣ ଦର୍ଶାଇଛି ଡିସିବି । ବାଂଲାଦେଶର ଦାବିକୁ ଆଇସିସି ଅଗ୍ରାହ୍ୟ କରିଛି । ଭାରତରେ ସୁରକ୍ଷାର କୌଣସି ବିପଦ ନାହିଁ । ଏଥିରୁ ସ୍ପଷ୍ଟ ଯେ, ଆଇସିସି ବାଂଲାଦେଶର ମ୍ୟାଚ ଗୁଡିକ ଭାରତରୁ ସ୍ଥାନାନ୍ତର କରିବାକୁ ପ୍ରସ୍ତୁତ ନୁହେଁ । ଏଭଳି ସମୟରେ ବାଂଲାଦେଶ ପାଖରେ ଦୁଇଟି ବିକଳ୍ପ ରହିଛି । ଯଦି ବାଂଲାଦେଶ ଖେଳିବ ନାହିଁ ଏବଂ ଟୁର୍ଣ୍ଣାମେଣ୍ଟକୁ ବହିଷ୍କାର କରିବ ତେବେ ଆଇସିସି ବାଂଲାଦେଶ ବଦଳରେ କୌଣସି ଅନ୍ୟ ଦଳକୁ ସାମିଲ କରିପାରିବ । ଏସବୁ ଏତେ କମ୍ ସମୟ ମଧ୍ୟରେ ହେବା ସହଜ ନୁହେଁ । ଏପରି ସ୍ଥିତିରେ ଆଇସିସି ବାଂଲାଦେଶକୁ ନିଷ୍ପତ୍ତି ବଦଳାଇବାକୁ ଅନୁରୋଧ କରିବ । ଯଦି ବାଂଲାଦେଶ ବଦଳରେ ଅନ୍ୟ କୌଣସି ଦଳ ବିଶ୍ୱକପ୍ ସୁଯୋଗ ପାଏ ତେବେ ତାହା ସ୍କଟଲାଣ୍ଡ ହେବ । ଏପର୍ଯ୍ୟନ୍ତ ମାମଲାରେ ସ୍ପଷ୍ଟ ଯେ, ଆଇସିସି ବାଂଲାଦେଶର ଦାବିକୁ ସ୍ୱୀକାର କରିବ ନାହିଁ । ଏହାପଛର କାରଣ ହେଉଛି ବିଶ୍ୱକପ ଆରମ୍ଭ ହେବାର ଆଉ ଅଳ୍ପ ଦିନ ଅଛି । ହୋଟେଲ ବୁକିଂ, ଖେଳାଳି ଓ ସପୋର୍ଟିଂ ଷ୍ଟାଫଙ୍କ ଭିସା ତଥା ଅନ୍ୟାନ୍ୟ ସମସ୍ତ ଜରୁରୀ କାମ ପୂର୍ବରୁ ହୋଇସାରିଛି । ଅଚାନକ ଏଥିରେ ପରିବର୍ତ୍ତନ ସମ୍ଭବ ନୁହେଁ ।



Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି